



ଦିବ୍ୟା ମହିଳା ଚେସ୍ ବିଶ୍ୱକପ୍ ଚାମ୍ପିଅନ୍

▶କ୍ରୀଡ଼ା ପୃଷ୍ଠାରେ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-35 ◆TUESDAY ◆29 JULY 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୩୫ ◆ମଙ୍ଗଳବାର ◆୨୯ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ସାହାରା ଇଣ୍ଡିଆ ଜମି ଦୁର୍ନୀତି**

## ୧୦୦୦ କୋଟିର ଜମିକୁ ୧୨୦ କୋଟିରେ ବିକିଦେଲେ

**ସୁବ୍ରତ ରୟଙ୍କ ପୁଅ ବିରୋଧରେ ମାମଲା ରୁଜୁ କଲା ଇଓଡବ୍ଲ୍ୟୁ**

■ **ଭୋପାଳ,୨୮।୭ (ଏଜେନ୍ସି):** ମଧ୍ୟପ୍ରଦେଶରେ ସାହାରା ଇଣ୍ଡିଆର ଜମି ବିକ୍ରି କ୍ଷେତ୍ରରେ ହୋଇଛି ବଡ଼ ଧରଣର ଦୁର୍ନୀତି। ଏଥିରେ ସାହାରାର ୫୦୦ ଏକର ଜମିରେ ୭୩ କୋଟି ଟଙ୍କାର ଠକେଇ ମାମଲା ସାମ୍ନାକୁ ଆସିଛି। ଏହି ମାମଲାରେ, ଇଓଡବ୍ଲ୍ୟୁ ସାହାରାର ପୂର୍ବତନ ମୁଖ୍ୟ ସୁବ୍ରତ ରୟଙ୍କ ପୁଅ ସୀମାନ୍ତ ରୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିରେ ସାହାରା ପରିଚାଳନାର ଅନେକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି। କୁହାଯାଉଛି ଯେ ଏଥିରେ ପାଖାପାଖି ୧୦୦୦ କୋଟି ଟଙ୍କା ମୂଲ୍ୟର ଜମିକୁ ୧୨୦ କୋଟି ଟଙ୍କାରେ ବିକ୍ରି କରିଦିଆଯାଇଛି। ଏହି ଜମି ବିକ୍ରି ଭୋପାଳ, ଜବଲପୁର, କଟନୀ, ସାଗର ଏବଂ ଗ୍ୱାଲିଅରରେ ହୋଇଛି। ଜମି ବିକ୍ରି ବାବଦ ଅର୍ଥକୁ ସାହାରା ଗ୍ରୁପର ବିଭିନ୍ନ ସହଯୋଗୀ କମ୍ପାନୀର ଆକାଉଣ୍ଟକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି।

ଏହି ଘଟଣାରେ ଆଇପିସିର ଧାରା ୪୨୦ ଏବଂ ୧୨୦ବି ଅଧୀନରେ ସାହାରା ଇଣ୍ଡିଆ, ସାହାରା ପ୍ରାଇମ୍ ସିଟି ଲିମିଟେଡ୍, ସୀମାନ୍ତୋ ରୟ (କର୍ପୋରେଟ୍ କେଣ୍ଟ୍ରାଲ ମ୍ୟାନେଜମେଣ୍ଟ), ଜେବି ରୟ(ଡିଜିଏମ୍-ଡିଏମ୍ଡବ୍ଲ୍ୟୁ) ଓପି ଶ୍ରୀବାସ୍ତବ (ଡେପୁଟି ମ୍ୟାନେଜିଂ ୱାର୍କର) ଏବଂ ▶ପୃଷ୍ଠା-୭

**ଅପରେସନ ମହାଦେବ**

## ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ମୁସା ନିହତ

■ **ଶ୍ରୀନଗର, ୨୮।୭ (ଏଜେନ୍ସି):** ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତୀୟ ସେନା। ଶ୍ରୀନଗର ଲିଡବାସ ଅଞ୍ଚଳରେ ଲୁଚିଥିବା ୩ ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ମୃତ ଆତଙ୍କବାଦୀଙ୍କ ମଧ୍ୟରେ ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମାନ ଶାହା ଓରଫ ହାସିମ ମୁସା ସାମିଲ ରହିଛି। 'ଅପରେସନ ମହାଦେବ' ଜରିଆରେ ଭାରତୀୟ ସେନାକୁ ଏହି ସଫଳତା ମିଳିଛି ବୋଲି ସେନା ଅଧିକାରୀମାନେ କହିଛନ୍ତି। ଅନ୍ୟ ଆତଙ୍କବାଦୀଙ୍କୁ ଚିହ୍ନଟ ପାଇଁ ପ୍ରୟାସ କରାଯାଉଛି। ଜଣେ ଆତଙ୍କବାଦୀ ୨୦୨୪ର ସୋନମାର୍ଗ ସୁଡ଼ଙ୍ଗ ପ୍ରକଳ୍ପ ଉପରେ ହୋଇଥିବା ଆକ୍ରମଣରେ ସାମିଲ ଥିବା କୁହାଯାଉଛି। ଆତଙ୍କବାଦୀଙ୍କ ନିକଟରୁ ଆମେରିକାର ଏମ୍-୪ କାର୍ବାଇନ, ଏକେ-୪୭, ୧୭ ରାଇଫଲ ଏବଂ ଗ୍ରେନେଡ ମିଳିଛି। ଆଉ କିଛି ସନ୍ଦେହଜନକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ସୁଲେମାନ ଶାହା ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବାର ସଦସ୍ୟ ଥିଲା। ସେ ପାକିସ୍ତାନ ସେନାର ଏଲିଟ ୟୁନିଟ ସ୍ପେସିଆଲ ସର୍ଭିସ ଗ୍ରୁପ ▶ପୃଷ୍ଠା-୭



**ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ମାମଲା**

# ଇସିଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

### ଆଧାର କାର୍ଡ, ଭୋଟର ପରିଚୟପତ୍ରକୁ ପ୍ରମାଣ ରୂପେ ଗ୍ରହଣ କରିବାକୁ ନିର୍ଦ୍ଦେଶ



**ଜାଲିଆତି ସଂପର୍କରେ ନିର୍ବାଚନ କମିସନଙ୍କ ଯୁକ୍ତି ଅଗ୍ରାହ୍ୟ**

**ଭୋଟର ତାଲିକା ସଂଶୋଧନକୁ ବି ରଦ୍ଦ କରିପାରିବେ କୋର୍ଟ**

■ **ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ସ୍ପେସିଆଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର)କୁ ନେଇ ବିବାଦ ଥମିବାର ନାଁ ଧରୁନାହିଁ। ସଂସଦରେ ଏହାକୁ ନେଇ ଅଚଳାବସ୍ଥା ଲାଗି ରହିଥିବା ବେଳେ ଏହି ମାମଲା ଉପରେ ଆଜି ସୁପ୍ରିମ କୋର୍ଟରେ ଶୁଣାଣି ହୋଇଛି। ନିର୍ବାଚନ କମିସନ ଚଳାଇଥିବା ଏହି ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ତେବେ ସଂଶୋଧନ ପ୍ରକ୍ରିୟାରେ ଆଧାର କାର୍ଡ, ଭୋଟର ଆଇଡି ଏବଂ ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ଗ୍ରହଣ କରିବା ଲାଗି କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିସନଙ୍କ ଆଭିମୁଖ୍ୟରେ ଉଦ୍‌ବେଗ ପ୍ରକାଶ କରି କୋର୍ଟ କହିଛନ୍ତି ଯେ ଏହି ପ୍ରକ୍ରିୟାରେ ଭୋଟରଙ୍କୁ କାଟିବା ଅପେକ୍ଷା ଅଧିକ ଭୋଟରଙ୍କୁ ସାମିଲ କରାଯିବା ଉଚିତ।

ଆଜି ଶୁଣାଣି ବେଳେ କୋର୍ଟ ପ୍ରଶ୍ନ କରିଥିଲେ ଯେ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଏହାର ଉତ୍ତର ଦେଇ ନିର୍ବାଚନ କମିସନଙ୍କ ପକ୍ଷରୁ କୁହାଯାଇଥିଲା ଯେ ରାସନ କାର୍ଡ ଉପରେ ବିଚାର କରାଯାଇପାରିବ ନାହିଁ। କାରଣ ବହୁସଂଖ୍ୟାରେ ରାସନ କାର୍ଡ ରହିଛି। ଏହାର ଜାଲିଆତି ହେବାର ସମ୍ଭାବନା ଅଧିକ। ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କମିସନଙ୍କ ଏଭଳି ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ କହିଲେ ଯେ ବିଶ୍ୱରେ ଏମିତି କୌଣସି ପ୍ରମାଣପତ୍ର ନାହିଁ ଯାହାର ନକଲ ହୋଇପାରିବନାହିଁ। ଏପରି ସ୍ଥଳେ ୧୧ ପ୍ରମାଣପତ୍ରକୁ ତାଲିକାଭୁକ୍ତ କରିବାର ଆଧାର କ'ଣ ବୋଲି ସେ ପଚାରିଥିଲେ। ଆଧାର କାର୍ଡ ଏବଂ ଭୋଟର ଆଇଡି କାର୍ଡ (ଇପିଆଇସି)କୁ ବୈଧ ପ୍ରମାଣପତ୍ର ଭାବେ ଅନୁମତି ଦେବାର ଆବଶ୍ୟକତା ରହିଥିବା କୋର୍ଟ କହିଛନ୍ତି। ଏ ନେଇ ବିଚାର କରିବାକୁ ଇସିଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ଉପରେ ମଙ୍ଗଳବାର ୧୦.୩୦ ସୁଦ୍ଧା ନିଷ୍ପତ୍ତି ଜଣାଇବାକୁ କହିଛନ୍ତି। କୋର୍ଟ କହିଥିଲେ ଯେ ଭୋଟର ପରିଚୟ ପତ୍ର ସ୍ୱୟଂ କମିସନ ଜାରି କରିଛନ୍ତି। ଏହା କେମିତି ଜାଲ୍ ହୋଇପାରିବ?

ଶୁଣାଣି ସମୟରେ କମିସନଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ଆଧାର କାର୍ଡ ନାଗରିକତାର ପ୍ରମାଣ ନୁହେଁ। ଜାଲ୍ ରାସନ କାର୍ଡ କଥା ମଧ୍ୟ ଉଠାଇଥିଲେ। ତେବେ ଆଧାରକୁ ପରିଚୟ ପ୍ରମାଣପତ୍ର ଭାବେ ବ୍ୟବହାର କରିହେବ ବୋଲି କହିଥିଲା। ଏହି ନମ୍ବର ପଞ୍ଜୀକରଣ ଫର୍ମରେ ଥିବା ଦର୍ଶାଇଥିଲେ। ଏହି ଯୁକ୍ତିରେ ବିସଙ୍ଗତି ଦର୍ଶାଇ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି କମିସନଙ୍କ ନିଜସ୍ୱ ତାଲିକାରେ ଥିବା କୌଣସି ▶ପୃଷ୍ଠା-୭

**ଲୋକସଭାରେ ପହଲଗାମ, ଅପରେସନ ସିନ୍ଦୂର ବିତର୍କ**

# ବିରୋଧୀ-ଶାସକ ମୁହାଁମୁହିଁ

■ **ନୂଆଦିଲ୍ଲୀ, ୨୮।୭:** ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏହାର ଜବାବରେ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂର ଉପରେ ଆଜି ଲୋକସଭାରେ ୧୬ ଘଣ୍ଟିଆ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି। ଆଲୋଚନା ବେଳେ ସରକାର ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଅପରେସନ ସିନ୍ଦୂର ସଫଳ ହୋଇଛି ଏବଂ କାହାରି ଚାପରେ ଏହାକୁ ବନ୍ଦ କରାଯାଇ ନାହିଁ। ଅନ୍ୟପକ୍ଷରେ ସରକାରଙ୍କୁ ଟାର୍ଗେଟ କରି ବିରୋଧୀ ପହଲଗାମ ଆକ୍ରମଣ ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି।



**ଗୃହରେ ୧୬ ଘଣ୍ଟିଆ ଆଲୋଚନା ଆରମ୍ଭ**

**୨୨ ମିନିଟରେ ସଫଳତା ମିଳିଲା: ରାଜନାଥ**

**ମୋଦୀ-ଟ୍ରମ୍ପ ଆଲୋଚନା ହୋଇନି: ଜୟଶଙ୍କର**

**ଆକ୍ରମଣ ରୋକିବାରେ ସରକାର ବିଫଳ ହେଲେ କାହିଁକି: ଗୋଗୋଇ**

ଆଲୋଚନା ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଲେ ଯେ ମେ ୭ ତାରିଖରେ ପାକିସ୍ତାନ ବିରୋଧରେ ଅପରେସନ ସିନ୍ଦୂର ନାମରେ ହୋଇଥିଲା ସାମରିକ କାର୍ଯ୍ୟାନୁଷ୍ଠାନ। ୨୨ ମିନିଟ ମଧ୍ୟରେ ଭାରତୀୟ ସେନାକୁ ମିଳିଥିଲା ସଫଳତା। ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀଙ୍କୁ ଉପବାଚସ୍ପତିଙ୍କ ଚିଠି**

## ରାଜ୍ୟରେ ବଢୁଛି ସଂଗଠିତ ଅପରାଧ

**ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ବଢୁଛି**

**ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ପରି ଗ୍ୟାଙ୍ଗଷ୍ଟର୍ ନିରୋଧ ଭଳି ଆଇନ ଆଣିବାକୁ ଦେଲେ ଲିଖିତ ପ୍ରସ୍ତାବ**



■ **ଭୁବନେଶ୍ୱର,୨୮।୭ (ସମିସ):** ରାଜ୍ୟରେ ବଢୁଥିବା ସଂଗଠିତ ଅପରାଧକୁ ନେଇ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଚିନ୍ତା ପ୍ରକଟ କରିଛନ୍ତି। ଜମି ହଡ଼ପ, ଚାନ୍ଦା ଆଦାୟ, ସୁପାରୀ ହତ୍ୟା, ବେଆଇନ ଖଣି କାରବାର, ନିଶାଦ୍ରବ୍ୟ ଚାଲାଣ ଭଳି ଅପରାଧକୁ ରୋକିବା ପାଇଁ ରାଜ୍ୟରେ ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ଗ୍ୟାଙ୍ଗଷ୍ଟର୍ ନିରୋଧ ଆଇନ ଆଣିବା ପାଇଁ ଶ୍ରୀ ଭୋଇ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ▶ପୃଷ୍ଠା-୭

## ଖସୁଛି ପାଣି; ବଢୁଛି ଦୁର୍ଦ୍ଦଶା

**ଖସୁଛି ସବୁ ନଦୀର ଜଳସ୍ତର**

**ଗାଁରୁ ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି ୪୮ ଘଣ୍ଟା ଲାଗିବ**

**ପାଣି ଛାଡ଼ିବା ପରେ କ୍ଷୟକ୍ଷତି ଆକଳନ: ରାଜସ୍ୱ ମନ୍ତ୍ରୀ**

■ **ଭୁବନେଶ୍ୱର, ୨୮।୭ (ସମିସ):** ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ସୁବର୍ଣ୍ଣରେଖା, ବୈତରଣୀ ଓ ଜଳକା ନଦୀରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଫଳରେ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରଭାବିତ ହୋଇଛି। ତେବେ ଦୁଇ ଦିନ ହେବ ରାଜ୍ୟରେ ବର୍ଷା କମିବା ଯୋଗୁଁ ନଦୀରେ ଜଳସ୍ତର କମୁଥିଲେ ମଧ୍ୟ ବଢ଼ିପାଣି ଯୋଗୁଁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ସୁବର୍ଣ୍ଣରେଖା ନଦୀରେ ବନ୍ୟା ଯୋଗୁଁ ମୁଖ୍ୟତଃ ▶ପୃଷ୍ଠା-୭

## ଉଚ୍ଚଶିକ୍ଷା ବିଭାଗରେ ହ୍ୟାକର୍ ଆତଙ୍କ

**ରେଭେନ୍ସା ପରେ ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ହ୍ୟାକ୍**



■ **ଭୁବନେଶ୍ୱର, ୨୮।୭(ସମିସ):** ଉଚ୍ଚଶିକ୍ଷା ବିଭାଗକୁ ଘାରିଛି ହ୍ୟାକର୍ ଆତଙ୍କ। ରବିବାର ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିବାବେଳେ ସୋମବାର ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ହ୍ୟାକ୍ କରି ଏକାଧିକ ଅଶ୍ଳୀଳ ଓ ବେଟିଂ ଭିଡିଓ ପୋଷ୍ଟ କରିବାରେ ସଫଳ ହୋଇଛନ୍ତି ହ୍ୟାକର୍। ତେବେ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ପୋଷ୍ଟଗୁଡ଼ିକୁ ଡିଲିଟ୍ କରାଯାଇଛି। ବିଭିନ୍ନ ସମୟରେ ୱେବସାଇଟ୍ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍ ହ୍ୟାକ୍ ହେଉଥିବାରୁ ଛାତ୍ରଛାତ୍ରୀଙ୍କ ତଥ୍ୟ କେତେ ସୁରକ୍ଷିତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୋମବାର ସକାଳ ପ୍ରାୟ ୬.୩୦ରେ ବିଭାଗର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ଅଶ୍ଳୀଳ ଭିଡିଓ ସହ ବେଟିଂ ସାଇଟ୍ ଭିଡିଓ ପୋଷ୍ଟ ହୋଇଥିଲା। ଏହାର ୫ମିନିଟ୍ ମଧ୍ୟରେ ମୋଟ୍ ୪ଟି ବେଟିଂ ସାଇଟ୍ ପ୍ରୋମୋସନ୍ ▶ପୃଷ୍ଠା-୭

## ମହଙ୍ଗା ପଡ଼ିଲା ୭ ଜଣ ବସି ସ୍କୁଟି ଚଳାଇବା



**ଗାଡ଼ି ଜବତ, ୨୧ ହଜାର ଜରିମାନା**

■ **ସମ୍ବଲପୁର,୨୮।୭ (ସମିସ):** ସ୍କୁଟିରେ ୭ ଜଣ ବସି ଗାଡ଼ି ଚଳାଇବା ମହଙ୍ଗା ପଡିଲା। ଭିଡ଼ିଓ ଭାଇରାଲ ହେବା ପରେ ଧନୁପାଲି ଆକ୍ସନ ମୁଡରେ ଆସିଛି। ପୁଲିସ ଗାଡ଼ି ନଂ ଓଡ଼ି ୧୫-ଏସି୩୬୬୮କୁ ଜବତ କରିବା ସହ ୨୧ ହଜାର ଟଙ୍କା ଜରିମାନା କରିଛି। ଚାଳକ ସାବାଳକ ଥିବା ବେଳେ ଅନ୍ୟ ୬ ଜଣ ନାବାଳକ ରହିଛନ୍ତି। ସୂଚନା ଅନୁସାରେ ଏକ ▶ପୃଷ୍ଠା-୭

**ମୟୂରଭଞ୍ଜରେ ଲଜ୍ଜା**

## ୮ ଛାତ୍ରୀଙ୍କୁ ଅସଦାଚରଣ; ଶିକ୍ଷକ ନିଲମ୍ବିତ

**ଘଟଣାର ୭ ଦିନ ପରେ ବି ରୁଜୁ ହୋଇନି ମାମଲା**


■ **ବାରିପଦା/ବେତନଟୀ,୨୮।୭ (ସମିସ):** ପୁଣି ମୟୂରଭଞ୍ଜ ଜିଲ୍ଲାରେ ଲଜ୍ଜା। ଏକ ଉପ୍ରା ବିଦ୍ୟାଳୟର ୮ ଜଣ ଛାତ୍ରୀଙ୍କୁ ପାଠ ପଢାଇବା ସମୟରେ ଜଣେ ଶିକ୍ଷକ ଅସଦାଚରଣ ଅଭିଯୋଗରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ତେବେ ଏ ଯାଏ ଥାନାରେ ଶିକ୍ଷକଙ୍କ ବିରୋଧରେ କୌଣସି ଅଭିଯୋଗ ହୋଇନାହିଁ। ଫଳରେ ପୋକ୍‌ସୋ ଆକ୍ଟ ୨୦୧୨ ଅନୁଯାୟୀ କୌଣସି ମାମଲା ରୁଜୁ କରାଯାଇନାହିଁ। ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜନୈକ ଶିକ୍ଷକଙ୍କ କଳା କାରନାମା ସମ୍ବନ୍ଧରେ ଭିଡିଓ ସୋସିଆଲ ମିଡିଆରେ ଭାଇରଲ ▶ପୃଷ୍ଠା-୭




## ମହିଳା ଡାକ୍ତରଙ୍କୁ ଡିଜିଟାଲ ଆରେଷ୍ଟ: ୧୯ କୋଟି ଟଙ୍କା ଲୁଟିନେଲେ ସାଇବର ଠକ

ଗାନ୍ଧୀନଗର,୨୮ ।୭(ଏଜେନ୍ସି): ଗୁଜରାଟର ଗାନ୍ଧୀନଗରରେ ଜଣେ ୭୦ ବର୍ଷୀୟ ମହିଳା ଡାକ୍ତରଙ୍କୁ ଚୂନ ଲଗାଇ ସାଇବର ଅପରାଧୀମାନେ ୧୯.୨୪ କୋଟି ଟଙ୍କା ଲୁଟି ନେଇଛନ୍ତି। ଏହାକୁ ଦେଶର ସବୁଠାରୁ ବଡ଼ ଡିଜିଟାଲ ଆରେଷ୍ଟ ବୋଲି କୁହାଯାଉଛି। ଗିରଫ୍ କରିବାର ଭୟ ଦେଖାଇ ଜଣେ ବ୍ୟକ୍ତିଙ୍କୁ ଧମକାଇବା ସହ ଘରେ ବନ୍ଦୀ କରିବା ପ୍ରକ୍ରିୟାକୁ ଡିଜିଟାଲ ଆରେଷ୍ଟ କୁହାଯାଇଥାଏ। ସାଇବର ଅପରାଧୀମାନେ ଭିଡିଓ କଲ୍‌କରି ନିଜ ପଦ ପଦବୀ କୌଣସି ଥାନା ଅଧିକାରୀଙ୍କ ଭଳି ଦେଖାଇଥାନ୍ତି। ବ୍ୟାଙ୍କ ଆକାଉଣ୍ଟ ସିଜ୍ କରିବାର ଗିରଫ କରିବାର ଧମକ ଦେଇଥାନ୍ତି। ଆପ୍ ଡାଉନ୍‌ଲୋଡ କରି ନକଲି ଡିଜଟାଲ ଫର୍ମ ପୂରଣ କରିଥାନ୍ତି ଅପରାଧିମାନେ। ଡମି ଏକାଉଣ୍ଟ ସୃଚାଇ ସେଥିରେ ଟଙ୍କା ନେଣଦେଣ କରିଥାନ୍ତି। ଏହିପରି ଭାବେ ସାଇବର ଅପରାଧୀମାନେ ମହିଳା ଡାକ୍ତରଙ୍କୁ ଗରିଫଦାରୀର ଭୟ ଦେଖାଇ ମାତ୍ର ୩ ମାସ ମଧ୍ୟରେ ୧୯ କୋଟି ୨୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଗତ ମାର୍ଚ୍ଚ ମାସରେ ଠକାମୀର ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମହିଳା ଡାକ୍ତରଙ୍କୁ ଫେମା (ବିଦେଶୀ ମୁଦ୍ରା ପ୍ରବନ୍ଧନ) ନିୟମ ଉଲ୍ଲଙ୍ଘନ ଅଭିଯୋଗ ଗିରଫ କରିବାକୁ ଅପରାଧୀମାନେ ପୁଲିସ ଇନିସପେକ୍ଟର, ସରକାରୀ ଓକିଲର ପରିଚୟ ଦେଇ ଧମକ ଦେଇ ସଫଳ ହୋଇଥିଲେ। ଯେତେବେଳେ ମହିଳା ଡାକ୍ତରଜଣକ ସାଇବର ସ୍କାମ୍‌ର ଶିକାର ହୋଇଛନ୍ତି ବୋଲି ଜାଣିବାକୁ ପାଇଥିଲେ ସେତେବେଳେ ଏହା ଜଣାପଡ଼ିଥିଲା। ଏହି ମମଲାରେ ପୁଲିସ ସୁରତର ଲାଲଜିଭାଇ ବଲଦାନିଆ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ପଇସା ଯୋଗାଡ କରିବାକୁ ମହିଳା ଡାକ୍ତର ଜଣକ ଗୋଲ୍ଡ ଲୋନ ମଧ କରିଥିଲେ। ଏହି ଠକାମୀରେ ଏତେ ଡରିଯାଇଥିଲେ ଯେ, ସେ ବିଭିନ୍ନ ସ୍ଥାନରେ ଥିବା ବେଳେ ନିଜ ଲୋକେଶନ ସେୟାର କରିବାକୁ ପଛାଇ ନଥିଲେ।





## ସଂଜୟ ଦତ୍ତଙ୍କୁ ୭୨ କୋଟି ଦାନକଲେ ମହିଳା ପ୍ରଶଂସକ

ମୁମ୍ବାଇ, ୨୮।୭ (ଏଜେନ୍ସି): ନିଜ ପ୍ରିୟ ସେଲିବ୍ରିଟିଙ୍କ ଗୋଟିଏ ଝଲକ୍ ପାଇବା ପାଇଁ ପ୍ରଶଂସକ (ଫ୍ୟାନ)ମାନେ ପାଗଳ ପ୍ରାୟ ହୋଇ ଯାଉଛନ୍ତି। କିଏ ହାତରେ ଟାଟୁ କରି ତ ଆଉ କିଏ କ୍ଷୀରାଭିଷେକ ପୁଣି କେହି ପ୍ରିୟ ସେଲିବ୍ରିଟିଙ୍କ ଶୈଳୀ ଅନୁକରଣ କରି ଚାଲୁଥିବା ଦେଖାଯାଉଛି। ଏପରି ଅନେକ ପ୍ରଶଂସକ ଅଛନ୍ତି ଯିଏ ନିଜ ପ୍ରିୟ କଳାକାରଙ୍କୁ ଭେଟିବା ପାଇଁ ଚାଲି ଚାଲି ତାଙ୍କ ପାଖରେ ପହଞ୍ଚିଛନ୍ତି। ଏବେ ଜଣେ ନିଆରା ପ୍ରଶଂସକ କାହାଣୀ ସାରା ଦେଶରେ ଚର୍ଚ୍ଚାରେ ରହିଛି। ସେ ନିଜର ସମସ୍ତ ସମ୍ପତ୍ତିକୁ ପ୍ରିୟ ଅଭିନେତା ସଞ୍ଜୟ ଦତ୍ତଙ୍କ ନାମରେ କରି ସଂସାରରୁ ବିଦାୟ ନେଇଛନ୍ତି। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ସମ୍ପତ୍ତି ଲକ୍ଷେ କି କୋଟିଏ ଟଙ୍କାର ନୁହେଁ, ପ୍ରାୟ ୭୨ କୋଟିର। ମୃତ୍ୟୁ ପୂର୍ବରୁ ପରିବାର ବଦଳରେ ଏହି ସମସ୍ତ ସମ୍ପତ୍ତିକୁ ନିଜ ପ୍ରିୟ ଅଭିନେତାଙ୍କୁ ପ୍ରଦାନ କରିବା ପାଇଁ ସେ ବ୍ୟାଙ୍କକୁ କହି ଯାଇଥିଲେ।

ଏହି ମହିଳାଙ୍କ ନାମ ହେଉଛି ନିଶା ପଟେଲ। ସେ ମୁମ୍ବାଇର ବାସିନ୍ଦା ଏବଂ ଜଣେ ଗୃହିଣୀ ଥିଲେ। ସେ ଦୂରାରୋଗ୍ୟରେ ପୀଡ଼ିତ ହୋଇ ୨୦୧୮ ରେ ପ୍ରାଣ ହରାଇ ଥିଲେ। ସେ ସମୟରେ ଏହି ଖବର ଖୁବ୍ ଚର୍ଚ୍ଚାରେ ଥିଲା। ଲୋକେ ଏହା ଶୁଣିବା ପରେ ମିଛି ବୋଲି କହିଥିଲେ। ମାତ୍ର ନିକଟରେ ସଞ୍ଜୟ ଦତ୍ତ ଏହି ଘଟଣାକୁ ସତ ବୋଲି କହିଛନ୍ତି। ସେ ଏକ ସାକ୍ଷାତକାରରେ ଏ ବିଷୟରେ ସୂଚନା ଦେଇଛନ୍ତି। ସେ ମହିଳାଙ୍କ ୭୨ କୋଟି ଟଙ୍କାର ସମ୍ପତ୍ତିକୁ ତାଙ୍କ ପରିବାର ଲୋକଙ୍କୁ ଫେରାଇ ଦେଇଥିବା ସୂଚନା ଦେଇଛନ୍ତି। ଏହା ଅଭିନେତାଙ୍କ ବ୍ୟକ୍ତିତ୍ୱକୁ ଦର୍ଶାଉଛି। ଖଳନାୟକ ଷ୍ଟାରଙ୍କ କ୍ୟାରିୟର ବିବାଦଭରା ରହିଛି। ସେ ଆତଙ୍କବାଦ ସହ ଜଡ଼ିତ ଏବଂ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ୫ ବର୍ଷ ଜେଲ୍ ଯାଇଥିଲେ।

### ଜଷ୍ଟିସ ବର୍ମାଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ଏତେ ଦିନ ପାଇଁ ଅପେକ୍ଷା କାହିଁକି?

ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): ଦିଲ୍ଲୀସ୍ଥିତ ବାସଭବନରୁ ବିପୁଳ ଟଙ୍କା ଜବତ ମାମଲାକୁ ନେଇ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କୁ ହଟାଇବା ପାଇଁ ସଂସଦରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ମଧ୍ୟରେ ସେ ଦାଏର କରିଥିବା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ତାଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଯାଞ୍ଚ କମିଟି ରିପୋର୍ଟକୁ ରଦ୍ଦ କରିବା ଲାଗି ଜଷ୍ଟିସ ବର୍ମାଙ୍କ ପିଟିସନ ଉପରେ ପ୍ରଶ୍ନ ଉଠାଇଛନ୍ତି କୋର୍ଟ। କୋର୍ଟ ପ୍ରଶ୍ନ କରିଛନ୍ତି ଯେ ଏତେ ଦିନ ପର୍ଯ୍ୟନ୍ତ ସେ କାହିଁକି ଅପେକ୍ଷା କରିଥିଲେ। ଯଦି କମିଟିରେ ଭରସା ନାହିଁ, ତାହାହେଲେ ଯାଞ୍ଚ କମିଟି ସାମ୍ନାରେ ଆପଣ କାହିଁକି ଉପସ୍ଥିତି ହେଲେ? ତଦନ୍ତ ଶେଷ ହେବା ଏବଂ ରିପୋର୍ଟ ଜାରି ହେବା ପର୍ଯ୍ୟନ୍ତ କାହିଁକି ଅପେକ୍ଷା କରିଥିଲେ? ଏହି ନିଷ୍ପତ୍ତିକୁ ନିଜ ସପକ୍ଷରେ ନେବାକୁ ପ୍ରୟାସ କରିଥିଲେ କି ବୋଲି ଜଷ୍ଟିସ ଦୀପଙ୍କର ଦତ୍ତା ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ପଚାରିଛନ୍ତି। ପୁଣି ଏହି ପିଟିସନରେ ଜଷ୍ଟିସ ବର୍ମା କାହିଁକି ନିଜର ପରିଚୟ ଲୁଚାଇବାକୁ ଚେଷ୍ଟା କରିଛନ୍ତି। କୋର୍ଟ କହିଥିଲେ ଯେ କେବଳ ନାବାଳକ ଅପରାଧୀ, ଯୌନ ଅପରାଧର ଶିକାର ମହିଳା/ଯୁବତୀ ସେମାନଙ୍କର ପରିଚୟ ଗୁପ୍ତ ରଖିପାରିବେ।



ଯାଞ୍ଚ କମିଟି ସାମ୍ନାରେ କାହିଁକି ଉପସ୍ଥିତ ହୋଇଥିଲେ

ଆହ୍ଲାବାଦ ହାଇକୋର୍ଟର ବିଚାରପତି ବର୍ମାଙ୍କ ପକ୍ଷରୁ ଯୁକ୍ତି କରି ବରିଷ୍ଠ ଓକିଲ କପିଲ ସିବଲ କହିଲେ ଯେ ଜଣେ ହାଇକୋର୍ଟ ବିଚାରପତିଙ୍କୁ ନେଇ ସାର୍ବଜନୀନ ବିତର୍କର ବିଷୟ ହୋଇପାରିବେ ନାହିଁ। ଏଥିପାଇଁ ସମ୍ବିଧାନର ଧାରା ୧୨୪ ପାଳନ କରାଯିବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ। ଏହାକୁ ନେଇ ସିବଲଙ୍କୁ ସୁପ୍ରିମକୋର୍ଟ ପାଲଟା ପ୍ରଶ୍ନ ପଚାରି ଥିଲେ ଯେ ଜଷ୍ଟିସ ବର୍ମା ତଦନ୍ତ କମିଟି ସାମ୍ନାରେ କାହିଁକି ଉପସ୍ଥିତ ହୋଇଥିଲେ?

ଘରୁ ଟଙ୍କା ଜବତ ମାମଲାରେ ଭାରତର ପ୍ରଧାନ ବିଚାରପତିଙ୍କ ସୁପାରିସରେ ଚାଲିଥିବା ମହାଭିଯୋଗ ପ୍ରକ୍ରିୟା ଏବଂ ଇନ-ହାଉସ କମିଟିର ରିପୋର୍ଟକୁ ରଦ୍ଦ କରିବା ପାଇଁ ଜଷ୍ଟିସ ବର୍ମା ତାଙ୍କ ପିଟିସନରେ ନିବେଦନ କରିଛନ୍ତି। ଆସନ୍ତା ୩୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଗତ ୨୩ ତାରିଖରେ ଏହି ମାମଲାର ମଧ ଶୁଣାଣି ହୋଇଥିଲା। ଏହି ସମୟରେ ମାମଲାରେ କିଛି ସାମ୍ବିଧାନିକ ପ୍ରସଙ୍ଗ ରହିଛି ବୋଲି ଜଷ୍ଟିସ ବର୍ମାଙ୍କ ପକ୍ଷରୁ କୁହାଯାଇଥିଲା। ତ୍ୱରିତ ଶୁଣାଣି ଲାଗି ଯଥାଶୀଘ୍ର ଖଣ୍ଡପୀଠ ଗଠନ କରିବାକୁ ସେ ନିବେଦନ କରିଥିଲେ। ଅନ୍ୟପଟେ ଜଷ୍ଟିସ ବର୍ମାଙ୍କୁ ହଟାଇବା ପାଇଁ ୧୫୨ ସାଂସଦ ଗତ ୨୧ ତାରିଖରେ ବାଚସ୍ପତି ଓମ ବିର୍ଲାଙ୍କୁ ଦାବିପତ୍ର ଦେଇଥିଲେ। ରାଜ୍ୟସଭାର ୫୦ରୁ ଅଧିକ ସାଂସଦ ମଧ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଥିଲେ। ଏହା ପରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।

## ହରିୟାଣାରେ ସିଆର୍‌ପି ଯବାନଙ୍କୁ ହତ୍ୟା



ସୋନିପତ, ୨୮ ।୭(ଏଜେନ୍ସି): ହରିୟାଣା ସୋନିପତରେ ଜଣେ ସିଆରପିଏଫ୍ ଯବାନଙ୍କୁ ଗୁଳିକରି ହତ୍ୟା କରାଯାଇଛି। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ତାଙ୍କୁ ଘରୁ ଡାକିନେଇ ଏହି କାଣ୍ଡ ଘଟାଇଛନ୍ତି। ଗୁଳିର ଶବ୍ଦ ଶୁଣି ଘରଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଦେଖିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ପୁଲିସ୍ ପୋଷ୍ଟମର୍ଟମ ପାଇଁ ପଠାଇଛି। ମୃତ ଜବାନ ହେଉଛନ୍ତି ଖେଡି ଦମକନ ଗାଁର କୃଷ୍ଣ। ସେ ଛତିଶଗଡ଼ରେ ନିୟୋଜିତ ଥିଲେ ଓ ଏକମାସ ଛୁଟିରେ ଆସିଥିଲେ। ସେ ଦୁଇଟି ସନ୍ତାନର ପିତା ଥିଲେ। ସେ ମାତ୍ର ୩ ଦିନ ତଳେ ଦ୍ୱିତୀୟ ସନ୍ତାନର ପିତା ହେବାର ସୌଭାଗ୍ୟ ଲାଭ କରିଥିଲେ। କିଛିଦିନ ତଳେ ସେ ହରିଦ୍ୱାର କାଉଡି ଯାତ୍ରାରେ ଯାଇଥିଲେ ଓ ସେଠାରେ କିଛି ଯୁବକଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଏହି କାରଣରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି ବୋଲି କହିଛି।

## ବାରାବଙ୍କିର ଅବସାନେଶ୍ୱର ମନ୍ଦିରରେ ଦଳାଚକଟା; ୨ ମୃତ

ବାରାବଙ୍କି, ୨୮ ।୭(ଏଜେନ୍ସି): ଉତ୍ତରପ୍ରଦେଶର ବାରାବଙ୍କି ଜିଲ୍ଲାର ଅବସାନେଶ୍ୱର ମନ୍ଦିରରେ ଶ୍ରାବଣମାସର ତୃତୀୟ ସୋମବାରରେ ଦଳାଚକଟା ହୋଇଛି। ଏଥିରେ ୨ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୨୯ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ମହିଳା ଓ ଛୋଟପିଲା ସାମିଲ ରହିଛନ୍ତି।ମୃତକଙ୍କୁ ରାଜ୍ୟ ସରକାର ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ରବିବାର ରାତି ଅଢ଼େଇଟାରେ ଜଳାଭିଷେକ ଅବସରରେ ଭିଡ଼ କାରଣରୁ କେତେକ ଶ୍ରଦ୍ଧାଳୁ ଇଲେକ୍ଟ୍ରିକ ତାର ସଂସ୍ପର୍ଶରେ ଆସି କରେଣ୍ଟ ଖାଇବା ପରେ ଆତଙ୍କ ସୃଷ୍ଟି ହୋଇଥିଲା ଓ ଲୋକେ ଦୌଡ଼ାଦୌଡି ଆରମ୍ଭ କରିଥିଲେ। ଫଳରେ ଦଳାଚକଟା ହୋଇଥିଲା। ଏହି ଘଟଣାରେ ଉପମୁଖମନ୍ତ୍ରୀ ବ୍ରଜେଶ ପାଠକ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କଠାରୁ ରିପୋର୍ଟ ମାଗିଛନ୍ତି। ଘଟଣା ପରେ ଆମ୍ବୁଲାନ୍ସରେ ୨୯ ଜଣ ଲୋକଙ୍କୁ ହାଇଦରଗଡ଼ କମ୍ୟୁନିଟ ହେଲଥ ସେଣ୍ଟରରେ ପୁଲିସ ଭର୍ତ୍ତି କରିଥିଲା। ଜିଲ୍ଲା ମୁଖ୍ୟାଳୟଠାରୁ ଅବସାନେଶ୍ୱର ମନ୍ଦିର ୪୦ କିମି ଦୂରରେ ଅବସ୍ଥିତ। ଘଟଣା ବେଳେ ୩ ହଜାର ଶ୍ରଦ୍ଧାଳୁ ମହାଦେବଙ୍କ ଦର୍ଶନ ପାଇଁ ଧାଡିରେ ଛିଡା ହୋଇଥିଲେ। ମାଙ୍କଡମାନେ ଡେଇଁବା କାରଣରୁ ଇଲେକଟ୍ରିକ ତାର ଛିଡିଥିଲା। ଫଳରେ ଏହି ଘଟଣା ଘଟିଥିଲା ବୋଲି ମନ୍ଦିର କମିଟି ଅଧକ୍ଷ କହିଛନ୍ତି। ଅବଶ୍ୟ ଘଟଣା ପରେ ବିଜୁଳୀ କାଟି ଦିଆଯାଇଥିଲା ଓ ମନ୍ଦିରର ଗର୍ଭଗୃହ ଅନ୍ଧାର ହୋଇଯାଇଥିଲା। ଉଲ୍ଲେଖଥାଉ କି, ରବିବାର ସକାଳେ ହାରିଦ୍ୱାରର ମନସା ଦେବୀ ମନ୍ଦିରରେ ହୋଇଥିବା ଦଳାଚକଟାରେ ୮ ଜଣ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ମହିଳାଙ୍କ ସହ ସମ୍ପର୍କ ରଖି ଶାଓଲିନ୍ ବୌଦ୍ଧ ମନ୍ଦିର ମହନ୍ତ ବହିଷ୍କୃତ

ଝେଙ୍ଗଝୋଉ, ୨୮ ।୭(ଏଜେନ୍ସି): ଚୀନର ଝେଙ୍ଗଝୋଉ ସହରରେ ଥିବା ପ୍ରସିଦ୍ଧ ଶାଓଲିନ ବୌଦ୍ଧ ମନ୍ଦିରର ପ୍ରମୁଖ ମହନ୍ତ ଶି ୟଙ୍ଗଜିନଙ୍କୁ ପଦରୁ ବହିଷ୍କାର କରାଯାଇଛି। ଏକାଧିକ ମହିଳାଙ୍କ ସହ ସମ୍ପର୍କ ରଖିବା ଓ କେତେକ ଅବୈଧ ସନ୍ତାନର ପିତା ହେବା ଏବଂ ମନ୍ଦିର ସମ୍ପତ୍ତି ଆଉ ପାଣ୍ଠି ହଡପ କରିବା ଅଭିଯୋଗରେ ତାଙ୍କୁ ବରଖାସ୍ତ କରାଯାଇଛି। ଚାଇନା ଡେଲି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ସରକାରୀ ଏଜେନ୍ସିଗୁଡିକ ଏହି ମାମଲାରେ ବିଭିନ୍ନ ଆରୋପ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଚୀନର ବୌଦ୍ଧ ସଂଘ ଶି ୟଙ୍ଗଜିନଙ୍କଠାରୁ ତାଙ୍କ ଦୀକ୍ଷା ପ୍ରମାଣପତ୍ର



ଛଡାଇନେଇଛନ୍ତି। ୟଙ୍ଗଜିନ୍ କାର୍ଯ୍ୟ ବୌଦ୍ଧ ସମୁଦାୟର ପ୍ରତିଷ୍ଠା ଓ ଭିକ୍ଷୁଙ୍କ ଛବିକୁ ଗମ୍ଭୀର ଭାବେ କ୍ଷତି ପହଞ୍ଚାଇବା ସହ କଳଙ୍କିତ କରିଛି ବୋଲି ସଂଘ ତରଫରୁ କୁହାଯାଇଛି। ସେ ବୌଦ୍ଧ ଧର୍ମର ମୌଳିକ ସିଦ୍ଧାନ୍ତକୁ ଉଲ୍ଲଂଘନ କରିଛନ୍ତି। ୟଙ୍ଗଜିନ ୧୯୯୯ରୁ ସାଓଲିନ୍ ମନ୍ଦିରର ମଠାଧିଶ ପଦ ଅଳଙ୍କୃତ କରିଥିଲେ। ସେ ଏହି ମନ୍ଦିରକୁ ଆଧୁନିକ ବିଜନେସ ମଡେଲରେ ପରିଣତ କରିଥିଲେ। ଏଥିପାଇଁ 'ସିଇଓ ମଙ୍କ୍' ଭାବେ ପ୍ରସିଦ୍ଧି ଲାଭ କରିଥିଲେ। ପୂର୍ବରୁ ମଧ ସେ ବିଭିନ୍ନ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିବାର ଅଭିଯୋଗ ହୋଇଥିଲା। ଏହି ମନ୍ଦିର ବୌଦ୍ଧ ଆସ୍ଥା ଓ ମାର୍ଶାଲ ଆର୍ଟର କେନ୍ଦ୍ର ଭାବେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିଲା।

### କର୍ଣ୍ଣେଲ ସୋଫିଆଙ୍କ ଉପରେ ଟିପ୍ପଣୀ

## ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି): 'ଅପରେସନ ସିନ୍ଦୂର' ବିଷୟରେ ସୂଚନା ଦେଉଥିବା କର୍ଣ୍ଣେଲ ସୋଫିଆଙ୍କ ପ୍ରତି ବିବାଦୀୟ ଟିପ୍ପଣୀ ଦେଇ ଅନ୍‌ଲାଇନରେ କ୍ଷମା ମାଗିଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ସୁପ୍ରିମକୋର୍ଟ ସୋମବାର ତୀବ୍ର ଭର୍ତ୍ସନା କରିଛନ୍ତି। ମନ୍ତ୍ରୀଙ୍କ କ୍ଷମା



ପ୍ରାର୍ଥନାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। କ୍ଷମା ପ୍ରାର୍ଥନାରେ ଆନ୍ତରିକତା ନ ଥିବା କହିଛନ୍ତି। କ୍ଷମା ପ୍ରାର୍ଥନାର ଭିଡିଓରେ ଲୋକଙ୍କ ଭାବନାକୁ ଆଘାତ ଦେଇଥିବା କଥାକୁ ସ୍ୱୀକାର କରାଯାଇ ନାହିଁ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ମନ୍ତ୍ରୀ ନିଜେ ଆତ୍ମଚିନ୍ତନ କରନ୍ତୁ। କେମିତି ଦୋଷର ଦଣ୍ଡ କେମିତି ଭୋଗିବେ ବିଚାର କରନ୍ତୁ। କୁଆଡେ ଗଲା ଆପଣଙ୍କ ସାର୍ବଜନୀନ କ୍ଷମା ପ୍ରାର୍ଥନା? ବାରମ୍ବାର ସୁପ୍ରିମକୋର୍ଟଙ୍କ ଧୈର୍ଯ୍ୟର ପରୀକ୍ଷା ନିଅନ୍ତୁ ନାହିଁ। ଯାଞ୍ଚ ନାମରେ କ'ଣ କରାଗଲା? ଏହାର ଉତ୍ତରରେ ମନ୍ତ୍ରୀଙ୍କ ଓକିଲ କହିଥିଲେ ଯେ ଅନ୍‌ଲାଇନରେ କ୍ଷମା ମଗା ଯାଇଛି। ଆଜି ଏହାର ରେକର୍ଡ କରାଯିବ। ଏହାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏଥିରୁ ମନ୍ତ୍ରୀଙ୍କ ଆଭିମୁଖ୍ୟ କ'ଣ ତାହା ଜଣାପଡୁଛି। ତାଙ୍କ ସଚ୍ଚୋଟତା ଉପରେ ସନ୍ଦେହ ସୃଷ୍ଟି ହେଉଛି। ତାଙ୍କ ବୟାନ ରେକର୍ଡ କରିବାର ଆବଶ୍ୟକତା କ'ଣ ଥିଲା? ଯେଉଁ ଲୋକଙ୍କୁ ଉତ୍ପୀଡ଼ନ ଦେଇଛନ୍ତି ତାଙ୍କର ବୟାନ ରେକର୍ଡ ହେବା ଉଚିତ ବୋଲି ସୁପ୍ରିମକୋର୍ଟ କହିଥିଲେ।

## ଜୈସାଲମେରରେ ସ୍କୁଲ ଗେଟ୍ ପଡ଼ି ଛାତ୍ରଙ୍କ ମୃତ୍ୟୁ

ଜୈସାଲମେର, ୨୮ ।୭(ଏଜେନ୍ସି): ରାଜସ୍ଥାନର ଜୈସାଲମେରର ପୁନମ ନଗରରେ ଏକ ସରକାରୀ ସ୍କୁଲ୍‌ରେ ଗେଟ୍ ପଡ଼ିବା ଫଳରେ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ଜଣେ ଶିକ୍ଷକ ଓ ୫ ବର୍ଷର ଛୋଟ ଝିଅ ଏଥିରେ ଆହତ ହୋଇଛନ୍ତି। ରାଜକୀୟ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମେନ୍ ଏଣ୍ଟ୍ରିଗେଟ୍ ପଡ଼ିବା ଫଳରେ ଏହି ଘଟଣା ଘଟିଥିଲା। ସେପଟେ ଉଦୟପୁରରେ ଏକ ସ୍କୁଲ କୋଠରୀର ପ୍ଲାଷ୍ଟର ପଡ଼ିବା ଫଳରେ ୪୫ ଜଣ ପିଲ ଅଳ୍ପକେ ବର୍ତ୍ତିଯାଇଥିଲେ। ମୃତ ଛାତ୍ର ହେଉଛନ୍ତି ଅରବାଜ ଖାନ୍ (୭)। ଆରବାଜଙ୍କ ମୃତଦେହକୁ ନେଇ ପରିବାର ଓ ଗାଁ ଲୋକେ ଧାରଣାରେ ବସିଛନ୍ତି। ଏହି ଘଟଣାରେ ଗ୍ରାମ ବିକାଶ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି।

## କେମିତି ଥିଲା ୩ ଘଣ୍ଟିଆ 'ଅପରେସନ ମହାଦେବ'

ଶ୍ରୀନଗର, ୨୮।୭ (ଏଜେନ୍ସି): ସୁରକ୍ଷାବାହିନୀ ସୋମବାର ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମାନ ଶାହା ଓରଫ ହାସିମ ମୁସାକୁ ଖୋଜି ନିପାତ କରିଛି। ଏହି ଆତଙ୍କବାଦୀ ପୂର୍ବରୁ ପାକିସ୍ତାନ ସେନାର ଏସଏସଜି କମାଣ୍ଡୋ ଥିଲା। ତା'କୁ ନିପାତ କରିବା ପାଇଁ ଅପରେସନ ମହାଦେବ ଆରମ୍ଭ କରାଯାଇଥିଲା। ଶ୍ରୀନଗରରେ ଥିବା ମହାଦେବ ପର୍ବତ ନାମରେ ଏହି ଅଭିଯାନର ନାମ ରଖାଯାଇଥିଲା। ଏହି ମହାଦେବ ପାହାଡ଼ର ପାଦଦେଶରେ ଥିବା ଘଞ୍ଚ ଜଙ୍ଗଲରେ ଆତଙ୍କବାଦୀ ଲୁଚି ରହିଥିଲେ। ସୁରକ୍ଷାବାହିନୀ ଆତଙ୍କବାଦୀଙ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିଲା। ଇଲେକ୍ଟ୍ରୋନିକ ଏବଂ ପ୍ରତ୍ୟକ୍ଷ ଭାବେ ଆତଙ୍କବାଦୀଙ୍କ ପ୍ରତ୍ୟେକ କାର୍ଯ୍ୟକଳାପର ନଜର ରଖା ଯାଉଥିଲା। ଜୁଲାଇ ପ୍ରାରମ୍ଭରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସେନାକୁ ସୂଚନା ମିଳି ଯାଇଥିଲା। ଏକ 'ଚାଇନିଜ୍ ଅଲଟ୍ରା ରେଡିଓ କମ୍ୟୁନିକେସନ' ସକ୍ରିୟ ହୋଇଥିବାର ସୂଚନା ମିଳିଥିଲା। ଏହା ପରେ ଅପରେସନ ମହାଦେବ ଆରମ୍ଭ କରାଯାଇଥିଲା। ବାର୍ତ୍ତା ହଟାଇବା ପାଇଁ ଲସ୍କର ଆତଙ୍କବାଦୀ ଚୀନ୍ ରେଡିଓ ବ୍ୟବହାର କରୁଥିଲେ। ପହଲଗାମ ଆତଙ୍କବାଦୀଙ୍କ ଆଣ୍ଡାସ୍ଥଳ ବୋଲି ସନ୍ଦେହ କରାଯାଉଥିବା ଡାଚିଗାମ ଜଙ୍ଗଲ ଉପରେ ସେନା ନଜର ରଖିଥିଲା। ଏହି ଶିଖରଟି ବହୁତ ଉଚ୍ଚରେ ଅବସ୍ଥିତ। ଏଠାରେ ଥିବା ଆତଙ୍କବାଦୀ ଗରିଲା ଯୁଦ୍ଧର ତାଲିମ ନେଇଥିଲେ।

ସୁରକ୍ଷା ବାହିନୀ ମାତ୍ର ୧୪ ଦିନ ତଳେ ଲସ୍କର ଏବଂ ଜୈଶନ୍ ଆତଙ୍କବାଦୀଙ୍କୁ ଟ୍ରାକ୍ କରିଥିଲା। ଲସ୍କର ଏନକ୍ରିପ୍ଟେଡ୍ ମେସେଜ୍ ପାଇଁ ଚୀନ୍ ରେଡିଓ ବ୍ୟବହାର କରେ ଏବଂ ୨୦୧୬ ରେ ଏହାକୁ ଉବ୍ଲୁୱାଇ ଏସଏମଏସ ମଧ କୁହାଯାଉଥିଲା। ଜାଣିବାକୁ ମିଳିଥିଲା ଯେ ସମସ୍ତ ଆତଙ୍କବାଦୀ ବିଦେଶୀ ନାଗରିକ ଥିଲେ। ରିପୋର୍ଟ ଅନୁସାରେ, ସୁରକ୍ଷା ବାହିନୀ ଏକ ଗୁଇନ୍ଦା ସୂଚନା ଉପରେ କାର୍ଯ୍ୟ କରି ହରୱାନର ମୁଲନାର ଅଞ୍ଚଳରେ ଅପରେସନ୍ ଆରମ୍ଭ କରିଥିଲେ। ସେହି ଅଞ୍ଚଳରେ ଏବେ ତଲାସୀ ଅଭିଯାନ ଜାରି ରହିଛି।

ଗତ କିଛି ଦିନ ଧରି ଏହି ଗୋଷ୍ଠୀକୁ ଟ୍ରାକ୍ କରାଯାଉଥିଲା ଏବଂ ରାତି ୨ ଟାରେ ଗୋଷ୍ଠୀଟି ଟି୮୨ ଅଲଟ୍ରାସେଟ୍ ଯୋଗାଯୋଗ ଡିଭାଇସ୍ ସକ୍ରିୟ କରା ଯାଇଥିଲା। ଏହା ଦ୍ୱାରା ଦାଚିଗାମ୍ ଜଙ୍ଗଲରେ ଲୁଚିଥିବା ଆତଙ୍କବାଦୀଙ୍କ ସଠିକ୍ ସ୍ଥାନର ସୂଚନା ମିଳିଥିଲା। ଆତଙ୍କବାଦୀଙ୍କ ପ୍ରଥମ ଫୁଟେଜ ଆଣିବା ପାଇଁ ସକାଳ ୮ଟାରେ ଡ୍ରୋନ୍ ପଠା ଯାଇଥିଲା। ସକାଳ ୯ଟା୩୦ରେ ରାଷ୍ଟ୍ରୀୟ ରାଇଫଲ୍ସ (ଆରଆର), ପାରା ସ୍ପେଶାଲ୍ ଫୋର୍ସର କମାଣ୍ଡୋମାନେ ସକାଳ ୧୦ଟାରେ ମହାଦେବ ପାହାଡ଼ ଉପରେ ଚଢ଼ିଥିଲେ। ମାତ୍ର ୩୦ ମିନିଟ୍ ମଧ୍ୟରେ ପାରା କମାଣ୍ଡୋମାନେ ଆତଙ୍କବାଦୀଙ୍କୁ ଚିହ୍ନଟ କରିଥିଲେ। ସକାଳ ୧୧ଟାରେ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଏଥିରେ ଦୁଇ ଜଣ ନିହତ ହୋଇଥିଲେ। ଆଉ ଜଣେ ଆହତ ଆତଙ୍କବାଦୀ ପଳାଇବାକୁ ପ୍ରୟାସ କରୁଥିଲା। ତାକୁ ମଧ ନିହତ କରାଯାଇଥିଲା। ପରେ ଆଖପାଖର ୨ କିମି ଭିତରେ ସଫେଇ ଅଭିଯାନ ଆରମ୍ଭ କରାଯାଇଥିଲା। ୧୨ଟା ୪୫ରେ ଆତଙ୍କବାଦୀଙ୍କ ମୃତଦେହ ଚିହ୍ନଟ କରାଯାଇଥିଲା। ୩ ଘଣ୍ଟାରେ ଅଭିଯାନ ଶେଷ ହୋଇଥିଲା।

## କେନାଲକୁ ଖସିଲା ପିକ୍‌ଅପ୍ ଭ୍ୟାନ; ୮ ମୃତ, ୩ ନିଖୋଜ

ଲୁଧିଆନା, ୨୮ ।୭(ଏଜେନ୍ସି): ପଞ୍ଜାବର ଲୁଧିଆନାରେ ରବିବାର ବିଳମ୍ବିତ ରାତିରେ ମଲୋରକୋଟଲା ରୋଡ୍‌ରେ ଜଗୋଡା କେନାଲର ପୋଲ ଉପରୁ ଏକ ମହିନ୍ଦ୍ରା ପିକ୍‌ଅପ୍ ଗାଡି ତଳକୁ ଖସିପଡ଼ିଛି। ଏହି ଗାଡିରେ ମୋଟ୍ ୨୯ ଜଣ ଲୋକ ଯାତ୍ରା କରୁଥିଲେ। ୩ ଜଣ ଛୋଟ ପିଲା ଓ ୪ ମହିଳାଙ୍କ ସମେତ ୮ ଜଣ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ୨ ଜଣ କେନାଲରେ ଭାସି ଯାଇ ନିଖୋଜ ଅଛନ୍ତି ଓ ଏମାନଙ୍କୁ ଖୋଜିବାର ଜାରି ରହିଛି। ସବୁ ଲୋକ ହିମାଚଳର ମାତା ନୈନା ଦେବୀ ମନ୍ଦିର ଦର୍ଶନ କରି ଘରକୁ ଫେରୁଥିଲେ। ଏହି ପିକ୍‌ଅପ୍ ଗାଡି ଓଭରଲୋଡ ଥିଲା। ଏକ ବାହାନକୁ ଓଭରଟେକ କରିବା ସମୟରେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ ଓ ଗାଡିର ସନ୍ତୁଳନ ବିଗିଡ ଯାଇଥିଲା। ଫଳରେ ଦୁର୍ଘଟଣା ଘଟିଥିଲା। ଏବେ ମଧ ଉଦ୍ଧାର କାର୍ଯ୍ୟ ଜାରି ରହିଛି ବୋଲି ପୁଲିସ ତରଫରୁ କୁହାଯାଇଛି।

## ଯୁଦ୍ଧବିରତି ଘୋଷଣା କଲେ ଥାଇଲାଣ୍ଡ- କାମ୍ବୋଡିଆ



ବ୍ୟାଙ୍କକ/ ନୋମ ପେହ୍ନ, ୨୮ ।୭(ଏଜେନ୍ସି): ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ଚାଲିଥିବା ସଂଘର୍ଷର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଅସ୍ତ୍ରବିରତି ନେଇ ଦୁଇ ଦେଶ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଆମେରିକା ଓ ଚୀନ୍‌ର ମଧ୍ୟସ୍ଥତାରେ କରିବା ପରେ ଦୁଇଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ମାଲେସିଆ ରାଜଧାନୀ କୁଆଲାଲମ୍ପୁରରେ ସୋମବାର ଶାନ୍ତିବାର୍ତ୍ତା ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଥାଇଲାଣ୍ଡ ତରଫରୁ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଫୁମ୍‌ଥମ ବେଚୟଚାଇ ଓ କାମ୍ବୋଡିଆ ତରଫରୁ ପ୍ରଧାନମନ୍ତ୍ରୀ ହୁନ୍ ମାନେଟ ଯୋଗ ଦେଇଥିଲେ। ଏହି ବୈଠକରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ଅଧକ୍ଷତା କରିଥିଲେ। ଉଲ୍ଲେଖଥାଉ କି, ଦୁଇଦେଶ ମଧ୍ୟରେ ସୀମାବିବାଦ କାରଣରୁ ୩ ଦିନ ବ୍ୟାପୀ ଭିଷଣ ସଂଘର୍ଷ ଦେଖିବାକୁ ମିଳିଥିଲା। ଏକ ହଜାର ବର୍ଷର ଦୁଇଟି ଶିବ ମନ୍ଦିର ପାଇଁ ଦୁଇ ଦେଶ ମୁହାଁମୁହିଁ ହୋଇଥିଲେ। ଏହି ସଂଘର୍ଷରେ ୩୩ଜଣ ମୃତ୍ୟୁବରଣ କରିଥିଲେ ଓ ଏଥି ମଧ୍ୟରୁ ଅଧିକାଂଶ ସାଧାରଣ ଲୋକ ଥିଲେ। ମାଲେସିଆ ଏବେ ଦକ୍ଷିଣପୂର୍ବ ଏସୀୟ ଦେଶର ସଂଗଠନ ଏସିଆନ୍‌ର ଅଧକ୍ଷତା କରୁଛି। ତେଣୁ ଦେଶକୁ କଥାବାର୍ତ୍ତା କରିବାକୁ ମାଲେସିଆ ଏହି ବୈଠକକୁ ଡାକିଥିଲା।

## ବ୍ୟାଙ୍କକ୍‌ରେ ୫ ଲୋକଙ୍କୁ ମାରିବା ପରେ ଆତ୍ମହତ୍ୟା କଲେ ବରିଷ୍ଠ ନାଗରିକ

ବ୍ୟାଙ୍କକ୍, ୨୮ ।୭(ଏଜେନ୍ସି): ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ଜଣେ ୬୧ ବର୍ଷୀୟ ବରିଷ୍ଠ ନାଗରିକ ଏକ ବଡ଼ ଧରଣର ଅଘଟଣ ଘଟାଇଛନ୍ତି। ଏକ ଫୁଡ୍ ମାର୍କେଟ୍‌ରେ ସେ ଆଖିବୁଜା ଗୁଳି ଚଳାଇ ୫ ଜଣ ବ୍ୟକ୍ତିଙ୍କୁ ହତ୍ୟା କରିବା ପରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ଏହି ଫାୟାରିଂରେ ୩ ଜଣ ଲୋକ ମଧ ଆହତ ହୋଇଛନ୍ତି। ସୋମବାର ସ୍ଥାନୀୟ ଜନଗହଳି ସମ୍ପୂର୍ଣ୍ଣ ତୋର କୋର ମାର୍କେଟ୍‌ରେ ଏହି ଘଟଣା ଘଟିଥିଲା। ଏଠାରେ ପର୍ଯ୍ୟଟକଙ୍କ ଭିଡ ପରିଲକ୍ଷିତ ହୋଇଥାଏ ଓ ଏହା ପର୍ଯ୍ୟଟକଙ୍କୁ ଲୋକପ୍ରିୟ ସ୍ଥାନ ଭାବେ ବେଶ୍ ଜଣାଶୁଣା। ଏହା ଚଟୁ ଛକ ମାର୍କେଟ୍ ନିକଟରେ ଅବସ୍ଥିତ। ଗୁଳି ଚଳାଇଥିବା ବ୍ୟକ୍ତିଜଣକ ହେଉଛନ୍ତି ମିଷ୍ଟର ନୋଇ ଓ ଏହାକୁ ଏକ ମାସ୍ ସୁଟି ଭାବେ ଅବିହିତ କରାଯାଉଛି ବୋଲି ପୁଲିସ ତରଫରୁ କୁହାଯାଇଛି। ଆକ୍ରମଣକାରୀଙ୍କ ମାନସିକ ସ୍ଥିତି କିପରି ଥିଲା ଏବଂ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ହୋଇଥିବା ସଂଘର୍ଷ ସହିତ ଏହି ଘଟଣାର ସମ୍ପର୍କ ଅଛି କି ନାହିଁ ସେ ନେଇ ପୁଲସ ଯାଞ୍ଚ କରୁଛି। ମୃତ ବ୍ୟକ୍ତିମାନଙ୍କ ମଧ୍ୟରେ ୪ଜଣ ନିରାପତ୍ତା ରକ୍ଷୀ ଓ ମାର୍କେଟ ଭେଣ୍ଡର ସାମିଲ ରହିଛନ୍ତି।

## ଅଗଷ୍ଟରେ ବାଂଲାଦେଶ ନିର୍ବାଚନ ନେଇ ଘୋଷଣା

ଢ଼ାକା, ୨୮ ।୭(ଏଜେନ୍ସି): ଅଗଷ୍ଟ ପ୍ରଥମ ସପ୍ତାହରେ ବାଂଲାଦେଶରେ ନିର୍ବାଚନ ନେଇ ଘାଷଣା ହେବ ବୋଲି ଅନ୍ତରୀଣ ସରକାର ଘୋଷଣା କରିଛନ୍ତି। ଦେଶ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ଅନ୍ତରୀଣ ସରକାର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଏ ନେଇ ଘୋଷଣା କରିବେ। ଆସନ୍ତା ବର୍ଷ ଫେବୃଆରୀ ନିର୍ବାଚନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏକାଧିକ ରାଜନୈତିକ ଦଳ ନିର୍ବାଚନ କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ନିଷ୍ପକ୍ଷ ନିର୍ବାଚନ ପାଇଁ ୟୁନୁସ ପ୍ରତିଶ୍ରୁତ ଦେଇଛନ୍ତି। ଉଲ୍ଲେଖଥାଉ କି, ହିଂସକ ଛାତ୍ର ଆନ୍ଦୋଳନ ହେବା ଦ୍ୱାରା ଶେଖ ହସିନାଙ୍କ ସରକାରକୁ ଗାଦି ଛାଡିବାକୁ ପଡ଼ିଥିଲା ଓ ସ୍ଥିତି ଅସମ୍ଭାଳ ହେବା କାରଣରୁ ତାଙ୍କୁ ସେ ଦେଶ ଛାଡି ଭାରତରେ ଶରଣ ନେଇଛନ୍ତି।

## ଭାରତୀୟ ଡାକ୍ତରଙ୍କୁ ଧନ୍ୟବାଦ୍ ଦେଲେ ୟୁନୁସ୍

ଢ଼ାକା, ୨୮ ।୭(ଏଜେନ୍ସି): ବାଂଲାଦେଶ ବିମାନ ଦୁର୍ଘଟଣାରେ ଆହତମାନଙ୍କ ଚିକିତ୍ସା କରୁଥିବା ଭାରତୀୟ ଡାକ୍ତରମାନଙ୍କୁ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦୁର୍ଘଟଣାରେ ପୀଡିତମାନଙ୍କ ଚକିତ୍ସା ପାଇଁ ଭାରତ ଡାକ୍ତର ଓ ନର୍ସଙ୍କର ଦଳ ବାଂଲାଦେଶ ପଠାଇଥିଲା। ଅବଶ୍ୟ ପୀଡିତଙ୍କ ଚିକିତ୍ସା ପ୍ରକ୍ରିୟାରେ ଭାରତ ସମେତ ଚୀନ୍ ଓ ସିଙ୍ଗାପୁରର ଡାକ୍ତରମାନେ ମଧ ଲାଗି ପଡ଼ିଛନ୍ତି। ଢ଼ାକାସ୍ଥିତ ଷ୍ଟେଟ ଗେଷ୍ଟ ହାଉସ ଯମୁନାରେ ହୋଇଥିବା ବୈଠକରେ ଯୋଗଦେଇ ୟୁନୁସ ୨୧ଜଣ ଡାକ୍ତର ଓ ନର୍ସଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ।

**ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା**

## ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର,୨୮ ।୭(ସମିସ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ରହ୍ମପୁର ଜେଏମ୍ଏଫ୍ସି (ଗ୍ରାମାଞ୍ଚଳ) ରିତିକା ଜେନାଙ୍କ କୋର୍ଟରେ ୫୭୪ପୃଷ୍ଠାର ଫାଇନାଲ ଚାର୍ଜସିଟ୍ ଦାଖଲ କରାଯାଇଛି । ଏଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ଅନ୍ୟତମ ଅଭିଯୁକ୍ତ ଓଁ ପ୍ରଧାନଙ୍କ ନାମକୁ ଚାର୍ଜସିଟରୁ ବାଦ୍

- ୫୭୪ପୃଷ୍ଠାର ଚାର୍ଜସିଟରେ ଗିରଫ ୧୦ ମଧ୍ୟରୁ ୯ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି
- ଘଟଣାର ୪୩ ଦିନରେ ଦାଖଲ ଚାର୍ଜସିଟରେ ରହିଛି ୫୦ରୁ ଊର୍ଦ୍ଧ୍ୱ ସାକ୍ଷୀଙ୍କ ନାମ
- ସମ୍ପୃକ୍ତି ନଥିବା ଦର୍ଶାଇ ମାମଲାରୁ ଓମ୍'ର ନାମକୁ ବାଦ ଦେଇଛି କ୍ରାଇମବ୍ରାଞ୍ଚ

ଦିଆଯାଇଥିବା ଜଣାପଡ଼ିଛି । ଖୁବ୍ଶୀଘ୍ର ଏହି ମାମଲାର ଚାର୍ଜଫ୍ରେମ ହେବ ବୋଲି ଜଣାପଡ଼ିଛି । ଏହାସହ ଘଟଣାରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଏହି ମାମଲାରେ ସାକ୍ଷୀ ଭାବେ ଗ୍ରହଣ କରାଯାଇଛି ।

ସୂଚନାଯୋଗ୍ୟ, ଗତ ଜୁନ୍ ୧୫ ତାରିଖରେ ବ୍ରହ୍ମପୁରର ଏକ ପ୍ରେମୀଯୁଗଳ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ । ସନ୍ଧ୍ୟା ପ୍ରାୟ ୬ଟାରେ ସେମାନେ ପାନ୍ଥନିବାସ ପଛପଟ ବେଳାଭୂମିରେ ବସିଥିବା ବେଳେ ରାତି ପ୍ରାୟ ୮ଟାରେ କିଛି ଯୁବକ ସେଠାରେ ପହଞ୍ଚି ଯୁବତୀଙ୍କୁ ଅସଦାଚରଣ କରିବା ସହ ପ୍ରେମିକକୁ ମାରପିଟ୍ କରିଥିଲେ । ପରେ ୧୦ଜଣଙ୍କ ମଧ୍ୟରୁ ୩ଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ସେଠାରୁ କିଛି ଦୂରକୁ ନେଇ ଏକ ନିକାଞ୍ଚନ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ । ଅନ୍ୟ ୭ଜଣ ଯୁବକ ଗଣଦୁଷ୍କର୍ମରେ ସହଯୋଗ କରିବା ସହ ପ୍ରେମିକକୁ ମାରପିଟ୍ କରିଥିଲେ । ଗଣଦୁଷ୍କର୍ମ ପରେ ଯୁବତୀଙ୍କଠାରୁ ନଗଦ ଏକ ହଜାର ଟଙ୍କା ଓ ଅନଲାଇନରେ ୩୦୦୦ଟଙ୍କା ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ରାତି ପ୍ରାୟ ୧୦ଟା ପରେ ପହଞ୍ଚି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ଦେଇଥିଲେ । ଏହି ଘଟଣାରେ ପୁଲିସ୍ ପର୍ଯ୍ୟାୟକ୍ରମେ ମୋଟ ୧୦ଜଣଙ୍କୁ ଗିରଫ କରିଥିଲା । ସେମାନଙ୍କ ମଧ୍ୟରେ ୪ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା ।

ଏହା ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଗତ ଜୁନ୍ ୧୭ ତାରିଖରେ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା । କ୍ରାଇମବ୍ରାଞ୍ଚ ଆଇଜି ଏସ.ସାଇନିଙ୍କ ନେତୃତ୍ୱରେ ଏକ ଟିମ ଗୋପାଳପୁରରେ ରହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଥିଲା । ପରେ କୋର୍ଟଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେଇ ଜେରା କରିଥିଲା । ଜେଲରେ ଥିବା ୬ଜଣ ଅଭିଯୁକ୍ତଙ୍କର ଓ ପରେ ବାଳସୁଧାର ଗୃହରେ ୪ଜଣ ନାବାଳକଙ୍କ ଟିଆଇ ପରେଡ୍ କରାଯାଇଥିଲା । ଏପରିକି ଅଭିଯୁକ୍ତଙ୍କର ଡିଏନଏ ପରୀକ୍ଷା ମଧ୍ୟ କରାଯାଇଥିଲା । ତେବେ ଘଟଣାର ୪୩ଦିନ ପରେ ଆଜି ସୋମବାର କ୍ରାଇମବ୍ରାଞ୍ଚ ଡିଏସପି ସରିତା ମହାପାତ୍ର ଓ ତାଙ୍କ ଟିମ ୫୭୪ ପୃଷ୍ଠା ସମ୍ବଳିତ ଫାଇନାଲ ଚାର୍ଜସିଟ କୋର୍ଟରେ ଦାଖଲ କରିଛନ୍ତି । ଦାଖଲ ଚାର୍ଜସିଟ୍‌ରେ ଓମ୍ ପ୍ରଧାନଙ୍କର ଏହି ଘଟଣାରେ ସମ୍ପୃକ୍ତି ନଥିବା ଦର୍ଶାଇ ମାମଲାରୁ ବାଦ ଦିଆଯାଇଛି ।

# ବଦଳୁଛି ରଙ୍ଗ; ପିଲାଙ୍କୁ ମିଳୁନି ପୋଷାକ

ଭୁବନେଶ୍ୱର, ୨୮ ।୭(ସମିସ): ସରକାରଙ୍କ ରଙ୍ଗ ରାଜନୀତିର ଶିକାର ହୋଇଛି ଶିକ୍ଷାନୁଷ୍ଠାନ । ପ୍ରଥମେ ସ୍କୁଲ ଗୃହର ରଙ୍ଗ ପରିବର୍ତ୍ତନ କରାଯିବାକୁ କୁହାଗଲା, ପରେ ପିଲାମାନଙ୍କ ୟୁନିଫର୍ମର ରଙ୍ଗ ବଦଳାଇବାକୁ ନିଷ୍ପତ୍ତି ହେଲା । ଏବେ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଆଇକାଡର୍, ସାର୍ଟ ଓ ଟୋପିର ରଙ୍ଗ ବି ପରିବର୍ତ୍ତନ ହେବ । ଛାତ୍ରଛାତ୍ରୀମାନେ ଏଣିକି ଗେରୁଆ ରଙ୍ଗର ଆଇ-କାର୍ଡ ପକାଇବେ । ଅନୁରୂପ ଭାବରେ ସାର୍ଟ ଓ ଟୋପିରେ ଲାଗୁଥିବା ଧଳା ଲୋଗୋକୁ ପରିବର୍ତ୍ତନ କରାଯାଇ ଗେରୁଆ କରାଯାଇଛି ଏବଂ ଛାତ୍ରଛାତ୍ରୀ ଏହାକୁ ବ୍ୟବହାର କରିବେ । କେବଳ ସେତିକି ନୁହେଁ, ପୂର୍ବରୁ ଲୋଗୋରେ ଲେଖାଥିବା 'ଆମେ ଗଢ଼ିବୁ - ନୂଆ ଓଡ଼ିଶା'କୁ ମଧ୍ୟ ପରିବର୍ତ୍ତନ କରାଯାଇଛି । ଏବେ ଲୋଗୋରେ ଗେରୁଆ ରଙ୍ଗରେ 'ବିଦ୍ୟାବନ୍ତ ବିଦ୍ୟାର୍ଥୀ - ବିକଶିତ ଓଡ଼ିଶା' ଲେଖା ରଖାଯାଇଛି । ମାତ୍ର ବିଡ଼ମ୍ବନା ହେଉଛି, ଏତେ ସବୁ ରଙ୍ଗ ପରିବର୍ତ୍ତନ ସତ୍ତ୍ୱେ ପିଲାମାନଙ୍କୁ ଠିକ୍ ସମୟରେ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରିବାରେ ସରକାର ବିଫଳ ହୋଇଛନ୍ତି । ଜୁଲାଇ ୧୫ ତାରିଖ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପରିବର୍ତ୍ତିତ ରଙ୍ଗର ପୋଷାକ ପ୍ରଦାନ କରିବାକୁ ଗତ ଜୁନ୍ ୨୬ ତାରିଖରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ କାହାକୁ ମିଳିନି ପୋଷାକ । ଗୋଟିଏ ପଟେ ରଙ୍ଗ ପରିବର୍ତ୍ତନ କରାଯାଉଥିବା ବେଳେ ଅନ୍ୟପଟେ ଠିକ୍ ସମୟରେ ପୋଷାକ ପ୍ରଦାନ ନକରି ପାରିବା ସରକାରଙ୍କ କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

- ବଣ୍ଟନ ପାଇଁ ଅବଧି ଥିଲା ଜୁଲାଇ ୧୫
- ଆରମ୍ଭ ହୋଇନି ପୋଷାକ କିଣା ପ୍ରକ୍ରିୟା
- ଏଯାଏଁ ଅନୁଦାନ ଦେଇ ନାହାନ୍ତି ସରକାର

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଥମ ଠାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଜୋତା ଓ ମୋଜା ପ୍ରଦାନ କରିବାକୁ ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପିଲାଙ୍କୁ ପୂର୍ବ ପରି ହଳେ ଜୋତା ଓ ୨ ହଳ ମୋଜା, ଗୋଟିଏ ଟି-ସାର୍ଟ, ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ଗୋଟିଏ ଟୋପି ଏବଂ ଆଇ-କାର୍ଡ ଜୁଲାଇ ୧୫ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଓସେପା କଡ଼ା ତାଗିଦ୍ କରିଥିଲା । ମାତ୍ର ଜୁଲାଇ ମାସ ଶେଷ ହେବାକୁ ବସିଥିଲେ ହେଁ ପୋଷାକ ବଣ୍ଟନ ତ ଦୂର କଥା, ପୋଷାକ କିଣିବା ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇନାହିଁ । ଗତବର୍ଷ ପୋଷାକ ବଣ୍ଟନରେ ପ୍ରାୟ ଦୁଇମାସ ବିଳମ୍ବ ହୋଇଥିବାବେଳେ ଚଳିତବର୍ଷ ଆଉ କେତେଦିନ ଲାଗିବ ବୋଲି ଅଭିଭାବକ ଓ ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଛନ୍ତି । ସରକାର ରଙ୍ଗ ପରିବର୍ତ୍ତନ ନୁହେଁ, ବରଂ ସଠିକ୍ ସମୟରେ ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କଲେ ଛାତ୍ରଛାତ୍ରୀମାନେ ଉପକୃତ ହେବେ ବୋଲି ବହୁ ଶିକ୍ଷକ ମତବ୍ୟକ୍ତ କରିଛନ୍ତି । ଶିକ୍ଷକଙ୍କ କହିବା କଥା, ବଣ୍ଟନ ପ୍ରକ୍ରିୟା ସାରି ଜୁଲାଇ ୩୧ ତାରିଖ ସୁଦ୍ଧା ବିନିଯୋଗ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଇଛି । ହେଲେ ଏବେଯାଏଁ ସରକାର ବିଦ୍ୟାଳୟ ପରିଚାଳନା କମିଟି (ଏସ୍ଏମ୍ସି)କୁ ଏନେଇ ଅନୁଦାନ ଦେଇନାହାନ୍ତି । ତାହେଲେ ବିନିଯୋଗ ପ୍ରମାଣପତ୍ର କେମିତି ଦାଖଲ କରିବୁ ବୋଲି ଓଲଟା ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

**ବିଜେଡି ନେତ୍ରୀ ଡ. ଲେଖାଶ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ**

## ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର,୨୮ ।୭(ସମିସ): ବିଜେଡିର ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ବିରୋଧରେନୀଳଗିରି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ, ମହିଳା ବିରୋଧୀ ଓ କୁତ୍ସିତ ମନ୍ତବ୍ୟ ବିରୋଧରେ ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛି ବିଜେଡି । ଦଳର ରାଜ୍ୟସଭା ପ୍ରତିନିଧି ମଣ୍ଡଳୀଙ୍କ ସହ ଡ. ସାମନ୍ତସିଂହାର ନିଜେ କମିଶନ ଅଧ୍ୟକ୍ଷାଙ୍କୁ ଭେଟି ଶ୍ରୀ ଖଟୁଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ବିଭିନ୍ନ ଫୋରମରେ ପ୍ରତିବାଦ ସତ୍ତ୍ୱେ ସମ୍ପୂର୍ଣ୍ଣ ଘଟଣାରେ ରାଜ୍ୟ ବିଜେପି ସରକାର ଓ ପୁଲିସର ନିରବତା ସମ୍ପର୍କରେ ସ୍ମାରକପତ୍ରରେ ଦଳ ଉଲ୍ଲେଖ କରିଛି ।

ସ୍ମାରକ ପତ୍ରରେ କୁହାଯାଇଛି ଯେ ଜୁଲାଇ ୨ ତାରିଖରେ ବାଲେଶ୍ୱରର ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ ଓ ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତ ସିଂହାର ଦଳୀୟ କାର୍ଯ୍ୟାଳୟ ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ତେଲିପାଳ ଗ୍ରାମରେ ଏକ ଦନ୍ତା ହାତୀ ହତ୍ୟା ଓ ଏହାର ଦାନ୍ତ ଲୁଟ ଘଟଣା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ଉଦ୍ଦିଷ୍ଟ ଥିଲା । ଦଳର ନିର୍ଦ୍ଦେଶ ଅନୁଯାୟୀ ଡ଼. ସାମନ୍ତସିଂହାର ଏହି ସାମ୍ବାଦିକ ସମ୍ମିଳନୀର ନେତୃତ୍ୱ ନେଇଥିଲେ । ଉପରୋକ୍ତ ହାତୀ ମୃତ୍ୟୁ ଘଟଣାରେ



ସ୍ଥାନୀୟ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ସଂପୃକ୍ତି ଥିବାନେଇ ଏଥିରେ ଅଭିଯୋଗ ହୋଇଥିଲା । ସମ୍ବାଦପତ୍ରରେ ପ୍ରକାଶିତ ନ୍ୟୁଜ, ଅଡିଓ କ୍ଲିପ ଓ ଶ୍ରୀ ଖଟୁଆଙ୍କ ଫାର୍ମ ହାଉସରୁ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବାରୁ ବିଜେଡି ପକ୍ଷରୁ ଏହି ଅଭିଯୋଗ ଅଣାଯାଇଥିଲା ଏବଂ ଘଟଣାର ତ୍ୱରିତ୍ ଅନୁସନ୍ଧାନ ଦାବି କରାଯାଇଥିଲା । ମାତ୍ର ଏହି ସାମ୍ବାଦିକ ସମ୍ମିଳନୀର ମାତ୍ର ଘଣ୍ଟାଏ ମଧ୍ୟରେ ଶ୍ରୀ ଖଟୁଆ ଏକ ସାମ୍ବାଦିକ ସମ୍ମିଳନୀରେ ଡ଼. ସାମନ୍ତସିଂହାରଙ୍କ ପ୍ରତି ଅଶାଳୀନ ଓ ଅପଶବ୍ଦ ପ୍ରୟୋଗ

**ସନ୍ତୋଷ ଖଟୁଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

କରିଥିଲେ । ତାଙ୍କର କୁତ୍ସିତ ଓ ଅଶାଳୀନ ଭାଷାର ଭିଡିଓ ଫୁଟେଜ ରାଜ୍ୟବାପୀ ଗଣମାଧ୍ୟମରେ ପ୍ରସାରିତ ହେବା ସହ ଜାତୀୟ ଗଣମାଧ୍ୟମରେ ଶୀର୍ଷକ ପାଲଟିଥିଲା । ଶ୍ରୀ ଖଟୁଆଙ୍କ ଏପରି ବୟାନ ଡ. ସାମନ୍ତସିଂହାରଙ୍କ ମର୍ଯ୍ୟାଦା, ପ୍ରତିଷ୍ଠା କ୍ଷୁର୍ଣ୍ଣ କରିବା ସହ ତାଙ୍କୁ ଗଭୀର ମାନସିକ ଆଘାତ ଦେଇଛି ।

ଶ୍ରୀ ଖଟୁଆଙ୍କ ଏପରି ମନ୍ତବ୍ୟ ଅତ୍ୟନ୍ତ ନିମ୍ନ ସ୍ତରର ରାଜନୀତି ବୋଲି ପ୍ରତିନିଧି ଦଳ ଅଭିଯୋଗ କରିଛି । ଏଥିରେ ଆହୁରି ମଧ୍ୟ ଦର୍ଶାଯାଇଛି ଯେ ବିଜେଡି ଏହି ଘଟଣାକୁ ନେଇ ଡ. ସାମନ୍ତସିଂହାରଙ୍କୁ ଦୃଢ଼ ଭାବେ ସମର୍ଥନ କରି ଆସିଛି ଏବଂ ତାଙ୍କ ପଛରେ ଛିଡ଼ା ହୋଇଛି । ଦଳର ଆଉ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିଶନଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲା ବେଳେ ୧୫ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କମିଶନ ବାଲେଶ୍ୱର ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଜେ ଡ. ସାମନ୍ତସିଂହାର ଭୁବନେଶ୍ୱର ମହିଳା ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି । ମାତ୍ର ପୁଲିସ ଏହି ଘଟଣାରେ ସମ୍ପୂର୍ଣ୍ଣ ନିରବ ରହିଛି, ତେଣୁ ଏପରି ସମୟରେ ଜାତୀୟ ମହିଳା କମିଶନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ଘଟଣାର ତଦନ୍ତ ପାଇଁ କମିଶନ ତୁରନ୍ତ ଏକ ପ୍ରତିନିଧି ମଣ୍ଡଳୀକୁ ବାଲେଶ୍ୱର ନୀଳଗିରି ପଠାଇବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି । ସେହିପରି ଡ. ସାମନ୍ତ ସିଂହାର ଦାୟର କରିଥିବା ମାମଲା ଉପରେ ଶ୍ରୀ ଖଟୁଆଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନ ରାଜ୍ୟ ସରକାର ଏବଂ ପୁଲିସକୁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରିଛି । ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଡ. ସସ୍ମିତ ପାତ୍ର, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ ଓ ନିରଞ୍ଜନ ବିଶି ପ୍ରମୁଖ ଥିଲେ ।

## ଦୁର୍ଘଟଣାରେ ବାପା-ପୁଅ ମୃତ

କଣ୍ଟାବାଞ୍ଜି, ୨୮ ।୭(ସମିସ): ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଜାମଖୁଣ୍ଟା ବୁଲାଣି ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପ-ପୁଅଙ୍କ ଘଟଣାସ୍ଥଳ ମୃତ୍ୟୁ ହୋଇଛି । ମୃତକଦ୍ୱୟ ହେଲେ, ନୂଆପଡ଼ା ଜିଲ୍ଲା ଖଡିଆଳ ଥାନା ଅନ୍ତର୍ଗତ ଖାସବାହାଲ ଗାଁର ଅପିନ୍ଦ୍ର ଶବର (୩୬) ଓ ତାଙ୍କ ପୁଅ ହରିଓଁମ ଶବର(୧୨) । ଦୁହେଁ, ଭାବନୀପାଟଣା ପଟୁ ଖାସବାହାଲ ଗାଁକୁ ଫେରୁଥିବା ବେଳେ ଜାମଖୁଣ୍ଟା ବୁଲାଣି ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା । ପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା ।

**କ୍ଷତିପୂରଣ ଦାବିରେ ୧୬ ନଂ ରାଜ୍ୟ ରାଜପଥର ଅବରୋଧ**

ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ଖଡ଼ିଆଳ-ଭାବନୀପାଟଣା ୧୬ନଂ ରାଜ୍ୟ ରାଜପଥକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ । ଫଳରେ ଶହଶହ ଯାନବାହନ ଜାମ ହୋଇଥିବା ବେଳେ ଯାତାୟାତ ଠପ ହୋଇଯାଇଥିଲା । ଘଟଣାସ୍ଥଳରେ ବଙ୍ଗୋମୁଣ୍ଡା ତହସିଲଦାର ସହ ସିନ୍ଧେକେଲା ପୁଲିସ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରି ବଙ୍ଗୋମୁଣ୍ଡା ତହସିଲଦାର ରେଡ୍‌କ୍ରସ ପାଣ୍ଠିରୁ ପରିବାରଙ୍କୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପରେ ଆନ୍ଦୋଳନରୁ ଓହରି ଯାଇଥିଲେ । ଏନେଇ ସିନ୍ଧେକେଲା ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଛି ।

## ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ଠାବ; ୫ ଗିରଫ

କେନ୍ଦୁଝର, ୨୮।୭ (ସମିସ): ଓଡ଼ିଶା ସମେତ ପଡ଼ୋଶୀ ଝାଡ଼ଖଣ୍ଡ, ବିହାର, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ସୁନାଚେନ୍ ଲୁଟ୍‌ପାଟ୍ କରି ପୁଲିସ୍‌ର ନିଦ ହଜାଇ ଦେଇଥିବା ଏକ ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଆଜି କେନ୍ଦୁଝର ପୁଲିସ୍ ଠାବ କରିବା ସହ ଗ୍ୟାଙ୍ଗ୍‌ର ୫ ସଦସ୍ୟଙ୍କୁ ଗିରଫ କରିଛି । ସେମାନେ ହେଲେ, ଚିନ୍ମୟ ପ୍ରଧାନ, ବିଜୟ ପ୍ରଧାନ, ଏ. ଆଶୁ, ଏମ୍ ଅନୀଲ ଓ ସୁନୀଲ ଦାସ । ସେମାନଙ୍କଠାରୁ ପୁଲିସ୍ ୮ଟି ସୁନା ଚେନ, ୨୧ଟି ମୋବାଇଲ, ୧୪ଟି ବାଇକ୍ ଓ ନଗଦ ୧୧ହଜାର ଟଙ୍କା ଜବତ କରିଛି ପୁଲିସ । ଗିରଫ ଲୁଟେରାଙ୍କୁ ନେଇ ପୁଲିସ୍ ସହର ଭିତରେ ସିନ-ରିକ୍ରିଏସନ୍ କରାଇବା ପରେ ସେମାନଙ୍କୁ କୋର୍ଟଚାଲାଣ କରିଛି । ଜିଲ୍ଲା ପୁଲିସ୍‌କୁ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତିନ



କୁଶଳକର ଦଗଡୁ ଏହି ସୂଚନା ଦେଇଛନ୍ତି ।

ଗତ ୧୬ ତାରିଖ ସନ୍ଧ୍ୟାରେ କେନ୍ଦୁଝର ସହରର ବିଭିନ୍ନ ସ୍ଥାନରୁ ଚେନ୍ ଚୋରି ଅଭିଯୋଗ ହୋଇଥିଲା । ଲୁଟେରାମାନେ ସିରିଜ୍ ଲୁଟ୍ କରି ପୁଲିସ୍‌କୁ ନାକେଦମ୍ କରିଦେଇଥିଲେ । ଏହା ଏକ ଗ୍ୟାଙ୍ଗ୍‌ର କାମ ହୋଇଥିବା ସନ୍ଦେହରେ ଜିଲ୍ଲା ପୁଲିସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ସିସିଟିଭି ଫୁଟେଜ୍, ସାଧାରଣ ଗୁଇନ୍ଦା ରିପୋର୍ଟ ଅନୁସାରେ ଜିଲ୍ଲା ପୁଲିସ ଏହି ଘଟଣାର ମୁଖ୍ୟ ସ୍ଥାନରେ ପହଞ୍ଚିଥିଲେ । ଘଟଣାରେ ପୁଲିସ ଯାଜପୁର ଜିଲ୍ଲାର ଦଶମାଣିଆ, ମୁଣ୍ଡମାଲ ଓ ପୂର୍ବକୋଟର ଗ୍ୟାଙ୍ଗ ସାମିଲ ବୋଲି ବୋଲି ଜାଣିବାକୁ ପାଇଥିଲା । ଯାଜପୁର ଜିଲ୍ଲା ପୁଲିସ ସହାୟତାରେ କେନ୍ଦୁଝରର ସ୍ୱତନ୍ତ୍ର ଟିମ୍ ଏହି ରାକେଟର ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ପୁଲିସ ଛାନଭିନ୍‌ରୁ ଜଣାପଡ଼ିଛି, ଓଡ଼ିଶା ଓ ଆଖପାଖ ରାଜ୍ୟରୁ ଏମାନେ ଏକ ହଜାରରୁ ଅଧିକ ଚେନ୍ ଲୁଟ୍ କରିଛନ୍ତି ।

**ଭୁବନେଶ୍ୱର ଏମ୍ସରେ ଲଜ୍ଜା**

## ମହିଳା ଆଟେଣ୍ଡାଣ୍ଟଙ୍କୁ ନର୍ସିଂ ଅଫିସରଙ୍କ ଅସଦାଚରଣ

ଭୁବନେଶ୍ୱର, ୨୮ ।୭(ସମିସ): ଭୁବନେଶ୍ୱର ଏମ୍ସ ପରିସରରେ ଏକ ଲଜ୍ଜାଜନକ ଘଟଣା ଘଟିଛି । ଜଣେ ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ କରିଛନ୍ତି ନର୍ସିଂ ଅଫିସର୍ । ଗତ ରାତିରେ ଏହି ଘଟଣା ଘଟିଛି । ତେବେ ଅଭିଯୋଗ ପରେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ଆଟେଣ୍ଡାଣ୍ଟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଅପରାହ୍ଣରେ



- ରାତି ଅଧରେ ଡାକ୍ତରଙ୍କ ଚାମ୍ବରକୁ ଡକାଇ ଅସଦାଚରଣ
- କାର୍ଯ୍ୟାନୁଷ୍ଠାନ ଦାବିରେ ଆଟେଣ୍ଡାଣ୍ଟଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ
- ଆନ୍ଦୋଳନରେ ସାମିଲ ହେଲେ ସଫେଇ କର୍ମଚାରୀ
- ଡାକ୍ତରଖାନା ପରିସରରେ ପରିମଳ ବ୍ୟବସ୍ଥା ଠପ୍

ଶତାଧିକ କର୍ମଚାରୀ ଏମ୍ସ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେବାରୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଅପରପକ୍ଷେ, ଆଟେଣ୍ଡାଣ୍ଟମାନଙ୍କ କାର୍ଯ୍ୟବନ୍ଦ ଯୋଗୁଁ ବିଭିନ୍ନ ୱାର୍ଡରେ ରୋଗୀସେବା ବାଧାପ୍ରାପ୍ତ ହୋଇଥିଲା । ସେହିପରି ସଫେଇ କର୍ମଚାରୀମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିବାରୁ ସଫାସୁତୁରା କାମ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିଲା । ଏମ୍ସ କର୍ତ୍ତୃପକ୍ଷ ଓ ଖଣ୍ଡଗିରି ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନଥିଲା । ସେପଟେ ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

ପୁଲିସ ସୂଚନା ଅନୁସାରେ, ସ୍ଥାନୀୟ ଅଞ୍ଚଳର ୨୨ବର୍ଷୀୟା ଜଣେ ଯୁବତୀ ବିଆଇଏସ୍ କମ୍ପାନୀ ଅଧୀନରେ ଏମ୍ସରେ ଆଟେଣ୍ଡାଣ୍ଟ ଭାବେ କାମ କରୁଛନ୍ତି । ଗତରାତି ସିଫ୍ଟରେ ଯୁବତୀଜଣଙ୍କ ଡି-୫ ୱାର୍ଡରେ ଡ୍ୟୁଟି କରି ସେମିନାର ହଲରେ ଥିଲେ । ବିଳମ୍ବିତ ରାତିରେ ନର୍ସିଂ ଅଫିସର୍ ତଥା ରାଜସ୍ଥାନର ନାନୁରାମ୍ ତାଙ୍କୁ ଫୋନ୍ କରି ଡାକ୍ତରଙ୍କ ଚାମ୍ବରକୁ ଡକାଇଥିଲେ । ନର୍ସିଂ ଅଫିସର୍ ଡାକୁଥିବାରୁ କୌଣସି କାମରେ ଡାକୁଥିବା ଭାବି ଯୁବତୀଜଣଙ୍କ ସେଠାକୁ ଯାଇଥିଲେ । କିନ୍ତୁ ସେଠାରେ ପହଞ୍ଚିବା ପରେ ନାନୁ ରାମ୍ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ । ଖାଲି ସେତିକି ନୁହେଁ, ପାଖରେ ବସିବାକୁ କହିବା ସହ ଅସଦାଚରଣ କରିଥିଲେ । ତେବେ ଯୁବତୀଜଣଙ୍କ ସେଠାରୁ ପଳାଇଯିବା ସହ ସୁପରଭାଇଜର୍‌ଙ୍କୁ ସମସ୍ତ କଥା କହିଥିଲେ । ପରେ ସୁପରଭାଇଜର୍ ଓ ପୀଡ଼ିତା ଡାକ୍ତରଖାନା ନିୟନ୍ତ୍ରଣ କକ୍ଷ (କଣ୍ଟ୍ରୋଲ ରୁମ୍)କୁ ଯାଇ ଅଭିଯୋଗ କରିଥିଲେ । ନର୍ସିଂ ଅଫିସର୍ ନାନୁ ରାମ୍ ମଧ୍ୟ ସେଠାକୁ ଆସି ନିଜ ଭୁଲ୍ ସ୍ୱୀକାର କରିବା ସହ ଅଣ୍ଡରଟେକିଂ ଲେଖିଥିଲେ । ପୀଡ଼ିତା ଆଜି ସକାଳୁ ପୁଣି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଲିଖିତ ଜଣାଇବା ସହନାନୁ ରାମ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା । ଫଳରେ ଘଟଣାକୁ ନେଇ ଆଟେଣ୍ଡାଣ୍ଟ ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ।




● ସେଲଫି ନେବା ହେଲା କାଳ

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ ଗୁରୁତର



ଚିତ୍ରକୋଣ୍ଡା,୨୮ ।୭ (ସମିସ): ଆଜିକାଲି ଯୁବପିଢୀଙ୍କୁ ଘାରିଥିବା ସେଲ୍‌ଫି ନିଶା ଅନେକ ସମୟରେ କାଳ ପାଲଟୁଛି। ଏଭଳି ଏକ ଘଟଣା ଆଜି ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସଦର ପଞ୍ଜାବୀ ଛକ ଅଞ୍ଚଳରେ ଆଜି ଦେଖିବାକୁ ମିଳିଛି। ବିପଦ ସଙ୍କୁଳ ଭାବେ ସେଲ୍‌ଫି ନେଉଥିବା ବେଳେ ଦୁଇଜଣ ଯୁବକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସଦର ପଞ୍ଜାବୀ ଛକ ଅଞ୍ଚଳରେ ରହୁଥିବା ଦୁଇଟି ନାବାଳକ ତ୍ରିନାଥ ଖିଲ (୧୨) ଓ ଉଦ୍ଧବ ଦାସ ନାଗ (୧୭) ଚିତ୍ରକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଛାତ ଉପରେ ଚଢ଼ି ସେଲଫି ନେଉଥିଲେ। ଏହି ସମୟରେ ସେଲ୍ଫି ଷ୍ଟିକ୍‌ଟି ଛାତ ଉପର ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲା। ଯାହାଫଳରେ ଉଭୟଙ୍କ ମଧ୍ୟରୁ ଜଣେ ଛାତରୁ ତଳକୁ ଛିଟିକି ପଡ଼ିଥିବା ବେଳେ ଅନ୍ୟଜଣେ ବିଦ୍ୟୁତ ଅଘାତରେ ଗୁରୁତର ହୋଇଥିଲେ। ଦୁଇ ଜଣଙ୍କୁ ତୁରନ୍ତ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ବର୍ତ୍ତମାନ ଉଦ୍ଧବର ଅବସ୍ଥା ସଙ୍କଟପନ୍ନ ଥିବାରୁ ତାଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେହିପରି ତ୍ରିନାଥଙ୍କ ଅବସ୍ଥା ସ୍ଥିର ରହିଥିବା ବେଳେ ସେ ଚିତରେକୋଣ୍ଡାରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡିଛି।

■ କୁଲି ଆବାସିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା

## ୩ ଜଣିଆ କମିଟି ପକ୍ଷରୁ ଆଜି ତଦନ୍ତ ଆରମ୍ଭ

ରାୟଗଡ଼ା,୨୮।୭ (ସମିସ): ରାୟଗଡ଼ା ବ୍ଲକ୍ କୁଲି ଗ୍ରାମର ଆବାସିକ ଆଶ୍ରମ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ ଛାତ୍ରୀ ଦିବ୍ୟା ମାଣ୍ଡାଙ୍ଗିଙ୍କ ମ୍ୟାଲେରିଆରେ ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି। ତିନିଦିନ ଭିତରେ ତଦନ୍ତ କରି ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ କମିଟିରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀ ରହିଛନ୍ତି। ତିନି ଅଧିକାରୀ ମଙ୍ଗଳବାର ସକାଳେ ବିଦ୍ୟାଳୟକୁ ଯାଇ ତଦନ୍ତ କରିବା ସହିତ ମୃତ ଛାତ୍ରୀଙ୍କ ପରିବାରକୁ ମଧ୍ୟ ଭେଟିବେ ବୋଲି ଜିଲ୍ଲା ମଙ୍ଗଳ ଅଧିକାରିଣୀ ଅସୀମା ରାଓ ସୂଚନା କହିଛନ୍ତି। ଛାତ୍ରୀ ମୃତ୍ୟୁ ଘଟଣା ସମ୍ପର୍କରେ ବିଭାଗକୁ ନିୟମିତ ଭାବେ ଅବଗତ ତଥା ରିପୋର୍ଟ ପ୍ରଦାନ କରାଯାଉଛି। ନିୟମ ପ୍ରକାରେ କମିଟି ଗଠନ କରାଯାଇ ତଦନ୍ତ ରିପୋର୍ଟ ପ୍ରଦାନ କରିବୁ; ଯଦି ବିଭାଗ ରିପୋର୍ଟ ଉପରେ ସନ୍ତୋଷ ପ୍ରକାଶ ନ କରନ୍ତି ତେବେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ କହିଛନ୍ତି। ପ୍ରକାଶ ଥାଉ କି, ଛାତ୍ରୀ ଜଣଙ୍କ ଅନୁସୂଚିତ ଜନଜାତି ଓ ଅନସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲରେ ରହି କୁଲିସ୍ଥିତ ଶିକ୍ଷା ବିଭାଗ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। କିଛିଦିନ ତଳେ ତାଙ୍କୁ ଜ୍ୱର ହେବାରୁ ହଷ୍ଟେଲରେ ତିନିଦିନ ଧରି ଏଏନ୍‌ଏମ୍‌ଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଯାଇଥିଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନହେବାରୁ ଗତ ୨୪ ତାରିଖ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଳୟରେ ଗୁରୁତର ହେବାରୁ ତାଙ୍କୁ କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର ପାଇଁ ରେଫର କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଦିବ୍ୟାଙ୍କ ମୃତ୍ୟୁ ଘଟିଥିଲା।

## ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର



ଗୁଣପୁର,୨୮।୭ (ସମିସ): ଜିଆଇଇଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୦୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରକୁ ହାଇଦ୍ରାବାଦସ୍ଥିତ ଏଣ୍ଡର ମାଇଣ୍ଡସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ଼ର ଉପସଭାପତି (ଏଚ୍‌ଆର୍) ବିକ୍ରମ, ଅପରେସନ ମୁଖ୍ୟ ଏ ଭେଙ୍କେଟେସଲୁ ଏବଂ ଏଆଇ ପରାମର୍ଶଦାତା ମଧୁ ଭାଡଲମାଣି ଏବଂ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନଭିଜେ ରାଓ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଡ. ପ୍ରେମାନଶୁ ଶେଖର ରଥ, ଡ. ବିଭୂପ୍ରସାଦ, ଡ.ଆଶିଷ କୁମାର ସାମଲ, ଡ. ସୌମେନ୍ଦ୍ର ଦାସ, ପ୍ରମୋଦ ରଞ୍ଜନ ପଣ୍ଡା, ଧୂମେଶ ମେହେର ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ଗୁଣୁପୁର ରକ୍ତ ଭଣ୍ଡାରରର ଡା. ଲକ୍ଷ୍ମଣ ପାତ୍ର, ଟେକ୍ନିସିଆନ ଚନ୍ଦ୍ର ଶେଖର ପାତ୍ର, ରାକେଶ କୁମାର ପଣ୍ଡା, ନର୍ସିଂ ଅଫିସର ସୁଭସ୍ମିତା ଚୌଧୁରୀ, ଡିଏମଏ ରୋଜୀ ନାୟକ ଓ ରାଧାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ୧୦୭ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଶିବିରକୁ ଜାତୀୟ ସେବା ଯୋଜନାର ଆବାହକ ତଥା କାର୍ଯ୍ୟକ୍ରମ ଅଧିକାରୀ ୟୁନିଟ-୧ ପ୍ରଫେସର୍ ବାଣୀ ପ୍ରସାଦ ନାୟକ, କୃଷ୍ଣ ପ୍ରସାଦ ଦାସ, ଜସିଲ ପଟ୍ଟନାୟକ, ସୁନୀଲ କୁମାର ବେବର୍ତ୍ତା ପ୍ରମୁଖ ଶିବରକୁ ପରିଚାଳନା କରିଥିଲେ। ଶିବିରରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇ ରକ୍ତଦାନ କରିଥିଲେ। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସଭାପତି ଡ. ସତ୍ୟପ୍ରକାଶ ପଣ୍ଡା, ଉପ-ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ. ଜଗଦୀଶ ପଣ୍ଡା ଉପସ୍ଥିତ ଥିଲେ।

● ୧୦୭ ୟୁନିଟ ସଂଗ୍ରହ

ଶୁଣିଲେନି ସରକାର

# କାଠ ପୋଲ ତିଆରି କଲେ ଗ୍ରାମବାସୀ



ମାଲକାନଗିରି,୨୮ ।୭ (ସମିସ): ଶୁଣିଲେନି ସରକାର, ଦୀର୍ଘ ଦିନର ଅପେକ୍ଷା ପରେ ନିଜ ସମସ୍ୟାର ସମାଧାନ ନିଜେ କରିବାକୁ ଅଣ୍ଟା ଭିଡିଲେ ଗ୍ରାମବାସୀ। ତିଆରି କଲେ ପୋଲ। ସରକାରୀ କଳ ଲୋକଙ୍କ ଗୁହାରି ଶୁଣୁ ନଥିବାରୁ କିଛି ଏପରି ପଦକ୍ଷେପ ନେଇଛନ୍ତି ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍ ଗୋବିନ୍ଦପାଲି ପଞ୍ଚାୟତର ଗୋଜିଆଗୁଡ଼ା ଗ୍ରାମବାସୀ। ଦୀର୍ଘବର୍ଷ ଧରି ବିପଦସଙ୍କୁଳ ଭାବେ ଏହି ଗ୍ରାମବାସୀ ନଈପାର ହେଉଥିଲେ। ତେଣୁ ସରକାରଙ୍କୁ ଅନୁରୋଧ ପରେ ନଈ ଉପରେ ସେତୁ ନିର୍ମାଣ କାମ ଆରମ୍ଭ ହୋଇଥିଲେ ବର୍ତ୍ତମାନ ମାସ ମାସ ଧରି ଏହି କାର୍ଯ୍ୟ ଅଟକି ରହିଥିବାରୁ କାଠର ପୋଲ ତିଆରି କରି ବର୍ତ୍ତମାନ ସରକାରଙ୍କୁ ଦର୍ପଣ ଦେଖାଇଛନ୍ତି ଏହି ଅଞ୍ଚଳ ଲୋକେ। ସୂଚନାନୁଯାୟୀ, ଏହି ଗୋଜିଆଗୁଡ଼ା ଗ୍ରାମଟି ପର୍ବତମାଳା ଓ ନଦୀ ପରିବେଷ୍ଟିତ ଏକ ଅପହଞ୍ଚ ଗ୍ରାମ ପରି ହୋଇଥିବା ବେଳେ ଗ୍ରାମବାସୀ ଗ୍ରାମରୁ କୌଣସି କାର୍ଯ୍ୟ ପାଇଁ ଅନ୍ୟ ଗ୍ରାମ କିମ୍ବା ବିଏଲକେ ଓ ଜିଲ୍ଲା ସଦରକୁ ଯିବାକୁ ହେଲେ ଭରା ନଈରେ ବିପଦସଙ୍କୁଳ ଅବସ୍ଥାରେ ଡଙ୍ଗା ଯୋଗେ ପର ହେଉଥିଲେ। ପୂର୍ବରୁ ଏହି ନଈରେ ଅନେକ ଅଘଟଣ ମଧ୍ୟ ଘଟିଥିବା ବେଳେ ବର୍ଷା ଦିନେ ଏଠିକାର ଲୋକେ ଯେମିତି ବାହାର ଅଞ୍ଚଳ ଦେଖିବା କଷ୍ଟକର ହୋଇ ପଡୁଥିବାରୁ ସ୍ଥାନୀୟ ଲୋକେ ସରକାରଙ୍କ ନିକଟରେ ସେତୁଟିଏ ପାଇଁ ଦାବି କରି ଆସୁଥିଲେ। ଏହାପରେ ସେତୁ ନିର୍ମାଣ ପାଇଁ କାର୍ଯ୍ୟ ମଧ୍ୟ ଆରମ୍ଭ ହେଲା। ଲୋକେ ସେତୁ ନିର୍ମାଣ କାର୍ଯ୍ୟ ଦେଖି ନିଜର ସମସ୍ୟା ଦୂର ହେଉଥିବା ଅନୁମାନ କରୁଥିବା ବେଳେ ବିଭିନ୍ନ କାରଣ, ପ୍ରଶାସନିକ ଅବ୍ୟବସ୍ଥା ଓ କୋର୍ଟରେ ଚାଲିଥିବା କେସ୍ ଯୋଗୁଁ ସରକାରୀ ବ୍ରିଜ ନିର୍ମାଣ କାମ ବର୍ଷ ବର୍ଷ ଧରି ଅଟକିଗଲା। ଫଳରେ ଅଞ୍ଚଳବାସୀଙ୍କ ଆଶା ଆଶାରେ ରହି ଯାଇଥିବା ବେଳେ ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। ତେଣୁ ଗ୍ରାମବାସୀ ମିଶି କାଠ ନିଜ ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଲେ। ଏକତ୍ରିତ ହୋଇ ବ୍ରିଜ ନିକଟରେ ଥିବା ସାଧନର ବ୍ୟବହାର କରି ଏକ ଅସ୍ଥାୟୀ କାଠ ପୋଲ ତିଆରି କରିଲେ ଗ୍ରାମବାସୀ। ଗ୍ରାମବାସୀଙ୍କ ସାମୁହିକ ପ୍ରୟାସର ଏକ ସଜୀବ ଉଦାହରଣ ଏହି କାଠ ପୋଲ ହୋଇଥିବା ବେଳେ ଏହ ବର୍ତ୍ତମାନ ଲୋକଙ୍କ ସମସ୍ୟାକୁ ଅନେକ ମାତ୍ରାରେ କମାଇ ଦେଇଛି।

## ନଦୀରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ



ଗୁଣୁପୁର,୨୮।୭ (ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ପୁଟାସିଂ ଥାନା ଅଧୀନ ଭୀମପୁର ପଞ୍ଚାୟତର ଦିନବନ୍ଧୁପୁର ନିକଟରେ ପ୍ରବାହିତ ମହେନ୍ଦ୍ରତନାୟା ନଦୀରେ ବୁଡ଼ିଯାଇ ଜଣେ କାଉଡ଼ିଆ ଭକ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ ଅଧୀନ କେ ଝାଲାରସିଂ ଗ୍ରାମର ଦେବଦତ୍ତ ବେହେରାଦଳେଇ ବୋଲି ଜଣାପଡ଼ିଛି। ସୂଚାନାନୁଯାୟୀ, ଦେବଦତ୍ତ ଗ୍ରାମର ୩୦ଜଣ ଭକ୍ତଙ୍କ ସହ ଭୀମପୁର ଶୈବପୀଠକୁ ଜଳାଭିଷେକ ଲାଗି ଆସିଥିଲେ। ତେବେ ଶୌଚ ପାଇଁ ନଦୀକୁ ଯାଇ ସେ ଆଉ ଫେରି ନଥିଲେ। ଫଳରେ ସାଥିରେ ଥିବା ଅନ୍ୟ କାଉଡ଼ିଆ ଭକ୍ତମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବା ବେଳେକୁ ସ୍ଥାନୀୟ ଲୋକେ ମୃତଦେହକୁ ଉଦ୍ଧାର କରିଥିଲେ। ନୂଆଗଡ଼ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୁଟାସିଂ ପୁଲିସ ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଉପଖଣ୍ଡ ଚିକିତ୍ସାଳୟର ଡା. ଲକ୍ଷ୍ମଣ ପାତ୍ର ଶବକୁ ବ୍ୟବଚ୍ଛେଦ କରିବା ପରେ ସ୍ୱର୍ଗରଥ ଗାଡିରେ ମରଶରୀରକୁ ତାଙ୍କ ନିଜ ଗ୍ରାମକୁ ସମ୍ପର୍କୀୟମାନେ ନେଇଯାଇଥିବା ସୂଚନା ମିଳିଛି।

## ପୋଷ୍ଟର ଓ ବ୍ୟାନର ଲଗାଇଲେ ମାଓବାଦୀ

ମାଲକାନଗିରି,୨୮ ।୭ (ସମିସ): ମାଓ ସଙ୍ଗଠନ ୨୮ ତାରିଖରୁ ସହିଦ ସପ୍ତାହ ପାଳନ କରୁଥିବା ବେଳେ ଏହି ସପ୍ତାହର ପ୍ରଥମ ଦିନରେ ନିଜର ସ୍ଥିତି ଜାହିର ପାଇଁ ମାଓ ସଙ୍ଗଠନ ଲଗାଇଛି ବ୍ୟାନର ଓ ପୋଷ୍ଟର। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ରାଜ୍ୟର ଭଦ୍ରାଦି କୋଥାଗୁଡେମ ଜିଲ୍ଲାରେ ଚାର୍ଲା ମାଓ କମିଟି ଅଞ୍ଚଳରେ ସଙ୍ଗଠନ ପକ୍ଷରୁ ବ୍ୟାନର ଓ ପୋଷ୍ଟର ଲଗାଯାଇଛି। କୋଥାଗୁଡେମ ଗାଁ ନିକଟ ମୁଖ୍ୟ ରାସ୍ତାରେ ମାଓବାଦୀମାନେ ଏହି ବ୍ୟାନର ଏବଂ ପୋଷ୍ଟର ଲଗାଇଛନ୍ତି। ୨୮ ଜୁଲାଇରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ମାଓବାଦୀଙ୍କ ସହିଦ ସପ୍ତାହକୁ ପାଳନ କରିବାକୁ ପୋଷ୍ଟରରେ ଆହ୍ୱାନ ଦିଆଯାଇଛି। ସେହିପରି ପୋଷ୍ଟରରେ ଜନ ଆନ୍ଦୋଳନ ମାଧ୍ୟମରେ ମାଓ ଦମନ ପାଇଁ ଆରମ୍ଭ ହୋଇଥିବା ଅପରେସନ କାଗରକୁ ପରାସ୍ତ କରିବା ବିଷୟରେ ଉଲ୍ଲେଖ କରାଯାଇଛି। ତେବେ ସୁରକ୍ଷା ବାହିନୀ ପକ୍ଷରୁ ଉକ୍ତ ବ୍ୟାନର ଏବଂ ପୋଷ୍ଟରକୁ ଜବତ କରାଯାଇଥିବା ସହ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି। ସମାନ ରୂପେ ମାଲକାନଗିରି ଜିଲ୍ଲା ସୀମାବର୍ତ୍ତି ଅଞ୍ଚଳରେ ମଧ ପୋଲିସ ପକ୍ଷରୁ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

▶▶ ଶେଷ ନିଶ୍ୱାସ ନେଉଛି ମାଓ ସଂଗଠନ

## ୧୮ ମାସରେ ୧୬୦୦ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୮ ।୭ (ସମିସ): ଭୁଶୁଡିବାରେ ଲାଗିଛି ମାଓ ସଙ୍ଗଠନ। ନିଜର ଅନ୍ତିମ ନିଶ୍ୱାସ ନେଉଛି ମାଓ ସଙ୍ଗଠନ। ସଂଗଠନର ନେତୃତ୍ୱ ନେଉଥିବା ଅନେକ ମାଓ ନେତାଙ୍କ ନିହତ ତଥା ଆତ୍ମସମର୍ପଣ ପରେ ଗତ ୧୮ ମାସ ମଧ୍ୟରେ ସଙ୍ଗଠନ ଛାଡିଛନ୍ତି ପ୍ରାୟ ୧୬୦୦ ମାଓବାଦୀ। ସୂଚନାନୁଯାୟୀ ମାଓ ସଙ୍ଗଠନକୁ ସମୂଳେ ନାଶ କରିବା ପାଇଁ ମାଲକାନଗିରି ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଜୋରଦାର ଅପରେସନ ହୋଇଥିବାବେଳେ ଓଡିଶା ଏକ ପ୍ରକାର ମାଓ ମୁକ୍ତ ହେବାରେ ଲାଗିଛି। ତେବେ ଓଡ଼ିଶା ସୀମାନ୍ତରେ ଥିବା ଛତିଶଗଡରେ ମାଓ ସଙ୍ଗଠନ ଅନେକ ହିଂସାକାଣ୍ଡ ଘଟାଇବା ସହ ବେଶ ସକ୍ରିୟ ରହିଥିବା ବେଳେ ବର୍ତ୍ତମାନ ସେଠାରେ ମାଓ ଦମନ ପାଇଁ କଡା ରଣନୀତି ଆପଣାଯାଇଛି। ଫଳସ୍ୱରୂପ ବିଗତ ଦୁଇ ବର୍ଷ ମଧ୍ୟରେ ବଡ ସଫଳତା ମିଳିଛି ସୁରକ୍ଷା ବଳଙ୍କୁ। ଅନେକ ଟପ୍ ମାଓନେତା ଯବାନଙ୍କ ଗୁଳିରେ ନିହତ ହୋଇଥିବା ବେଳେ ଅନେକ ସଙ୍ଗଠନ ଛାଡି ଦେଇଥିବାରୁ ବର୍ତ୍ତମାନ ମାଓ ସଙ୍ଗଠନ ଦିଗହରା ହୋଇପଡିଛି। ତେଣୁ ଅନେକ ମାଓବାଦୀ ବର୍ତ୍ତମାନ ନିଜର ଜୀବନ ବଞ୍ଚାଇବା ପାଇଁ ଆତ୍ମସମର୍ପଣ କରିବାରେ ଲାଗିଛନ୍ତି। ଫଳରେ ଗତ ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଛତିଶଗଡରେ ପ୍ରାୟ ୧୬୦୦ ମାଓବାଦୀ ସରକାରଙ୍କ ଉପରେ ଭାରସା କରି ଆତ୍ମସମର୍ପଣ କରିବା ସହ ସାଧାରଣ ଜୀବନ ଯାପନ କରୁଥିବା ବସ୍ତର ଆଇଜି ସୁନ୍ଦରରାଜ ପି ଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହା ମାଓ ସଙ୍ଗଠନ ପାଇଁ ଶକ୍ତ ଝଟକା ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ମାଓବାଦୀ ଆତ୍ମସମର୍ପଣ କରିବେ ଏବଂ ଖୁବଶୀଘ୍ର ମାଓ ସଙ୍ଗଠନ ନିଜର ଅନ୍ତିମ ନିଶ୍ୱାସ ତ୍ୟାଗ କରିବ ବୋଲି ସେ ପ୍ରକାଶ କରିଛନ୍ତି।

## ୟୁନିଫାଇଡ ଅଟୋମେସନ ସିଷ୍ଟମକୁ ମିଳିତ ଶିକ୍ଷକ ମଞ୍ଚର ବିରୋଧ

ଗୁଡାରି,୨୮।୭ (ସମିସ): ଗୁଡାରି ବ୍ଲକ୍ ଏବଂ ପରିଷଦର ମିଳିତ ଶିକ୍ଷକ ମଞ୍ଚ ପକ୍ଷରୁ ୟୁନିଫାଇଡ ଅଟୋମେସନ ସିଷ୍ଟମକୁ ତିବ୍ର ବିରୋଧ କରାଯାଇଛି। ଏନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଗୁଡାରି ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମୌଳିକ ଦାବି ପୂରଣ ନହେବା ପର୍ଯ୍ୟନ୍ତ ୟୁନିଫାଇଡ ଅଟୋମେସନ ସିଷ୍ଟମ (ୟୁଏଏସ୍)କୁ ପ୍ରତିବାଦ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଦାବି ଗୁଡିକ ମଧ୍ୟରେ, ଶ୍ରେଣୀୱାରୀ ଶିକ୍ଷକ ନିଯୁକ୍ତି, ଶ୍ରେଣୀୱାରୀ ଶ୍ରେଣୀ ଗୃହ, ପ୍ରତ୍ୟେକ ବିଦ୍ୟାଳୟକୁ ଡେସ୍କଟୋପ କିମ୍ବା ଲାପଟପ୍, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗଣପୋଷାକ ଭତ୍ତା, ଡାଟା ନେଟୱାର୍କ ନିମନ୍ତେ ଅନୁଦାନ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମାସିକ ବେତନରେ ଥିବା ତାରତମ୍ୟ ଦୂରୀକରଣ, ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବି ନେଇ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷା ମନ୍ତ୍ରୀ, ଶିକ୍ଷା ସଚିବ, ଜିଲ୍ଲା ଓ ଶିକ୍ଷା ଅଧିକାରୀଙ୍କୁ ଗୁଡାରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଦ୍ୱାରା ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥାୟୀ ସଭାପତି ସୁବାଷ ଚନ୍ଦ୍ର ଗୌଡ଼ ସୂଚନା ଦେଇଛନ୍ତି। ସଭାପତି ବାଳକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍କ-କ୍ୟାଡର ସଭାପତି ମାନସ କୁମାର ନନ୍ଦ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ସେନାପତି, ମିଳିତ ଶିକ୍ଷକ ମଞ୍ଚ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏଥିରେ ଉପସ୍ଥିତ ଥିଲେ।

## ପଡିଆରେ ଯୁଗ୍ମ ଅଭିଯୋଗ ଶୁଣାଣି

ପଡିଆ,୨୮।୭ (ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଡିଆ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ମୋଟ ୩୬ ଟି ଅଭିଯୋଗର ଶୁଣାଣି ହୋଇଥିଲା। ଏହି ଅବସରରେ ପଡିଆ ବ୍ଲକ୍ ଅନ୍ତର୍ଗତ କାଲଦାପଲ୍ଲୀ ଗ୍ରାମ ରାସ୍ତା, ଏମ୍‌ପିଭି ୫୬ ଗ୍ରାମ ରାସ୍ତା ଦୀର୍ଘଦିନ ଧରି କାଦୁଅ ଭରା ହୋଇଥିବାରୁ ଏହାର ମରାମତି, ଏମ୍‌ଭି ୫୭ ଗ୍ରାମ ରାସ୍ତା ନିର୍ମାଣ ସମେତ ବିଭିନ୍ନ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଥିବା ସ୍ଥାନ ଗୁଡିକୁ ନେଇ ହେଉଥିବା ରାଜସ୍ୱ କାର୍ଯ୍ୟାନୁଷ୍ଠାନ ନେଇ ନିଜ ନିଜର ଅଭିଯୋଗ ଜଣାଇଛନ୍ତି। ଏହି ଅଭିଯୋଗ ଗୁଡିକର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଓ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମାଲକାନଗିରି ଜିଲ୍ଲା ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନି କୁମାର ମହାପାତ୍ର, ବ୍ଲକ୍ ଅଧ୍ୟକ୍ଷ କଲ୍ୟାଣ ବିଶ୍ୱାସ ଓ ପଡିଆ ବ୍ଲକ୍ ବିଧାୟକଙ୍କ ପ୍ରତିନିଧି ମନ ଦୀପଙ୍କର ରାୟ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା,୨୮।୭ (ସମିସ): ରାୟଗଡ଼ା ରେଲଷ୍ଟେସନ ପ୍ଲାଟଫର୍ମ ନମ୍ବର ୩ରୁ ୧୫କେଜି ଗଞ୍ଜେଇ ଚୋରାଚାଲାଣ ଉଦ୍ୟମ ବେଳେ ଜବତ ସହିତ ଜଣଙ୍କୁ ଗିରଫ କରିଛନ୍ତି ଜିଆରପି ଓ ଆରପିଏଫ ପୁଲିସ। ଗିରଫ ଜଣକ ହେଲେ ଉତ୍ତରପ୍ରଦେଶର ମହମ୍ମଦ ରୋହନ(୨୪)। ଘଟଣାରୁ ପ୍ରକାଶ ଯେ, ସୋମବାର ଜିଆରପି ଓ ଆରପିଏଫ ପୁଲିସ ମିଳିତ ଭାବେ ରେଳ ଷ୍ଟେସନ ପରିସରରେ ଯାଞ୍ଚ କରିବା ବେଳେ ରୋହନଙ୍କ ଉପରେ ସନ୍ଦେହ ହେବାରୁ ପଚରାଉଚୁରା କରିଥିଲେ। ତାଙ୍କ ଠାରୁ ସନ୍ତୋଷଜନକ ଉତ୍ତର ନମିଳିବାରୁ ସେ ଧରିଥିବା ବ୍ୟାଗ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା। ରୋହନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜିଆରପି ପୁଲିସ ବିଭାଗର ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଆଇଆଇସି ବିଜୟ କୁମାର ବେକ୍, ଏସଆଇ ଆଲୋକ କୁମାର ନାୟକ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼ଙ୍କ ସମେତ ଆରପିଏଫ୍‌ର ଏସଆଇ ସରୋଜ କୁମାର ବାରିକ ଏବଂ ଏଏସଆଇ ବିନୋଦ କୁମାର ଉପସ୍ଥିତ ଥିଲେ।

## ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଦାୟିତ୍ୱ ଗ୍ରହଣ



ରାୟଗଡ଼ା,୨୮।୭ (ସମିସ): ରାୟଗଡ଼ା ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଆଶୁତୋଷ କୁଲକର୍ଣ୍ଣି ସୋମବାର ଯୋଗଦାନ କରିଛନ୍ତି। ନୂତନ ଜିଲ୍ଲାପାଳଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ରାୟଗଡ଼ା ରମେଶ କୁମାର ଜେନା, ଜିଲ୍ଲା ଟ୍ରେଜେରୀ ଅଧିକାରୀ ମିତୁସ୍ମା ରାଉତଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ ସେକ୍ସନ ଅଫିସର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, କର୍ମଚାରୀ ସଂଘର କର୍ମକର୍ତ୍ତା ସ୍ୱାଗତ କରିଥିଲେ। ଶ୍ରୀ କୁଲକର୍ଣ୍ଣି ପୂର୍ବରୁ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ମହାନଗର ନିଗମର କମିଶନର ତଥା ରାଉରକେଲା ସ୍ମାର୍ଟସିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଷ୍ଟେଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ଆସୋସିଏସନ ରାୟଗଡ଼ା ଶାଖା ସଭାପତି ଶିବ ନାରାୟଣ ଗଉଡଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ସୂର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଜୟ ମହାରଣା, ସଦସ୍ୟ ରାଜ ଲିମା, ଅକ୍ଷୟ ମହାନନ୍ଦିଆ, ମୁରଲୀ ବଛା, ନିରଞ୍ଜନ ନିମାଲା, ରବି ପାତ୍ର ପ୍ରମୁଖ ସଦସ୍ୟ ଆଜି ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣିଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ବିକାଶ ଦିଗ ଉପରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିକଶିତ ରାୟଗଡ଼ା ଜିଲ୍ଲା ଗଠନ ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ଏବଂ ଦୁର୍ନୀତିକୁ ପ୍ରଶୟ ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି।




## ବିଭିନ୍ନ ଶୈବପୀଠରେ କଉଡ଼ିଆଙ୍କ ଭିଡ଼



କୋରୁକୋଣ୍ଡା/ବାଲିମେଲା,୨୮ ।୭ (ସମିସ): ଶ୍ରାବଣ ଦ୍ୱିତୀୟ ସୋମବାର ପାଇଁ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସମେତ ବାଲିମେଲା ସହର ଅଧିନସ୍ତ ବିଭିନ୍ନ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠ ବୋଲବମ୍ କାଉଡିଆଙ୍କ ସମେତ ଶତାଧିକ ଭକ୍ତଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ବାଲିମେଲା ସହରରେ ଥିବା ଆଖଣ୍ଡଲମଣି ମନ୍ଦିର, ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶିବ ମନ୍ଦିର, କୋରୁକୋଣ୍ଡା ବ୍ଲକ୍ ଅଧିନସ୍ତ ସୁବଳେଶ୍ୱର ଶୈବପୀଠ, ଟେକଗୁଡାରେ ଥିବା ଜଳେଶ୍ୱର ଶିବ ମନ୍ଦିର, କଣ୍ଡେଲ ଗ୍ରାମରେ ଥିବା ଶିବ ମନ୍ଦିର, ନୀଳାଦ୍ରୀ ନଗରରେ ଥିବା ଗଣେଷ ମନ୍ଦିର, ନାକାମାମୁଡି ପଞ୍ଚାୟତର ଖଡ଼ିକାଯୋଡିରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିର, ବାଲିମେଲା ଛକରେ ଥିବା ରାଜଲିଙ୍ଗେଶ୍ୱର ମନ୍ଦିର, ତାର୍ଲାକୋଟାରେ ନିକଟରେ ଥିବା ସିଦ୍ଧେଶ୍ୱର ଶିବ ମନ୍ଦିର, କାମ୍ବେଡାରେ ଥିବା ଶୈବପୀଠ ଏବଂ ପୁରୁଣା ଓର୍କେଲ ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରମାନଙ୍କରେ ସୋମବାର ଶତାଧିକ କାଉଡିଆ ଏବଂ ଭକ୍ତ ମାନଙ୍କର ଭିଡ ଜମିଥିଲା। ନାକାମାମୁଡି ପଞ୍ଚାୟତ ଅଧିନସ୍ତ ବିଭିନ୍ନ ଗ୍ରାମର ପ୍ରାୟ ୪୦ରୁ ଉର୍ଦ୍ଧ ମହିଳା ଓ ପୁରୁଷ ମାନସିକଧାରୀମାନେ ଗ୍ରାମ ନିକଟସ୍ଥ ଖଡ଼ିକାଯୋଡି ନଦୀରେ ପୂଜାର୍ଚ୍ଚନା କରିବା ପରେ ପାଣି ଉଠାଇ ପ୍ରାୟ ୧୫ କିମି ଦୂର ଚାଲି ଚାଲି ଯାଇ ଚିତ୍ରକୋଣ୍ଡା ବ୍ଲକ୍ ଟର୍ନେଲ କ୍ୟାମ୍ପ ଅଧିନସ୍ଥ ଡ଼ାଇକ-୧ ଗ୍ରାମ ନିକଟ ଚିତ୍ରକୋଣ୍ଡା ଡ୍ୟାମ ପାଶ୍ୱର୍ରେ ଥିବା ବହୁ ପୁରାତନ ଶୈବ ପୀଠରେ ପହଞ୍ଚି ସେଠାରେ ମହାଦେବଙ୍କ ପୂଜାର୍ଚ୍ଚନା କରିବା ସହ ଜଳ ଲାଗି କରିଥିଲେ। ସେହିପରି ଉପରୋକ୍ତ ସମସ୍ତ ଶିବ ମନ୍ଦିରରେ ବାଲିମେଲା ଓ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଗ୍ରାମର କାଉଡିଆମାନେ ସେମାନଙ୍କର ନିକଟସ୍ଥ ଶିବ ମନ୍ଦିରରେ ଜଳ ଲାଗି କରିଥିଲେ। ମୁଖ୍ୟତଃ ମାଲକାନଗିରି ଜିଲ୍ଲା ବାଲିମେଲା ସହରରୁ ପ୍ରାୟ ୨୦୦ ଜଣ ଶିଶୁ ସୋମବାର ବାଲିମେଲା ଛକ ନିକଟ ରାଜଲିଙ୍ଗେଶ୍ୱର ଶୈବ ପୀଠକୁ ଜଳ ନେଇ ଯାତ୍ରା କରିଛନ୍ତି। ସେମାନେ ସକାଳେ ସ୍ଥାନୀୟ ଚିତାପାରି ନଦୀ ନିକଟରେ ପୂଜାର୍ଚ୍ଚନା କରିବା ପରେ ପାଣି ଉଠାଇଥିଲେ। ଏହାପରେ ସେମାନେ ବାଲିମେଲା ସହର ସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇ ସେଠାରୁ ପ୍ରାୟ ଦୀର୍ଘ ୫ କିମି ଦୂର ଖାଲି ପାଦରେ ଚାଲି ଚାଲି ଯାଇ ବାଲିମେଲା-ଜୟପୁର ମୁଖ୍ୟ ରାସ୍ତାରେ ଥିବା ରାଜଲିଙ୍ଗେଶ୍ୱର ମନ୍ଦିରରେ ପହଞ୍ଚି ମହାଦେବଙ୍କ ନିକଟରେ ଜଳଲାଗି କରିଥିଲେ। ଶିଶୁ ମାନଙ୍କର ଏହି ବୋଲବମ ଯାତ୍ରା ଦେଖିବା ପାଇଁ ସହରର ବଭିନ୍ନ ଛକ ଗୁଡିକରେ ଭିଡ ଜମିଥିଲା।



# ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

## ୩୬ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଜୟପୁର୨୮ ।୭(ସମିସ):



କୋରାପୁଟ ଜିଲ୍ଲା ଜୟପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଆଜି ନୂତନ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଏହି ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇଥିଲେ । ଏଥିରେ ଜିଲ୍ଲାପାଳ ଶ୍ରୀ ମହାଜନ ୨୭ଟି ବ୍ୟକ୍ତିଗତ ଓ ୯ ଟି ଗୋଷ୍ଠୀଗତକୁ ମିଶାଇ ସମୁଦାୟ ୩୬ଟି ଅଭିଯୋଗର ଶୁଣାଣି କରିଥିଲେ । ଏଥିରେ ଜୟପୁର ନାଗରିକ କମିଟି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି , ମୁଖ୍ୟ ଡାକଗୃହରେ ରେଳ ଟିକେଟ କାଉଣ୍ଟର ଓ ରେଳଷ୍ଟେସନରେ ଏକ୍ସାଲେଟର ଲଗାଇବା, ରାତ୍ର କାଳୀନ ଡାକ ସେବା କାଉଣ୍ଟର ପୁନଃକାର୍ଯ୍ୟକ୍ଷମ, ସହରର ନିକଟସ୍ଥ ଟାଙ୍କୁଆ ଠାରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ଟାଉନ ବସ ସେବା ଚଳାଚଳ, ଜନ୍ମ ଓ ମୃତ୍ୟୁ ପ୍ରମାଣ ପତ୍ର ଜୟପୁର ପୌରସଂସ୍ଥା ମାଧ୍ୟମରେ ପ୍ରଦାନ, ମହିଳାଙ୍କ ପାଇଁ ଶୌଚାଳୟ ନିର୍ମାମ କରିବା ନେଇ କମିଟିର ସଭାନେତ୍ରୀ ବିନୋଦିନୀ ସାନ୍ତ୍ରାପାତ୍ର, ସମ୍ପାଦକ ଜି. ଭେଙ୍କଟ ରେଡ୍ଡି, ଜି.ଭି. ରାଓ, ନରସିଂହ ଚୌଧୁରୀ, ସୁବାଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ସାମାଜିକ କର୍ମୀ କୃଷ୍ଣକେଶବ ଷଡଙ୍ଗୀ ପୁରୁଣା ଫାୟାର ଷ୍ଟେସନ (ଘୋଡାଶାଳ ପଡିଆ) ରେ ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ଆସମାଜିକ ଲୋକଙ୍କ ଆଡ୍ଡାସ୍ଥଳି ପାଲଟିଛି । ତେଣୁ ପାଚେରୀ ସହ ଫାଟକ ନିର୍ମାଣ କରିବା, ସହରରେ ବିଦ୍ୟାଳୟ ଓ ମନ୍ଦିର ନିକଟରେ ଆମିଷ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯିବାକୁ ଦାବି କରିଥିଲେ । ସ୍ଥାନୀୟ ମେଘମାଳ ତୋଟା ଅଞ୍ଚଳରେ ଖାଲି ରହିଥିବା ୨୦ ଡେସିମିଲ ଜମିରେ ପୌରସଂସ୍ଥା ପକ୍ଷରୁ ମୁକ୍ତା ଯୋଜନାରେ ପାର୍କ ନିର୍ମାଣ ନେଇ କାର୍ଯ୍ୟ ଆରମ୍ଭ କରାଯାଇଛି । ଏହା କେବଳ ପାଚେରୀ ନିର୍ମାଣରେ ସୀମିତ ରହିଛି । କିନ୍ତୁ ଏହା ବାବଦକୁ ସମସ୍ତ ନିର୍ମାଣ କାର୍ଯ୍ୟ ଟଙ୍କା ଉଠାଣ କରାଯାଇଛି ବୋଲି ସ୍ଥାନୀୟ ବାସିନ୍ଦା ପଦ୍ମନାଭ ହୋତା ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ । ଏହାର ତୁରନ୍ତ ତଦନ୍ତ କରି ଠିକାଦାରଙ୍କୁ ବଳକା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେବାକୁ ପୌରସଂସ୍ଥାର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କୁ କହିଛନ୍ତି । ଏହି ଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରୋହିତ ବର୍ମା, ଆଇଏଏସ ପ୍ରବେସନାରୀ ସନ୍ତୋଷ ପାତ୍ର, ଜିଲ୍ଲା ଉନ୍ନୟନ ଅଧିକାରୀ ବେଣୁ ଧର ଶବର, ଜୟପୁର ଉପଜିଲ୍ଲାପାଳ ଏ. ସସ୍ୟା ରେଡ୍ଡି, ଏସ୍‌ଡିପିଓ ପାର୍ଥ କାଶ୍ୟପ, ସିଡିଏମ୍‌ଓ ଡା. ରବିନ୍ଦ୍ରନାଥ ମିଶ୍ରଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଘରଡିହ ପଟ୍ଟା ପାଇଁ ୪୯ ପରିବାର ପ୍ରଶାସନର ଦ୍ୱାରସ୍ଥ



ଜୟପୁର.୨୮ ।୭(ସମିସ): ଜୟପୁର ବ୍ଲକ୍ ଅନ୍ତର୍ଗତ ବାରିଣିପୁଟ ପଞ୍ଚାୟତ ଓସିସି କଲୋନୀ ମୁଣ୍ଡିଗୁଡା ଗ୍ରାମବାସୀ ଘରଡିହ ପଟ୍ଟା ପ୍ରଦାନ ପାଇଁ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ସେମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । କୋଲାବ ଜଳ ବିଦ୍ୟୁତ ପ୍ରକଳ୍ପ ମୁଣ୍ଡିଗୁଡାର ଓସିସି କଲୋନୀରେ ୫୦ ରୁ ୫୫ ବର୍ଷ ଧରି ବସବାସ କରୁଥିବା ବାସିନ୍ଦାଙ୍କୁ ସରକାର ଘରଡିହ ପଟ୍ଟା ଯୋଗାଇ ଦେଇନାହାନ୍ତି । ଗତ ୨୦୧୯ ମସିହାରେ ତତ୍କାଳିନ ରାଜ୍ୟ ସରକାରଙ୍କ ପକ୍ଷରୁ ପଟ୍ଟା ପାଇଁ ଅବେଦନ କରିଥିବା ୨୫୦ ପରିବାରଙ୍କ ମଧ୍ୟରୁ ୪୯ ପରିବାରଙ୍କୁ ୨ ଡେସିମିଲ ଲେଖାଏଁ ଜମିର ପଟ୍ଟା ପ୍ରଦାନ କରାଯାଇଥିଲା । କିନ୍ତୁ ଅନ୍ୟାନ୍ୟ ଲୋକଙ୍କୁ ଆଜି ପର୍ଯ୍ୟନ୍ତ ପଟ୍ଟା ପ୍ରଦାନ କରାଯାଇନାହିଁ । ପର୍ଯ୍ୟାୟ କ୍ରମେ ଅନ୍ୟମାନଙ୍କୁ ଘରଡିହ ପଟ୍ଟା ମିଳିବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା । ପରବର୍ତ୍ତୀ ସମୟରେ ଅଫିସରମାନେ ଅନାବାଦି ଡଙ୍ଗର ଜମିରେ ପ୍ରଦାନ କରାଯିବା ନେଇ କହିଥିଲେ । କିନ୍ତୁ ଲୋକମାନେ ବିରୋଧ କରିବାରୁ ପଟ୍ଟା ମିଳିପାରିନଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଜୟପୁର ମୌଜାର ୭ ଏକର ୫୦ ଡେସିମିଲ ଜାଗା ନିରୁପଣ କରାଯାଇଥିଲା । ଉକ୍ତ ଡଙ୍ଗର କିସମ ପରିବର୍ତ୍ତନ ହେବା ପରେ ଉକ୍ତ ଜମିର ସମତୁଲ କାମ ଗ୍ରାମବାସୀମାନେ କରିଥିଲେ । କିନ୍ତୁ ପଟ୍ଟା ଦିଆଯାଇ ନଥିବାରୁ ଲୋକେ ସନ୍ଦେହରେ ରହିଛନ୍ତି । ଏଥିପାଇଁ ବିଗତ ୬ବର୍ଷ ହେଲା ସରକାର ପାଖରେ ନିବେଦନ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ନିୟମାନୁଯାୟୀ ଲୋକଙ୍କୁ ଉକ୍ତ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ଆଜି ଅଭିଯୋଗ ପ୍ରକୋଷ୍ଠରେ ଶତାଧିକ ମହିଳା ଦାବି ଜଣାଇଛନ୍ତି । ସରକାରଙ୍କ ନିୟମ ଅନୁସାରେ ଯେଉଁ ୭ ଏକର ୫୦ ଡେସିମିଲ ଡଙ୍ଗର ଦିଆଯାଇଛି ସେହି ସ୍ଥାନରେ ପଟ୍ଟା ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି । ଅଭିଯୋଗ ପତ୍ର ଦେବା ସମୟରେ ସାମସନ ଭତ୍ରା, ସଚିନ ନାଗ, ଦେବରାଜ ଖୋସ୍ଲା, କୁନି ବାଘ, ଜୟନ୍ତି ଗରଡା, ରାମା ଖୋସଲା, ତୁଳା ମାଣ୍ଡି, ସୁନାମୀ କନ୍ଧପାନଙ୍କ ସମେତ ଅନ୍ୟ ମହିଳାମାନେ ଉପସ୍ଥିତ ଥିଲେ ।

# କୁଶ ମହାନନ୍ଦିଆଙ୍କୁ ସମ୍ବର୍ଦ୍ଧନା



ସୁନାବେଡ଼ା,୨୮ ।୭(ସମିସ): ସୁନାବେଡା ପୌର ପରିଷଦର ସଫେଇ କର୍ମଚାରୀ 'କୁଶ ମହାନନ୍ଦିଆ'ଙ୍କୁ ଶ୍ରେଷ୍ଠ କର୍ମଚାରୀ ଭାବେ ଗତ ୨୬ ତାରିଖ ଦିନ ଭୁବନେଶ୍ୱରର ଲୋକସଭା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମାନିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୁନାବେଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର, ବରିଷ୍ଠ କର୍ମଚାରୀ ଲକ୍ଷ୍ମୀଧର ମହାପାତ୍ର ସେଠାରେ ଉପସ୍ଥିତ ରହି ଶ୍ରୀ କୁଶଙ୍କୁ ଅଭିନନ୍ଦନ ଜଣାଇଥିଲେ । ଶ୍ରୀକୁଶ ସୁନାବେଡ଼ା ଆସିବା ପରେ ମ୍ୟୁନିସିପାଲିଟିର ସହଯୋଗୀ ପରିମଳ କର୍ମଚାରୀ ସୋମବାର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ପରିସରରେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର

ନନ୍ଦାହାଣ୍ଡି,୨୮ ।୭(ସମିସ):



ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟରତ ଶିକ୍ଷକଙ୍କର ସମସ୍ୟା ଓ ତାହାର ଅଶୁ ସମାଧାନ ନେଇ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନନ୍ଦାହାଣ୍ଡି ବିଡିଓ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ନନ୍ଦାହାଣ୍ଡି ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଗଲତି କୁମାର ସଗରିଆଙ୍କ ନେତୃତ୍ୱରେ ବ୍ଲକ ଦୁଇ ଶହରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଏକତ୍ରିତ ହୋଇ ଡଙ୍ଗରଭେଜା ବଜାର ଛକ ଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରି ଯାଇଥିଲେ । ଏହାପରେ ବିଡିଓ ଓ ବିଇଓ ଅନୁପସ୍ଥିତ ଥିବାରୁ ସହକାରୀ ଯନ୍ତ୍ରୀ ଓ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ସଂଘ ସଂପାଦକ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ସମେତ ବିଘ୍ନ ରାଜ ପାତ୍ର, ଗୀତାଞ୍ଜଳୀ ବେଜ, ଲକ୍ଷ୍ମୀଧର ସାହୁ, ରଘୁନାଥ ଭତ୍ରା, ଇତିଶ୍ରୀ ପରିଚ୍ଛା, ରାମଚନ୍ଦ୍ର ଦାସ, ହିମାଂଶୁ ଗୌଡ଼, ଦୁର୍ଗା ମାଧବ ଦାସ ଓ ଅନନ୍ତକୁମାର ମିଶ୍ର ଓ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏଥିରେ ରାଜ୍ୟ ଶିକ୍ଷକ ସଂଘ ସଭାପତି ରମଣୀ ରଂଜନ ତ୍ରିପାଠୀ ମଧ ଉପସ୍ଥିତ ରହିଥିଲେ ।

# ୧୨ ବାଟାଟିୟନ୍ ସିଆରପିଏଫ୍‌ର ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୨୮ ।୭(ସମିସ): ଜିଲ୍ଲା ସଦର ମହକୁମାଠାରେ ଅବସ୍ଥାପିତ ୧୨ ବାଟାଲିୟନ ସିଆରପିଏଫର ୮୭ତମ ପ୍ରତିଷ୍ଠା ଦିବସ ନବରଙ୍ଗପୁରଠାରେ ପାଳିତ ହୋଇଛି । ଏହି ଅବସରରେ ସିଆରପିଏଫ୍‌ର ସହୀଦମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଦେଶ ମାତୃକାର ସେବା ପାଇଁ ବଳିଦାନ ଦେଇଥିବା ଦେଶ ଭକ୍ତଙ୍କ ଉଦ୍ଦେଧଶ୍ୟରେ ସ୍ମୃତି ଚାରଣ କରାଯାଇଥିଲା । ଏଥିସହ ସୁସ୍ଥ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ମା'ଙ୍କ ଉଦ୍ଦେଧଶ୍ୟରେ ଗୋଟିଏ ଗଛ କାର୍ଯ୍ୟକ୍ରମରେ ଚାରାରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୨ ବାଟାଲିୟନ ସିଆରପିଏଫର କମାଣ୍ଡାଣ୍ଟ ଏନ୍ କେକେ ପ୍ରସାଦ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବାବେଳେ ଡେପୁଟି କମାଣ୍ଡାଣ୍ଟ ଫିରୋଜ ଅଲିଙ୍କ ସମେତ ସମସ୍ତ ପଦାଧିକାରୀ ଓ ଯବାନ ଉପସ୍ଥିତ ଥିଲେ । ଏହି ଅବସରରେ ଫିଟ୍ ଇଣ୍ଡିଆ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା । ଏହାକୁ ବାଟାଲିୟନ କମାଣ୍ଡାଣ୍ଟ ଶ୍ରୀ ପ୍ରସାଦ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି ସାଇକେଲ ରାଲି ସିଆରପିଏଫ କ୍ୟାମ୍ପରୁ ବାହାରି ନବରଙ୍ଗପୁର ସହରକୁ ପରିକ୍ରମା କରିଥିଲା । ଏଥିରେ ସିଆରପିଏଫର ଅଧିକାରୀ ଓ ଯବାନମାନେ ଯୋଗଦେଇ ସାଇକେଲ ଚଳାଇ ନିଜକୁ ଫିଟ ରଖିବା ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ବାର୍ତ୍ତା ପ୍ରସାର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ଅଫିସର ଡା. ମାଧବ କୁମାର, ଇନ୍ସପେକ୍ଟର ସୁଜିତ କୁମାର, ମହେଶ କୁମାର, ଏନ୍‌ଡି ନାଉଡୁ, ପ୍ରମୋଦ ସୋନୱାଲ ପ୍ରମୁଖ ଯୋଗଦେଇଥିଲେ ।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର



କୋଷାଗୁମୁଡା,୨୮ ।୭(ସମିସ):

ଆଜି କୋଷାଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାୟକ, ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରକଳ୍ପ ପ୍ରଶାସକ ରାଜୀବ ଲୋଚନ ସାହୁ, ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନଶୁଣାଣି ଶିବିରରେ ମୋଟ ୨୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୮ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ୨୦ଟି ହ୍ୱିଲ ଚେୟାର ଓ ୬ ଟି ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା ।

# ମାରୱାଡି ସମାଜ ତରଫରୁ ହରିୟାଲି ତିଜ ପାଳନ



ସେମିଳିଗୁଡା,୨୮ ।୭(ସମିସ): ସେମିଳିଗୁଡାର ମାରୱାଡି ସମାଜର ମହିଳାମାନେ ହରିୟାଲି ତିଜ ଉତ୍ସବକୁ ବହୁ ଆଡମ୍ବର ସହ ପାଳନ କରିଛନ୍ତି । ଶ୍ରାବଣ ମାସରେ ମାରୱାଡି ମହିଳାମାନେ ସବୁଜିମା ଭରା ଧରଣୀକୁ ସ୍ୱାଗତ କରି ଶିବ ପାର୍ବତୀଙ୍କୁ ପୂଜାର୍ଚ୍ଚନା କରି ସ୍ୱାମୀମାନଙ୍କର ମଙ୍ଗଳ ମନାସି ଥାଆନ୍ତି । ଏହାସହ ସବୁଜ ବସ୍ତ୍ର, ଚୁଡି ପ୍ରଭୃତି ପରିଧାନ କରିଥାନ୍ତି । ଏହି ଉପଲକ୍ଷେ ସେମିଳିଗୁଡାର ସମସ୍ତ ମାରୱାଡି ସଂପ୍ରଦାୟର ମହିଳାମାନେ ସ୍ଥାନୀୟ ଗୁଣ୍ଡିଚା କଲ୍ୟାଣ ମଣ୍ଡପଠାରେ ଝୁଲା ଉତ୍ସବ ମନାଇ ଫୁଲରେ ସଜ୍ଜିତ ଦୋଳିରେ ଝୁଲି, ନୃତ୍ୟ ସଂଗୀତ ମଧ୍ୟରେ ଉତ୍ସବ ମନାଇଥିଲେ । ସୁଜାତା ଅଗ୍ରୱାଲ ଓ ମୁସ୍କାନ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅମୀତ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ସୂରଜ ଅଗ୍ରୱାଲ ସହଯୋଗ କରିଥିଲେ । ବରିଷ୍ଠ ସମାଜସେବୀ ଆନନ୍ଦ ପାଟୱାନିଆ ଉପଦେଷ୍ଟା ଭାବେ ଯୋଗଦେଇଥିଲେ । ସମାଜସେବୀ ସ୍ନିଗ୍ଧାରାଣୀମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସମସ୍ତଙ୍କ ପାଇଁ ଖାଦ୍ୟପାନୀୟର ବ୍ୟବସ୍ଥା ହୋଇଥିଲା ।

# ନାବାଳକ କାର୍ ଚାଳକକୁ ଧରିଲା ପୁଲିସ; ବାପା ନାଁରେ ମାମଲା

କୋରାପୁଟ,୨୮ ।୭(ସମିସ): କୋରାପୁଟ ଟାଉନ୍‌ଥାନା ପୁଲିସ ସୋମବାର ଅପରାହ୍ନରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ନାବାଳକ କାର୍ ଚାଳକକୁ ଧରିଛି । ନାବାଳକ ଚଲାଉଥିବା କାର୍ ଜବତ କରିଥିବାବେଳେ କାର ମାଲିକ ତଥା ନାବାଳକଙ୍କ ବାପାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି । ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସବ୍ ଇନ୍ସପେକ୍ଟର ରାଜେଶ ପ୍ରିୟଦର୍ଶୀ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ଅପରାହ୍ନରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ନାବାଳକ ଦ୍ରୁତ ଗତିରେ କାର ଚଲାଉଥିବା ଦେଖି ଅଟକାଇଥିଲେ । ନାବାଳକ ଜଣକୁ ପୁଲିସ ଗାଡ଼ିର କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ମାଗିବା ବେଳକୁ ତାର ଲାଇସେନ୍ସ ନଥିବା କହିଥିଲା । ପଚରାଉଚରା ପରେ ଗାଡ଼ି ଚାଳକ ନାବାଳକ ବୋଲି ଜଣାପଡ଼ିଥିଲା । ପୁଲିସ କାର୍ ଜବତ କରିବା ସହ କାର୍ ମାଲିକ ନାବାଳକର ବାପା ସମର୍ଜିତ ମିଶ୍ରଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି । ସବ୍‌ଇନ୍ସପେକ୍ଟର ଉମେଶ କୁମାର ଧାରୁଆ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି ।

# ଇନ୍ଦ୍ରାବତୀ ବୋଲବମ୍ ମହାସଂଘ ପକ୍ଷରୁ ଜଳାଭିଷେକ ସହ ଚାରାରୋପଣ

ତେନ୍ତୁଳିଖୁଣ୍ଟି,୨୮ ।୭(ସମିସ): ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ବୋଲବମ୍ ମହାସଂଘର ତୃତୀୟପାଳି ଜଳାଭିଷେକ ଲମତାଗୁଡା ସ୍ଥିତ ଶୈବ ପୀଠରେ ହୋଇଯାଇଛି । ପ୍ରତିବର୍ଷ ଭଳି ବଲବମ ମହାସଂଘ ଚଳିତ ବର୍ଷ ମଧ ବିଭିନ୍ନ ଶୈବ ପୀଠରେ ଜଳାଭିଷେକ କରିଛି । ଶ୍ରାବଣ ସୋମବାର ପ୍ରଥମ ପାଳିରେ ମହାସଙ୍ଘ ପୋଡାଗଡ଼ ନଦୀଘାଟରୁ ଜଳ ନେଇ କପୁରସ୍ଥିତ ନୀଳକଣ୍ଠେଶ୍ୱର ଶୈବ ପୀଠରେ



ଜଳାଭିଷେକ କରିଥିଲେ । ସେହିଭଳି ଦ୍ୱିତୀୟ ପାଳିରେ ତୁରୁଣ୍ଡିଗୁଡ଼ା ଶୈବପୀଠ, ସଂକ୍ରାନ୍ତି ଉପଲକ୍ଷେ ଦେଓପାଲି ଓ ସର୍ମୁଣ୍ଡେଶ୍ୱର ଶୈବପୀଠରେ ଜଳାଭିଷେକ କରିଥିଲେ । ଏହି ଅବସରରେ ବୋଲ୍ ବମ୍ ମହାସଂଘ ସଭାପତି ଚନ୍ଦ୍ର ଶେଖର ଦଳାଇ, ସାଧାରଣ ସମ୍ପାଦକ ହୀନ ସ୍ୱାଇଁ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାଶ, ମାର୍ଗ ଦର୍ଶକ ସାଧୁ ସୁଦନ ବରାଳ, ପ୍ରମୁଖ ବ୍ୟକ୍ତି ବାବୁଲି ଦାଶ, ପାକୁ ମିଶ୍ର, ବାବୁଲି ନାୟକ, ପୀତବାସ ମୁଦୁଲି, ଦିବାକର କୁମ୍ଭାର, ହେମନ୍ତ ଗୌଡ଼, ନରସିଂହ ଖମାର, କେଦାର ଗୌରୀ ପଣ୍ଡା, ବାବୁଲି ଦାସ, ସଞ୍ଜୟ ଗୁରୁଜୀ,ମୁନା ଦଳାଇ ପ୍ରମୁଖଙ୍କ ନେତୃତ୍ୱରେ ଚାରାରୋପଣ, ରକ୍ତଦାନ ଶିବିର ଆୟୋଜନ କରିଥିଲେ ।

# ସାମାଜିକ ଗଣମଧାମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ନନ୍ଦପୁର,୨୮ ।୭(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ସହୀଦ ଲକ୍ଷ୍ମଣ ନାୟକ ଆଦିବାସୀ ସଂଘ ପକ୍ଷରୁ




ଡିଜିଟାଲରେ ଆଦିବାସୀ କଳା ସଂସ୍କୃତି ଓ ପରମ୍ପରାଙ୍କୁ ପ୍ରଚାର ପ୍ରସାର କରିଥିବା ୟୁଟ୍ୟୁବର୍ ତଥା ସାମାଜିକ ଗଣମାଧମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସାମାଜିକ ଗଣମାଧମ ପ୍ରତିନିଧି ନର୍ସି ମୁଦୁଲି, ସୋମନାଥ ପାଙ୍ଗି, ପୂର୍ବ ମୁଦୁଲି, କ୍ରିଷ୍ଣା ଖରା, ପ୍ରତାପ ପାଙ୍ଗି, ଲକ୍ଷ୍ମୀ ଖିଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ସଂଘର ସଭାପତି ଭଗବାନ ପେଟିଆ, ସାଧାରଣ ସମ୍ପାଦକ ଆକାଶ ଖିଲ, ଉପସଭାପତି ଜୟରାମ ଭୋଇ, ପ୍ରଭାତ ଗୁରୁମାଇ, ସମ୍ପାଦକ କେଶବ ଖରା, ଉପଦେଷ୍ଟା କାର୍ତ୍ତିକ ଖେମୁଣ୍ଡୁ, ରେଲି ସୀସା, ସୁବାସ ଜୟରାମ ସୀସା, ପ୍ରୋଜେକ୍ଟ ଲିଡ଼ର ଧନୁର୍ଜୟ ମୁଦୁଲି, ଭୂଷଣ ହନ୍ତାଳ ପ୍ରମୁଖ ଯୋଗଦେଇଥିଲେ ।

# ନାଳରେ ପଡ଼ି ଜଣେ ମୃତ


ପୋଡ଼ାଗଡ଼,୨୮ ।୭(ସମିସ): ନାଳରେ ଶୌଚ ହେବାକୁ ଯାଇ ଜଣଙ୍କ ଜୀବନ ଚାଲିଯାଇଛି । ଏଭଳି ଘଟଣା କୋରାପୁଟ ଜିଲ୍ଲା ଦଶମନ୍ତପୁର ଥାନା ଅନ୍ତର୍ଗତ ବଦଲିକୁଡୁମା ଗାଁରେ ଘଟିଛି । ମୃତକ ଜଣକ ହେଲେ ମିନା ଗୌଡ଼ । ଗାଁର ଜଣେ ବ୍ୟକ୍ତି ଶୌଚ ହେବାକୁ ସେହି ରାସ୍ତାରେ ଯିବାବେଳେ ମିନା ନାଳ ମଝିରେ ପଡ଼ି ରହିଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ । ପରିବାରର ଲୋକେ ଏସମ୍ପର୍କରେ ଦଶମନ୍ତପୁର ଥାନାରେ ଏତଲା ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ଦୁର୍ଗମ ଅଞ୍ଚଳବାସୀଙ୍କ ରକ୍ଷା କବଚ ୟୁଏଆଇଏଲ୍‌ର 'ନିରୋଗଶାଳା'

ରାୟଗଡ଼ା,୨୮ ।୭(ସମିସ): ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍‌କୋର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍) "ନିରୋଗଶାଳା" ପ୍ରଚଳନ କରିଛି । ଯାହା ଏବେ ରାୟଗଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳବାସୀଙ୍କ ରକ୍ଷା କବଚ ପାଲଟିଛି । ଏହା ଦ୍ୱାରା ରାୟଗଡା ଜିଲ୍ଲାର ଦୁର୍ଗମ ଗ୍ରାମଗୁଡିକରେ ଜନସାଧାରଣଙ୍କ ଦ୍ୱାରଦେଶରେ ସେମାନଙ୍କୁ ଉଭୟ ପ୍ରତିଷେଧକ ଓ ଆରୋଗ୍ୟକାରୀ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ହୋଇପାରିଛି । ନିରୋଗଶାଳା ସ୍ୱାସ୍ଥ୍ୟଯତ୍ନ ପ୍ରକଳ୍ପ ନୀରବରେ ତୃଣମୂଳସ୍ତରରେ ଜୀବନଗୁଡିକରେ ରୂପାନ୍ତରଣ ଆଣିଛି । ଏହା କାଶୀପୁର ବ୍ଲକ୍‌ର ପାଇକକୁପଖାଲ, ଅଣ୍ଡିରାକଞ୍ଚ ଏବଂ ଗୋପିନାଥପୁର ଆଦି ଦୂରଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସ୍ପେନସାରୀ ସ୍ଥାପନ କରିଛି । ପ୍ରାୟ ୨୦ ହଜାର ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି । ୟୁଏଆଇର ୟୁନିଟ ହେଡ ରବି ମିଶ୍ର ସୁବିଧା ଅଭାବରୁ କୌଣସି ଜୀବନ ହାନି ଯେଭଳି ନହୁଏ ତାହା ସୁନିଶ୍ଚିତ କରିବା ନିରୋଗଶାଳାର ଲକ୍ଷ୍ୟ ବୋଲି କହିଛନ୍ତି । ପ୍ରତ୍ୟେକ ନିରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଓ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି । ଏଠାରେ ମଧ ମୌଳିକ ଚିକିତ୍ସା ଭିତ୍ତିଭୂମି ରହିଛି । ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ପୂର୍ଣ୍ଣକାଳୀନ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସହାୟକ ଓ ପ୍ରତି ତିନିଦିନ ଅଦଳ ବଦଳ ଭିତ୍ତିରେ ଏମ୍‌ବିବିଏସ୍ ଡାକ୍ତରମାନଙ୍କର ଉପସ୍ଥିତି ଏହି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାକୁ ଉକ୍ତ ଅଞ୍ଚଳର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରାଉଛି ବୋଲି ସେ କହିଛନ୍ତି । ପ୍ରତ୍ୟେକ କେନ୍ଦ୍ର ମାସିକ ହାରାହାରି ୭୦୦ରୁ ୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି । ମାଇକଞ୍ଚ ପଞ୍ଚାୟତର ସରପଞ୍ଚ ମସ୍ତରାମ ମାଝୀ ଏହାଦ୍ୱାରା ମାଇକଞ୍ଚ ଗ୍ରାମ ପଞ୍ଚାୟତର ଗରିବ ଜନସାଧାରଣ ଉପକୃତ ହେଉଥିବା କହିଛନ୍ତି । ଅଣ୍ଡିରାକଞ୍ଚ ଗ୍ରାମବାସୀନ୍ଦା କମଳ ଲୋଚନା ଝୋଡିଆ କୁରାଢୀରେ କାମ କରୁଥିବା ସମୟରେ ପାପୁଲିରେ ଲାଗିଥିବା ଆଘାତର ଚିକିତ୍ସା ଅଣ୍ଡିରାକଞ୍ଚରେ ଥିବା ନିରୋଗଶାଳାରେ କରାଇ ପୁଣି ହାତରେ କାମ କରିବାରେ ସକ୍ଷମ ହୋଇପାରିଥିବା କହିଛନ୍ତି । ଗ୍ରୁପର ସିଏସ୍‌ଆର କାର୍ଯ୍ୟ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ ଡେଭଲପମେଣ୍ଟ ଅଧୀନରେ ପରିଚାଳିତ ହେଉଛି । ଗ୍ରୁପର ସିଏସ୍‌ଆର୍ ଦୂରଦୃଷ୍ଟି ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧାରୁ ମୁକ୍ତି ସୁନିଶ୍ଚିତ କରିବାକୁ ୟୁଏନ୍‌ଏସ୍‌ଡିଜି ଲକ୍ଷ୍ୟ ସମୂହ ସହିତ ମେଳ ଖାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି ।



# ସମ୍ପାଦକୀୟ



ବୟସର ପ୍ରଭାବ ଶାରୀରିକ ତୁଳନାରେ ମାନସିକ ସ୍ତରରେ ଅଧିକ। ସେ ବିଷୟରେ ଚିନ୍ତା ନ କଲେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ ନାହିଁ।
-ମାର୍କ ଟ୍ୱେନ୍

ସକାଳ
THE SAKALA

## ବୈଷମ୍ୟର ବିଡ଼ମ୍ବନା

ଆମ ଦେଶରେ ଆର୍ଥିକ ଅସମାନତା ବଢ଼ି ଚାଲିଥିବାରୁ ବର୍ଦ୍ଧିତ ମୁଣ୍ଡପିଛା ଆୟ ଅର୍ଥହୀନ ହୋଇପଡ଼ିଛି। ଅସଲରେ ଜିଡିପି ବା ସାମଗ୍ରିକ ଆୟର ମୁଖ୍ୟାଂଶ ଧନୀଙ୍କ ନିୟନ୍ତ୍ରଣରେ ଥିବାରୁ ଲୋକସଂଖ୍ୟାର ଏକ ବୃହତ୍ ଅଂଶର ଆର୍ଥିକ ସ୍ଥିତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟୁନାହିଁ। ବର୍ଦ୍ଧିତ ମୁଣ୍ଡପିଛା ଆୟ ଯାହା ଦର୍ଶାଯାଇଛି ସେହି ଅନୁପାତରେ ବ୍ୟୟ କରିବାର ଶକ୍ତି ଓ ସାମର୍ଥ୍ୟ ବଢୁନାହିଁ। ୧୪୬ କୋଟି ଜନତାଙ୍କୁ ନେଇ ମୁଣ୍ଡ ଟେକିଥିବା ବଜାର ଅର୍ଥନୀତି ଯେଉଁ ହାରରେ ଗତିଶୀଳ ହୋବାକଥା ତାହା ପରିଲକ୍ଷିତ ହେଉନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ କି ଦେଶର ଏକ ପ୍ରତିଶତ ଧନୀ ପରିବାରଙ୍କ ନିକଟରେ ପ୍ରାୟ ୧୧.୭ ଲକ୍ଷ କୋଟି ଡଲାର ମୂଲ୍ୟର ସମ୍ପତ୍ତି ମହଜୁଦ୍ ଅଛି। ଏଥିରେ ପ୍ରାୟ ୨.୭ ଲକ୍ଷ କୋଟିର ଲିକ୍ୱିଇଡ୍ ଆର୍ଥିକ ସମ୍ପତ୍ତି ମଧ୍ୟ ଅନ୍ତର୍ଭୁକ୍ତ। ଏସବୁ ସତ୍ତ୍ୱେ ଅର୍ଥନୀତିରେ ବର୍ଦ୍ଧିତ ଜଡିପିର ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ସେହି ମୋଟ ଉପାର୍ଜନ ବା ଆୟ ଏତେ ବିପୁଳ ଜନସଂଖ୍ୟା ମଧ୍ୟରେ ବିଭାଜିତ ହୋଇ ଯେଉଁ ମୁଣ୍ଡପିଛା ଆୟ ଦର୍ଶାଯାଇଛି ତାହାର ଯେ ମୁଖ୍ୟ ଅଂଶ ଧନଶାଳୀଙ୍କ ନିୟନ୍ତ୍ରଣରେ ଯେ ରହିଯାଉଛି ଏକଥା ଗ୍ରହଣ କରିବାକୁ ପଡ଼ିବ। ତେଣୁ ମୁଣ୍ଡପିଛା ଆୟ ବଢୁଛି ବୋଲି ଯେଉଁ ପରିସଂଖ୍ୟାନ ସାମନାକୁ ଆସୁଛି ତାହା କ'ଣ ଯଥାର୍ଥରେ ଆମ ସାଧାରଣ ଜନତାଙ୍କ ଆୟର ଅନୁରୂପ? ଆମକୁ ଏଠାରେ କହିବାକୁ ପଡ଼ିବ ଯେ ଅର୍ଥନୀତିର ଅସଲ ସ୍ୱରୂପ ସାମନାକୁ ଆସୁନାହିଁ।

ଉପରୋକ୍ତ ତର୍ଜମା ସତ୍ତ୍ୱେ ସମଗ୍ର ବିଶ୍ୱର ଅର୍ଥନୀତି ଏହି ପରିସଂଖ୍ୟାନ ଗତ ବୈଶିଷ୍ଟ୍ୟକୁ ସ୍ୱୀକୃତି ଦେଇଚାଲିଛି। ଆମ ଦେଶ ମଧ୍ୟ ସେହି ପରିସଂଖ୍ୟାନ ଭିତ୍ତିରେ ୪ର୍ଥ ଅର୍ଥନୀତିର ମର୍ଯ୍ୟାଦା ହାସଲ କରିଛି। ୨୦୧୩-୧୪ ରୁ ୨୦୨୪-୨୫ ବିତ୍ତୀୟ ବର୍ଷ ମଧ୍ୟରେ ବର୍ଦ୍ଧିତ ମୁଣ୍ଡପିଛା ଆୟକୁ ଭିତ୍ତିକରି ଦେଶର ଆର୍ଥିକ ପ୍ରଗତି ଘଟୁଛି ବୋଲି ସରକାର ଦାବି କରୁଛନ୍ତି। ତେବେ ଧନୀ ଓ ଗରିବଙ୍କ ମଧ୍ୟରେ ଯେଉଁ ହାରରେ ପାର୍ଥକ୍ୟ ବଢୁଛି ତାହା ନିଶ୍ଚୟ ଉଦ୍‌ବେଗଜନକ। ନିକଟରେ କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ସଂସଦରେ ଅର୍ଥନୀତିର ଯେଉଁ ଚିତ୍ର ଉପସ୍ଥାପନ କରିଛନ୍ତି ତାହା ସ୍ୱତନ୍ତ୍ର ଆଲୋଚନା ଦାବି କରେ। ଦେଶରେ ମୁଣ୍ଡପିଛା ଆୟ ୨୦୨୪-୨୫ ଆର୍ଥିକ ବର୍ଷରେ ୧,୧୪,୭୧୦ ଟଙ୍କାକୁ ବୃଦ୍ଧି ପାଇଛି। ଦଶବର୍ଷ ତଳେ ମୁଣ୍ଡପିଛା ନେଟ୍ ଜାତୀୟ ଆୟ ୭୨,୮୦୫ଟଙ୍କାରେ ସୀମିତ ଥିଲା। ଏହି ସମୟ ମଧ୍ୟରେ ଓଡ଼ିଶାର ଅର୍ଥନୀତି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟର ହାରାହାରି ମୁଣ୍ଡପିଛା ଆୟ ୫୪,୨୦୯ ଟଙ୍କାରୁ ୧୦୬୯୧୮ ଟଙ୍କାକୁ ବୃଦ୍ଧି ପାଇଛି। ଏହି ଦଶକରେ ଓଡ଼ିଶାରେ ମୁଣ୍ଡପିଛା ଆୟ ୯୨.୭ ପ୍ରତିଶତ ହାରରେ ବୃଦ୍ଧି ପାଇଛି। ନବୀନ ସରକାରଙ୍କ ବିତ୍ତୀୟ ସୁପରିଚାଳନା ଯୋଗୁଁ ମୁଣ୍ଡପିଛା ଆୟ ବୃଦ୍ଧି ପ୍ରାୟ ଦ୍ୱିଗୁଣିତ ହୋଇଛି। ଦ୍ରୁତ ଅର୍ଥନୈତିକ ପ୍ରଗତି ଓ ମୁଣ୍ଡ ପିଛା ଆୟରେ ତାହାର ପ୍ରଭାବ ଦୃଷ୍ଟିରୁ ଆମେ ସମଗ୍ର ଦେଶରେ ପ୍ରଥମ।

ଏହି ସଫଳତା ଦାବି କଲାବେଳେ ଅନ୍ୟରାଜ୍ୟର ସ୍ଥିତି ସହ ତୁଳନାତ୍ମକ ତଥ୍ୟ ଉପସ୍ଥାପନ କରିବା ଜରୁରୀ ମନେ ହୁଏ। ଆମ ପଛକୁ କର୍ଣ୍ଣାଟକର ମୁଣ୍ଡ ପିଛା ଆୟ ବୃଦ୍ଧି ହାର ୯୩.୬% ହୋଇଛି। ଦେଶ ବା ରାଜ୍ୟରେ ମୁଣ୍ଡପିଛା ଆୟବୃଦ୍ଧି ଆର୍ଥିକ ସୁପରିଚାଳନା ଉପରେ ନିର୍ଭର କରେ। ଏକଥା ସତ ଯେ ସାମଗ୍ରିକ ଭାବେ ଦେଶର ସବୁ ରାଜ୍ୟରେ ମୁଣ୍ଡପିଛା ଆୟ ବଢ଼ିଛି, କିନ୍ତୁ ଅନୁପାତ ପରସ୍ପରଠାରୁ ଭିନ୍ନ। ଆର୍ଥିକ ବିକାଶର ଦିଗ ନିର୍ଣ୍ଣୟ, ଆଞ୍ଚଳିକ ସ୍ଥିତି ଦୃଷ୍ଟିରୁ ସୁବିଧା ସୁଯୋଗର ଅଭାବ, ସଂରଚନାଗତ ଅସମାନତା, ସର୍ବୋପରି ଶାସନତନ୍ତ୍ରରେ ଥିବା ପାର୍ଥକ୍ୟ ମୁଣ୍ଡପିଛି ଆୟ ବୃଦ୍ଧିକୁ ପ୍ରଭାବିତ କରିଥାଏ ବୋଲି ମନ୍ତ୍ରୀ ଶ୍ରୀଚୌଧୁରୀ ସ୍ୱୀକାର କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ଯେଉଁସବୁ କ୍ଷେତ୍ରକୁ ଓଡ଼ିଶା ସରକାର ପ୍ରାଥମିକତା ପ୍ରଦାନ କରିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ମୁଣ୍ଡପିଛା ଆୟ କ୍ଷେତ୍ରରେ ଆମଠାରୁ ପଛରେ ପଡ଼ିଥିବା ରାଜ୍ୟ ମଧ୍ୟରେ ବିହାର, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଆସାମ ଅନ୍ୟତମ। ୨୦୨୩-୨୪ ରେ ବିହାରର ମୁଣ୍ଡପିଛା ଆୟ ୩୨,୨୨୭, ମଧ୍ୟପ୍ରଦେଶରେ ୭୦୪୩୪, ଛତିଶଗଡ଼ରେ ୯୩,୧୬୧, ରାଜସ୍ଥାନରେ ୯୬,୬୩୮ ଓ ଆସାମରେ ହାରାହାରି ମୁଣ୍ଡପିଛା ଆୟ ୮୧,୧୨୭ ଟଙ୍କା ହୋଇଛି। ମନ୍ତ୍ରୀଙ୍କ ମନ୍ତବ୍ୟ ଅନୁଯାୟୀ ଏସବୁ ରାଜ୍ୟରେ ଶାସନତାନ୍ତ୍ରିକ ପାର୍ଥକ୍ୟରୁ ପ୍ରଗତି ଆଶନୁରୂପ ହୋଇପାରିନାହିଁ ବୋଲି ଧରିନେବାକୁ ହେବ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଗତ ଦଶବର୍ଷରେ ଦେଶର ଆର୍ଥିକ ପ୍ରଗତି ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ ମଧ୍ୟ ଆନ୍ତଃ ରାଜ୍ୟ ପରିସଂଖ୍ୟାନରୁ ଅସମାନତା ବାରି ହୋଇପଡୁଛି। ମୁଣ୍ଡପିଛା ଆୟଦୃଷ୍ଟିରୁ କର୍ଣ୍ଣାଟକ ସବୁଠାରୁ ଆଗରେ ଥିବା ବେଳେ ବିହାର ସବୁଠାରୁ ଗରିବ ରାଜ୍ୟ ଭାବରେ ପରିଗଣିତ ହୋଉଛି। ଏକଦା ଅନ୍ୟତମ ଦରିଦ୍ର ରାଜ୍ୟ ରୂପେ ଓଡ଼ିଶାର କୁଖ୍ୟାତି ଥିଲା। ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ଠାରୁ ଆମର ରାଜ୍ୟର ବିକାଶ ଯେ ଅଧିକ ଗତିଶୀଳ ହୋଇଛି ଏକଥା ସ୍ୱୀକାର କରିବାକୁ ପଡ଼ିବ। ତଥାକଥିତ ବିମାରୁ ରାଜ୍ୟର କବଳରୁ ଆମେ ମୁକ୍ତ ହୋଇଛେ। ଆମେ ଜାତୀୟ ହାରକୁ ଅତିକ୍ରମ କରିପାରି ନ ଥିଲେ ମଧ୍ୟ ନିକଟବର୍ତ୍ତୀ ହୋଇଛୁ। ମୁଣ୍ଡପିଛା ଆୟ ହାର ବୃଦ୍ଧି କ୍ଷେତ୍ରରେ ୯୦ ପ୍ରତିଶତ ଅତିକ୍ରମ କରିଛନ୍ତି କେବଳ ଦୁଇଟି ରାଜ୍ୟ। ପ୍ରଥମରେ ଓଡ଼ିଶା ଓ ଦ୍ୱିତୀୟରେ କର୍ଣ୍ଣାଟକ।

ବର୍ଣ୍ଣଷ୍ଟ୍ରିନ୍ ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଆମ ଦେଶରେ ସବୁଠାରୁ ଧନୀ ଲୋକ ଅଧିକରୁ ଅଧିକ ବିତ୍ତଶାଳୀ ହେଉଛନ୍ତି। ସେମାନଙ୍କର ୨.୭ ଲକ୍ଷ କୋଟି ଡଲାର ଲିକ୍ୱିଇଡ୍ ଆର୍ଥିକ ସଂପତ୍ତିର ସୁପରିଚାଳନା କ୍ଷେତ୍ରରେ ପ୍ରପର୍ଟି ମ୍ୟାନେଜରଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇଛି। ତେବେ ଏହି ସଂଖ୍ୟା କେବଳ ୧୧ ପ୍ରତିଶତରେ ସୀମିତ ରହିଛି। ସେମାନଙ୍କର ବର୍ଦ୍ଧିତ ସଂଚୟ ଓ ଧନର ମୁଖ୍ୟଅଂଶ ଆର୍ଥିକ ସଂପତ୍ତିରେ ରୂପାନ୍ତରିତ ହୋଇଛି। ଭାରତର ପୁଞ୍ଜି ବଜାରରେ ସେମାନଙ୍କର ପ୍ରାଧାନ୍ୟ ବାରି ହୋଇ ପଡ଼ିଛି। ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ଘୋଷିତ ମୁଣ୍ଡପିଛା ଆୟ ସାମଗ୍ରିକ ବିକାଶର କଥା କୁହେନି। ଦେଶର ବୃହତ୍ତର ବର୍ଗଙ୍କ କ୍ରୟଶକ୍ତି ନ ବଢ଼ିବା ପର୍ଯ୍ୟନ୍ତ ଆମ ବଜାର ଅର୍ଥନୀତି ବିଶ୍ୱର ବିତ୍ତଶାଳୀ ରାଷ୍ଟ୍ରଙ୍କୁ ଆକୃଷ୍ଟ କରିପାରିବନି। ତେଣୁ ସରକାରଙ୍କୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ହେବ।

## ଅଙ୍ଗାରକ କୃଷି ପଦ୍ଧତି

ବିଦ୍ୟାଧର ମହାରଣା

ଜୀବଜଗତର ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଶରୀରରେ ଅଙ୍ଗାର ରହିଛି। ମାଟି, ଜଳ ଓ ବାୟୁରେ ମଧ୍ୟ ଅଙ୍ଗାର ସଜୀବ ଓ ନିର୍ଜୀବ ଆକାରରେ ରହିଛି। ଅଙ୍ଗାରଚକ୍ର ମାଧ୍ୟମରେ ସଜୀବ ଅଙ୍ଗାର ଓ ନିର୍ଜୀବ ଅଙ୍ଗାର ମଧ୍ୟରେ ପରିବର୍ତ୍ତନ ହୋଇଥାଏ। ବାୟୁ ପ୍ରଦୂଷଣ ହେଲେ ଏଥିରେ ଅଙ୍ଗାରକାମ୍ଳ ବାଷ୍ପ ପରିମାଣ ବୃଦ୍ଧି ପାଏ। ଯେହେତୁ ସବୁଜଗୃହ ବାଷ୍ପ ବିଶ୍ୱର ଉତ୍ତାପ ବୃଦ୍ଧି କରି ଜଳବାୟୁ ପରିବର୍ତ୍ତନର ଏକ ମୁଖ୍ୟ କାରଣ ଏବଂ ସବୁଜଗୃହ ବାଷ୍ପ ମଧ୍ୟରେ ଅଙ୍ଗାରକାମ୍ଳ ବାଷ୍ପ ଅନ୍ୟତମ, ଏହାକୁ ବାୟୁମଣ୍ଡଳକୁ ତ୍ୟାଗ ନକରି ମୃତ୍ତିକା ମଧ୍ୟରେ ସାଇତି ରଖିବାକୁ ପ୍ରୟାସ କରାଯାଉଛି। ଏହାକୁ ଅଙ୍ଗାର କୃଷି(କାର୍ବନ ଫାର୍ମିଙ୍ଗ)ବା ଅଙ୍ଗାର ପୃଥକୀକରଣ କୁହାଯାଏ। ବିଭିନ୍ନ ଭୂମି ପରିଚାଳନା କୌଶଳ ଅନୁସରଣ କରି ବାୟୁମଣ୍ଡଳର ଅଙ୍ଗାରକାମ୍ଳ ବାଷ୍ପକୁ ମୃତ୍ତିକା ମଧ୍ୟରେ ଗଚ୍ଛିତ କରି ରଖାଯାଏ। ଏହାଦ୍ୱାରା ବାୟୁମଣ୍ଡଳକୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଉତ୍ସର୍ଜନ ନହୋଇ ମୃତ୍ତିକା ମଧ୍ୟରେ ବହୁଦିନ ପର୍ଯ୍ୟନ୍ତ ଗଚ୍ଛିତ ହୋଇ ରହେ।

ଅଙ୍ଗାରକ କୃଷି କେତେକଙ୍କ ପାଇଁ ନୂଆ ହୋଇପାରେ, କିନ୍ତୁ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାର ବିଶେଷ ଗୁରୁତ୍ୱ ରହିଛି। ଏହାକୁ ମଧ୍ୟ ପ୍ୟାରିସ ଚୁକ୍ତି ୨୦୧୫ରେ ଉଲ୍ଲେଖ କରାଯାଇଛି। ବାୟୁମଣ୍ଡଳରେ ସାଧାରଣତଃ ୦.୦୪% ଅଙ୍ଗାରକାମ୍ଳ ବାଷ୍ପ ଥାଏ। କିନ୍ତୁ ଜୀବାଶ୍ମ ଇନ୍ଧନରୁ ଓ କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ଓ କାର୍ବନ୍ ମନୋଅକ୍ସାଇଡ୍ ନିର୍ଗତ ହୋଇ ବାୟୁମଣ୍ଡଳକୁ ପ୍ରଦୂଷିତ କରେ। ପ୍ରାକ୍-ଶିଳ୍ପ ସମୟରେ ବାୟୁରେ ୨୮୦ ନିୟୁତାଂଶ ପର୍ଯ୍ୟନ୍ତ ଅଙ୍ଗାରକାମ୍ଳ ବାଷ୍ପ ରହୁଥିଲା ବେଳେ ଏବେ ଏହା ୪୨୬ ନିୟୁତାଂଶ ପର୍ଯ୍ୟନ୍ତ ବଢ଼ିଲାଣି। ସାଧାରଣତଃ ୩୫୦ ନିୟୁତାଂଶରୁ ଏହା ଅଧିକ ହେଲେ ଆମ ପାଇଁ ବିପଦଜନକ ହୋଇଥାଏ। ଏହାର ସମାଧାନ ପାଇଁ ଅଧିକ ଅଙ୍ଗାରକ ପୃଥକୀକରଣ କରି ଉଦ୍ଭିଦ ଓ ମୃତ୍ତିକା ମଧ୍ୟରେ ଗଚ୍ଛିତ ରଖା ଯାଇପାରେ। ଏହାଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ କୃଷକଙ୍କ ରୋଜଗାର ବୃଦ୍ଧି ପାଇବ।

ଅଙ୍ଗାରକ କୃଷିର କେତେକ ବିଶେଷ ଦିଗ ହେଉଛି ଅଙ୍ଗାର ପୃଥକୀକରଣ, ପୁନରୁତ୍ଥାନ ପ୍ରକ୍ରିୟା, ସ୍ୱେଚ୍ଛାପୂର୍ବକ ଅଙ୍ଗାରକ ବଜାରରେ ଅଂଶଗ୍ରହଣ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରସଙ୍ଗ। ଅଙ୍ଗାରକ କୃଷି ପ୍ରଥମରେ ଅଷ୍ଟ୍ରେଲିଆ ୨୦୧୨ ମସିହାରେ ଆରମ୍ଭ କରିଥିଲା। ଘରୋଇ ଜମି ମାଲିକ କୃଷି ଓ ବନୀକରଣ ମଧ୍ୟରେ କାର୍ବନ୍ କ୍ରେଡିଟ୍ ହାସଲ କରିବା ପାଇଁ ଅଙ୍ଗାରକ କୃଷି ଅନୁଷ୍ଠାନ ପ୍ରୋତ୍ସାହନ ଯୋଗାଇ ଦେଉଥିଲେ। ଭାରତରେ ମଧ୍ୟ ୫୦ ଗୋଟି ଅଙ୍ଗାରକ କୃଷି ପ୍ରକଳ୍ପ ଦ୍ୱାରା ୧୬.୫ ନିୟୁତ ହେକ୍ଟର ଜମିରେ ଏହାକୁ ଆରମ୍ଭ କରାଗଲାଣି। ହରିୟାନା ଓ ମଧ୍ୟପ୍ରଦେଶ ଅନୁଧ୍ୟାନରୁ ଜଣାଯାଏ ଯେ ଏହି କୃଷି ମୁଖ୍ୟତଃ ବଡ଼ ଚାଷୀ ଗ୍ରହଣ କରୁଛନ୍ତି।

ମୋଟ ଉପରେ ଅଙ୍ଗାରକ କୃଷି ମୁଖ୍ୟତଃ ପାଞ୍ଚଟି ପଦ୍ଧତି ଅନୁସରଣ କରେ। ପ୍ରଥମ ପଦ୍ଧତି ହେଉଛି କୃଷି ବନୀକରଣ। ବନ ଜଙ୍ଗଲରେ ଅଙ୍ଗାର ଅବଶୋଷିତ ହୋଇ ବହୁଦିନ ପର୍ଯ୍ୟନ୍ତ ଗଚ୍ଛିତ ହୋଇରହେ। କିନ୍ତୁ ଜଙ୍ଗଲ କ୍ଷୟ ଯୋଗୁଁ ବାୟୁମଣ୍ଡଳକୁ ପ୍ରାୟ ୧୫-୨୦ ଶତାଂଶ ପର୍ଯ୍ୟନ୍ତ ସବୁଜଗୃହ ବାଷ୍ପ ଉତ୍ସର୍ଜନ ହୋଇଥାଏ। ଆମେ ଯଦି ସଂଧାରଣୀୟ ବନୀକରଣ କରିପାରିବା ତେବେ ଏହି ଜଙ୍ଗଲ ଏକ ଅଙ୍ଗାର କୁଣ୍ଡ ସଦୃଶ ଅଙ୍ଗାରକୁ ବହୁଦିନ ଧରି ଗଚ୍ଛିତ କରି ରଖିପାରିବ। ଫସଲ ସହିତ ବୃକ୍ଷଚାଷକୁ କୃଷି ବନୀକରଣ କୁହଯାଏ। ଏହାଦ୍ୱାରା ମୃତ୍ତିକାରେ ଅଧିକ ଅଙ୍ଗାର ଗଚ୍ଛିତ ହୋଇ ରହେ ଏବଂ ଜୈବବିଭିନ୍ନତା ବୃଦ୍ଧି ପାଏ। ଗଛର ପତ୍ର ଝଡ଼ି ମାଟିରେ ମିଶିଲେ ଏଗୁଡ଼ିକ ଜୈବିକ ଅଙ୍ଗାରରେ ପରିଣତ ହୋଇ ମୃତ୍ତିକା ମଧ୍ୟରେ ଗଚ୍ଛିତ ହୋଇ ରହେ।

ଦ୍ୱିତୀୟ ପଦ୍ଧତି ହେଉଛି ସଂରକ୍ଷଣ କୃଷି। ଏହି ପଦ୍ଧତିରେ ଅଙ୍ଗାର ପୃଥକୀକରଣ ପାଇଁ ବ୍ୟାପକ ସୁଯୋଗ ରହିଛି। ଜମିରେ ଆବରଣ ଫସଲ ଚାଷ କଲେ ମୃତ୍ତିକା କ୍ଷୟ ହ୍ରାସ ପାଏ ଏବଂ ମୃତ୍ତିକା ମଧ୍ୟରେ ଅଙ୍ଗାର ଗଚ୍ଛିତ ହୋଇ ରହେ। ପାରମ୍ପରିକ କୃଷିରେ ଅଧିକ କର୍ଷଣ କରିବା ଫଳରେ ମୃତ୍ତିକା କ୍ଷୟ ହୁଏ ଏବଂ ମାଟି ବସିଯାଇ ଉପ ମୃତ୍ତିକାରେ ଏକ କଠିନ ସ୍ତର ସୃଷ୍ଟି ହେବା ଫଳରେ ଜଳ ନିଷ୍କାସନ ଅସୁବିଧା ହୁଏ। ବାରମ୍ବାର ଚାଷ କଲେ ମୃତ୍ତିକାର ଉପକାରୀ ଅଣୁଜୀବ ସଂଖ୍ୟା କମିଯାଏ। ଶୂନ୍ୟ କର୍ଷଣ ବା ସର୍ବନିମ୍ନ କର୍ଷଣ ଯୋଗୁଁ ମୃତ୍ତିକାର ସଂରଚନା ପରିବର୍ତ୍ତନ ହୁଏନାହିଁ ଏବଂ ଅଧିକ ଅଙ୍ଗାର ପୃଥକୀକରଣ ସମ୍ଭବ ହୁଏ। ମୃତ୍ତିକାରେ ଉପକାରୀ ଅଣୁଜୀବ ସଂଖ୍ୟା ବୃଦ୍ଧିପାଏ ଏବଂ ହ୍ୟୁମସ ଗଠିତ ହୋଇ ମୃତ୍ତିକାର ଉର୍ବରତା ଓ ଜଳଧାରଣ ଶକ୍ତି ବୃଦ୍ଧିପାଏ। ସର୍ବନିମ୍ନ କର୍ଷଣ ସହିତ ଛାଦନ ବ୍ୟବସ୍ଥା କଲେ ମୃତ୍ତିକାର ଜୈବିକ ଗୁଣରେ ଉନ୍ନତିକରଣ ହୋଇଥାଏ ଏବଂ ମୃତ୍ତିକାର ଉର୍ବରତା ବୃଦ୍ଧି ପାଏ। ମୃତ୍ତିକାକୁ ସର୍ବନିମ୍ନ କର୍ଷଣ ସହିତ ଫସଲ ବିବିଧିକରଣ, ଫସଲ ପର୍ଯ୍ୟାୟ, ଅନ୍ତଃ ଫସଲ, ଛାଦନ ଓ ଉନ୍ନତ ଜଳ ପରିଚାଳନା କଲେ ମୃତ୍ତିକା ମଧ୍ୟରେ ଅଧିକ ପରିମାଣର ଅଙ୍ଗାରକ ସଞ୍ଚିତ ହୋଇ ମୃତ୍ତିକାର ସ୍ୱାସ୍ଥ୍ୟରେ ଉନ୍ନତି କରିବା ସହ ଅଧିକ ଫସଲ ଅମଳ ଦେଇଥାଏ।

ତୃତୀୟ ପଦକ୍ଷେପ ହେଉଛି ପଶୁମାନଙ୍କ ପାଇଁ ନିୟନ୍ତ୍ରିତ ଚାରଣ। ପଶୁପାଳନ ଯୋଗୁଁ ମଳ ମୂତ୍ର ଜମି ରହିଲେ ଏଥିରୁ ମିଥେନ ବାଷ୍ପ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଏହା ମଧ୍ୟ ସବୁଜ ଗୃହ ବାଷ୍ପ ପରିମାଣ ବୃଦ୍ଧିକରି ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି କରାଏ। ପାଳି କରି ଗୃହପାଳିତ ପଶୁମାନଙ୍କୁ ଚାରଣ କଲେ ଜୈବିକ ଅଙ୍ଗାର ମାଟିରେ ସଞ୍ଚିତ ହୋଇ ରହେ ଓ ମିଥେନ ଗ୍ୟାସ୍ ନିର୍ଗମନ ହ୍ରାସ ପାଏ। ଚତୁର୍ଥ ପଦକ୍ଷେପ ହେଉଛି ସନ୍ତସନ୍ତିଆ ଜମିର ସଠିକ ପରିଚାଳନା। ଏହି ଜମି ଅଙ୍ଗାର କୁଣ୍ଡ ସଦୃଶ କାମ କରେ। ରୁଆ ଧାନରେ ଅଧିକ ଜଳ ବ୍ୟବହାର ହୁଏ ଏବଂ ଜମିରୁ ମିଥେନ ବାଷ୍ପ ନିର୍ଗତ ହୁଏ। କିନ୍ତୁ ବୁଣା ଧାନରେ ବେଶୀ ଠିଆ ପାଣି ରହୁ ନଥିବାରୁ ମିଥେନ ବାଷ୍ପ ବାହାରେ ନାହିଁ। ସୁତରାଂ ଜମିରୁ ଜଳ ନିଷ୍କାସନ ସହିତ ରୁଆଧାନ ପରିବର୍ତ୍ତେ ଧାନବୁଣା କଲେ ମିଥେନ ଗ୍ୟାସ୍ ନିର୍ଗମନ ହ୍ରାସ ପାଏ। ଜମିରେ ଉତ୍ତମ ଜଳ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ପଞ୍ଚମ ପଦକ୍ଷେପ ହେଉଛି ବାୟୋଚାର ବ୍ୟବହାର। ବାୟୋଚାର ଏକ ପ୍ରକାରର ଜୈବିକ ଅଙ୍ଗାର ବା ଚାରକୋଲ୍। ଏହାକୁ ଉଦ୍ଭିଦ ଜୀବାଳି ବା ବାୟୋମାସକୁ ବିନା ଅମ୍ଳଜାନରେ ବିଘଟନ କରି ପ୍ରସ୍ତୁତ କରାଯାଏ। ବାୟୋଚାର ମାଟିରେ ପ୍ରୟୋଗ କଲେ ଏହା ମୃତ୍ତିକା ସଂଶୋଧନ କରିବା ସହିତ ମୃତ୍ତିକାରେ ଜୈବିକ ଅଙ୍ଗାର ପରିମାଣ ବୃଦ୍ଧି କରେ। ଫଳରେ ମାଟିରେ ଅଧିକ ଅଙ୍ଗାର ଗଚ୍ଛିତ ହୋଇଥାଏ। ବାୟୋଚାର ମାଟିରେ ପ୍ରୟୋଗ କରିବା ଫଳରେ ମୃତ୍ତିକାରେ ଜଳ ଧାରଣ ଶକ୍ତି, ଉର୍ବରତା ଏବଂ ଉପକାରୀ ଅଣୁଜୀବଙ୍କର ସଂଖ୍ୟା ବୃଦ୍ଧି ପାଏ। ଏହାଯୋଗୁଁ ମୃତ୍ତିକାରେ ପୋଷକଚକ୍ର ବୃଦ୍ଧି ପାଇ ଫସଲ ପାଇଁ ଅଧିକ ଖାଦ୍ୟ ସାର ମିଳେ। ବାୟୋଚାର ମୃତ୍ତିକାରେ ଅଙ୍ଗାରକୁ ଶହ ଶହ ବର୍ଷ ସାଇତି ରଖିପାରେ ଏବଂ ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ନିର୍ଗମନକୁ ରୋକାଯାଇ ପାରେ। ସ୍ୱେଚ୍ଛାମୂଳକ ଭାବରେ କାର୍ବନ୍ କ୍ରେଡିଟ୍ ବିକ୍ରୟ କରିବାକୁ ଚାଷୀମାନେ ଅଙ୍ଗାରକ ଗଚ୍ଛିତ ଚାଷପ୍ରଣାଳୀ ଅନୁସରଣ କରିପାରନ୍ତି। ଏହାଦ୍ୱାରା ସେମାନେ ଅଙ୍ଗାର ବଜାରରେ ଅଂଶଗ୍ରହଣ କରି କିଛି ରୋଜଗାର କରିପାରିବେ। ଜାତୀୟସ୍ତରରେ କିମ୍ବା ଆନ୍ତର୍ଜାତିକ ସ୍ତରରେ ସ୍ୱେଚ୍ଛାକୃତ ଭାବରେ ଅଙ୍ଗାରକ ବଜାର ମାଧ୍ୟମରେ ଜଳବାୟୁ ଲକ୍ଷ୍ୟ ପୂରଣ କରାଯାଇ ପାରିବ।

ଅଙ୍ଗାରକ କୃଷି ପାଇଁ କେତେକ ଅସୁବିଧା ମଧ୍ୟ ରହୁଛି। ଆମର ଖଣ୍ଡ ବିଖଣ୍ଡିତ ଚାଷଜମି ଓ କ୍ଷୁଦ୍ର ଯୋତ ବଡ଼ଧରଣର ଅଙ୍ଗାରକ କୃଷି ପାଇଁ ଉପଯୁକ୍ତ ହୋଇ ନପାରେ। ଏଣୁ ଭୂସଂସ୍କାର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବା ଆବଶ୍ୟକ। ଚାଷୀଙ୍କ ମଧ୍ୟରେ ସଚେତନତା ଏବଂ ଆର୍ଥିକ ସହାୟତା ଅଭାବ ଅଙ୍ଗାରକ କୃଷି ପାଇଁ ପ୍ରତିବନ୍ଧକ ସାଜିପାରେ। ସରକାରୀ ସ୍ତରରେ କାର୍ବନ୍ ବଜାର ଓ କାର୍ବନ୍ କ୍ରେଡିଟ୍ ପାଇଁ ଉପଯୁକ୍ତ ନୀତି ପ୍ରଣୟନ ହେବା ଜରୁରୀ। ସରକାର, ଗବେଷକ, କୃଷକ ଓ ଅନ୍ତର୍ଜାତୀୟ ଅନୁଷ୍ଠାନ ମଧ୍ୟରେ ସହଯୋଗିତା ନହେଲେ ଅଙ୍ଗାରକ କୃଷି ସମ୍ଭବ ହେବ ନାହିଁ। ସାରାଂଶରେ କୁହାଯାଇପାରେ ଯେ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାର ସମାଧାନ କରିବା ସହିତ କୃଷି ଉତ୍ପାଦନ ସ୍ଥିର ରଖିବାକୁ ହେଲେ ଅଙ୍ଗାର କୃଷି ଅଧିକ ଉପାଦେୟ ହୋଇପାରିବ। ଏହା ମଧ୍ୟ କୃଷକମାନଙ୍କର ଅର୍ଥନୈତିକ ବିକାଶ ପାଇଁ ସହାୟକ ହୋଇ ପାରିବ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## କଲମ ମୁନରୁ ସତ ଝରୁ

ରାକେଶ କୁମାର ପାଢ଼ୀ

ପବିତ୍ର ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ହେଲା ବିଧାନସଭା, ପ୍ରଶାସନ, ନ୍ୟାୟାଳୟ ଓ ଗଣମାଧ୍ୟମ। ବିଧାନସଭାରୁ ଯେଉଁ ଆଇନ ପ୍ରଣୟନ ହେବ ତା'କୁ ପ୍ରଶାସନ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିବ। ଏହି ଶୃଙ୍ଖଳାରେ କୌଣସି ତ୍ରୁଟିବିଚ୍ୟୁତି ଘଟିଲେ ନ୍ୟାୟପାଳିକା ତା'କୁ ଶୃଙ୍ଖଳିତ କରିବ ଏବଂ ଆବଶ୍ୟକସ୍ଥଳେ ଦଣ୍ଡବିଧାନ କରିବ। ବ୍ୟବସ୍ଥାରୁ ଦୂରେଇ ରହି ମୁକ୍ତ ଓ ଅବାଧ ଦାୟିତ୍ୱ ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ରହିଛି। ସମ୍ପ୍ରତି ଏହାକୁ ଅବଲୋକନ କଲେ ଏହି ଚାରୋଟି ସ୍ତମ୍ଭ ନିଜ ଗୁରୁଦାୟିତ୍ୱ ସଠିକ ନିର୍ବାହ କରୁଛନ୍ତି କି ସେ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏ ସମସ୍ତ ବ୍ୟବସ୍ଥା ଉପରେ ପରସ୍ତପରସ୍ତ ଧୂଳି ଜମିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜନୈତିକ ବ୍ୟବସ୍ଥା କେବଳ ଏକ କ୍ଷମତାକେନ୍ଦ୍ରରେ ପରିଣତ ହୋଇଥିବା ବେଳେ ଦଳଗୁଡ଼ିକ ନିଜ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇଦେଇଥିବା ଭଳି ମନେ ହୁଏ। ପୁରପଲ୍ଲୀରୁ ଦିଲ୍ଲୀ ଯାଏଁ ଏହା ପ୍ରତୀୟମାନ। ବିହାରର ଆୟାରାମ ଗୟାରାମ ନୀତୀଶଙ୍କ ଠାରୁ ଆରମ୍ଭ କରି ମହାରାଷ୍ଟ୍ରର ଶିବସେନା, ଏନସିପି ଭଳି ଅନେକ ଦୃଷ୍ଟାନ୍ତ ରହିଛି। ସେହିଭଳି ପ୍ରଶାସନିକ କଳ ରାଜନୀତିକୁ ସୁହାଇଲା ଭଳି କାମ କରିବା ଅବା ରାଜନୀତିକୁ ନିଜ ପ୍ରରୋଚନାରେ ଚଳାଇବାକୁ ଉଦ୍ୟତ ହେଉଥିବାରୁ ସମାଜରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନିକ ଅଧିକାରୀଙ୍କ ଉପରେ ନିୟମିତ ଭିଜିଲାନ୍ସ ଚଢ଼ଉ ଓ ପୁଳା ପୁଳା କଳାଧନ ଜବତ ଘଟଣା ଏହାକୁ ପ୍ରତିପାଦିତ କରୁଛି। ଏପରିକି ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ନ୍ୟାୟପାଳିକାକୁ ମଧ୍ୟ ଅସ୍ତ୍ର ରୂପରେ ବ୍ୟବହାର କରିବାର ହୀନ ପ୍ରୟାସକୁ ନ୍ୟାୟପାଳିକା ଅନେକାଂଶରେ ନିନ୍ଦା କରନ୍ତି।

ମୁକ୍ତ ଓ ଅବାଧ ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ମଧ୍ୟ ରାଜନୈତିକ ପ୍ରଭାବରୁ ମୁକ୍ତ ନୁହେଁ। ବୈଷୟିକ ଜ୍ଞାନକୌଶଳ ପାରମ୍ପରିକ ଗଣମାଧ୍ୟମକୁ ବହୁ ପଛକୁ ଠେଲି ଦେଇଥିବା ଆଲୋଚନା ହୁଏ। ଡିଜିଟାଲ ଯୁଗରେ କମେଣ୍ଟ, ଲାଇକ, ସେୟାର ଜରିଆରେ ଲୋକେ ତ୍ୱରିତ ବେଗରେ ଖବର ପାଉଛନ୍ତି ଏବଂ ସେଥିରେ ପ୍ରତିକ୍ରିୟା ଦେବାର ସୁଯୋଗ ବି ଅଛି। ତେବେ ଏ ସମସ୍ତ ବିଭ୍ରାଟ ପାଇଁ ଦାୟୀ କିଏ? ବୈଷୟିକ ଜ୍ଞାନକୌଶଳ ନା ବିଚାରଧାରାର ଅବମୂଲ୍ୟାୟନ? ଡିଜିଟାଲ ବା ସୋସିଆଲ ମିଡିଆ ଯୁଗରେ ସାମ୍ବାଦିକର ସ୍ଥିତି କ'ଣ? ଏଭଳି ଅନେକ ପ୍ରଶ୍ନ ଏବେ ଅସମାହିତ ଥିବା ମନେ ହୁଏ। ଗଣମାଧ୍ୟମ ହିଁ ଲୋକଙ୍କ ଜାଗ୍ରତପ୍ରହରୀ ଭଳି କାମ କରିବା କଥା। କିନ୍ତୁ କ୍ଷମତା ପିପାସୁଙ୍କ ସକାଶେ କ୍ରୀଡ଼ନକ ଭଳି କାମ କରିବା, ରାଜନୈତିକ ଅଭିସନ୍ଧିରେ ଖବର ପ୍ରସାରଣ କରିବା, ସର୍ବୋପରି ନିଜ ନୀତିଆଦର୍ଶ ଭୁଲି ସତକୁ ମିଛ, ମିଛକୁ ସତ ଭଳି ଖବର ଉପସ୍ଥାପନା ହିଁ ଆଜି ଗଣମାଧ୍ୟମଠାରୁ ଲୋକଙ୍କୁ ଦୂରେଇ ନେଇଛି କହିଲେ ଅତ୍ୟୁକ୍ତି ହେବ ନାହି। ସତ ତଳିତଳାନ୍ତ ହୋଇଛି। ମିଛ ଓ ଗୁଜବ ପ୍ରାଧାନ୍ୟ ବିସ୍ତାର କରିଛି। ଏସବୁରେ ଡିଜିଟାଲ ମିଡିଆ ସବୁଠୁ ବଳି ଯାଇଛି। ତେଣୁ ଲୋକେ ନ୍ୟୁଜ ବା ଖବର ତୁଳନାରେ ନିଜର ମନୋରଞ୍ଜନ ଓ ଓଟିଟି ପ୍ଲାଟଫର୍ମକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଲୋକଙ୍କ ସକାଶେ କେଉଁ ଖବର ସତ, କେଉଁଟା ମିଛ ତାହା ଜାଣିବା କଷ୍ଟକର ବ୍ୟାପାର ହୋଇପଡ଼ିଛି। 'ଅପରେସନ ସିନ୍ଦୂର' ସମୟରେ 'ପ୍ରେସ ଇନଫରମେସନ ବ୍ୟୁରୋ (ପିଆଇବି)'ର ଫ୍ୟାକ୍ଟ ଚେକ ୟୁନିଟ କେବଳ ଭାରତରେ ୧୮ଟି ଭିନ୍ନ ଭିନ୍ନ ମିଥ୍ୟା ଖବର ବଡ଼ ବଡ଼ ଚ୍ୟାନଲରେ ପ୍ରକାଶ ପାଇଥିବା ଜାଣିବାକୁ ପାଇଥିଲା। ସେହିପରି ପାକିସ୍ତାନରେ ଏହି ସଂଖ୍ୟା ୪୦ରୁ ଊର୍ଦ୍ଧ୍ୱ। ତା'ସହ ପାଖାପାଖି କେବଳ ଗୁଜବ ଓ ମିଥ୍ୟା ଖବର ପ୍ରଚାର ପ୍ରସାର ପାଇଁ ଲୋକଙ୍କ ଅଯଥା ପ୍ରାଣହାନି ଘଟିବା ବି ନଜିର ରହିଛି। ମୁଖ୍ୟତଃ ସୋସିଆଲ ମିଡିଆର ପ୍ରଭାବ ଏହାକୁ ଆହୁରି ଦୁର୍ବିସହ କରିଛି। ଖ୍ୟାତନାମା ରାଜନେତା, ତାରକା କିମ୍ବା ପ୍ରସିଦ୍ଧ ବ୍ୟକ୍ତିଙ୍କ ସମ୍ପର୍କିତ ଗୁଜବ ଏକ ପ୍ରହସନରେ ପରିଣତ ହୋଇଛି। ତା' ସହ ବୋମା ଗୁଜବ, ପିଲା ଚୋର ମାତିବା ଭଳି ଅନେକ ଖବରରେ ଲୋକେ ବ୍ୟସ୍ତ ଓ ବିବ୍ରତ। ଲଗାମବିହୀନ ଏହି ଡିଜିଟାଲ ମିଡିଆର ଧାରା ଏତେମାତ୍ରାରେ ବୃଦ୍ଧି ପାଇଛି ଯେ ଏଠାରେ ସତ ଖୋଜିବା ମୂର୍ଖାମୀ ଛଡ଼ା ଆଉ କିଛି ନୁହେଁ।

ଏଭଳି ଏକ ଅନିଶ୍ଚିତ ପୃଥିବୀ, ଯେଉଁଠି ସର୍ବତ୍ର ଧୂଆଁମୟ, କୁହୁଡ଼ିମୟ, ଧୂଳିଧୂସରମୟ, ଯୁଦ୍ଧମୟ, ସେଠାରେ ମିଞ୍ଜି ମିଞ୍ଜି ହୋଇ କ୍ୱଚିତ ଗଣମାଧ୍ୟମରେ ସତ୍ୟର ଶିଖା ଜଳୁଥିବା ପରିଲକ୍ଷିତ ହୁଏ, ଯାହାକି ସମାଜ ପାଇଁ ଆଶାର ଆଲୋକ ସାଜିପାରେ। 'ଅପରେସନ ସିନ୍ଦୂର' ସମୟରେ ଲୋକେ ଭାରତ କିମ୍ବା ପାକିସ୍ତାନ ଗଣମାଧ୍ୟମ ଛାଡ଼ି ସତ୍ୟର ଅନୁସନ୍ଧାନରେ ବିବିସି, ରଏଟର ଓ କିଛି ଅନ୍ୟ ପ୍ରମୁଖ ଅନ୍ତର୍ଜାତୀୟ ଖବର ପ୍ରସାରଣକୁ ଖୋଜିଥିଲେ। ଯେଉଁଠି ଅନେକ ପାରମ୍ପରିକ ଗଣମାଧ୍ୟମ ମରି ହଜିବାକୁ ବସିଲେଣି, ସେଠି ବିବିସି ୧୦୫ବର୍ଷ ହେଲା ଆଜିଯାଏଁ କେମିତି ବଞ୍ଚିଛି ଏବଂ ଡିଜିଟାଲ ପ୍ଲାଟଫର୍ମରେ ତା'ର ଲୋକପ୍ରିୟତା ନିରନ୍ତର କେମିତି ବୃଦ୍ଧି ପାଇବାରେ ଲାଗିଛି ତାହା ଅନୁଶୀଳନର ବିଷୟ ନିଶ୍ଚୟ। ସରକାର ଖବର ପ୍ରସାରଣକୁ ସିନା ସ୍ୱଳ୍ପକାଳ ସକାଶେ ଚାପିଦେବେ, କିନ୍ତୁ ପ୍ରକୃତ ଖବରକୁ ମାରିବ କିଏ? ସତ କେବେ ଲୁଚି ରହେନା। ତାହା ଆଜି ନହେଲେ କାଲି ଆତ୍ମପ୍ରକାଶ ପାଇବ।

ତେବେ ଏହାକୁ ପରିପ୍ରକାଶ କରିବାର ଦାୟିତ୍ୱ ନେଇଥିବା ସାମ୍ବାଦିକ ଜଣକ ନିଷ୍କପଟ ହୋଇ ସମୟାନୁସାରେ ଏହାକୁ ପରିପ୍ରକାଶ କଲେ କୌଣସି ଶକ୍ତି ଏହାକୁ ମାରି ପାରିବନି। ବୈଷୟିକ ଜ୍ଞାନକୌଶଳ ହେଉ କିମ୍ବା ପାରମ୍ପରିକ ଗଣମାଧ୍ୟମ, ସତ୍ୟକୁ ପାଥେୟ କରି ନିଜକୁ ଆଧୁନିକତାରେ ରୂପାନ୍ତରଣ କରି ଲେଖନୀ ମୁନର ସ୍ରୋତକୁ ସତ୍ୟରେ ବ୍ରତୀ କଲେ ପାଠକପାଠିକା, ଦର୍ଶକ, ଶ୍ରୋତା କେହି ମୁହଁ ଫେରାଇବେନି ବରଂ ପ୍ରଶଂସାରେ ପୋତିଦେବେ। ଅଥଚ ଏହାର ମୂଳଦୁଆ ସତ୍ୟରୁ ହିଁ ପରିପ୍ରକାଶ ହେବା ଆବଶ୍ୟକ। ଏହାହିଁ ସବୁ ସମସ୍ୟା ସମାଧାନର ମୂଳମନ୍ତ୍ର। ଯଦି ସମସ୍ତେ ସତ କହିବା, ସତ ଲେଖିବା, ସତ୍ୟରେ ଯଦି ବଞ୍ଚିବା ତେବେ ଆମ ଗାଁ, ଆମ ସହର, ଆମ ଦେଶ, ଆମ ପୃଥିବୀ ସବୁ ଦିଗରୁ ସମୃଦ୍ଧ ଓ ସୁନ୍ଦର ହେବ। ଅରାଜକତା ଲୋପ ପାଇବ। ସମସ୍ତେ ସ୍ୱଚ୍ଛ ହେବେ। ସମସ୍ତ ବ୍ୟବସ୍ଥା ଆପଣାଛାଏଁ ସଠିକ ମାର୍ଗ ଖୋଜିବ। ଚାଲନ୍ତୁ ସମସ୍ତେ ପଣ କରିବା; ଫେଣାରୁ ମହୁ ଭଳି କଲମ ମୁନରୁ ସତ ଝରୁ। ଏଠାରେ ପ୍ରଖ୍ୟାତ ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦଙ୍କ କାଳଜୟୀ କବିତା ପଂକ୍ତିକୁ ସାମ୍ବାଦିକମାନେ ଜୀବନମନ୍ତ୍ର କରିବା ଉଚିତ, ଯାହା ଦୃପ୍ତ ଓ ନିର୍ଭୀକ ଭାବରେ ଘୋଷଣା କରେ - 'ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି। ମୋତେ ଏତିକି ଶିଖାଅ ସାଇଁ ହେ ମୋର ଧନ ଜନ ଲୋଡ଼ା ନାହିଁ ହେ...'।

ଜୟପୁର, ମୋ: ୮୨୪୯୨୭୭୭୬୩

## ବିକଳ୍ପ ଚିନି ଓ ସ୍ୱାସ୍ଥ୍ୟ

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ସୁମିଷ୍ଟ ଖାଦ୍ୟ ଲାଗି ଆମର ଆକର୍ଷଣ ଜନ୍ମଗତ। ଏହା ମୂଳରେ ରହିଛି ବିବର୍ତ୍ତନୀୟ ପ୍ରଭାବ। ଆଦ୍ୟକାଳରେ ମଣିଷକୁ ପ୍ରବଳ ଶାରୀରିକ ଶ୍ରମ କରିବାକୁ ପଡୁଥିଲା। ସେଥିପାଇଁ ତା'ର ଆବଶ୍ୟକ ହେଉଥିଲା ଅଧିକ ଶକ୍ତି। ସୁମିଷ୍ଟ ପାଚିଲା ଫଳ ଭୋଜନ ଦ୍ୱାରା ସେ ଏହା ପ୍ରାପ୍ତ ହେଉଥିଲା। କ୍ରମେ ଏପ୍ରକୃତି ତା'ର ଜୈବିକ ଚରିତ୍ରରେ ଲିପିବଦ୍ଧ ହୋଇଗଲା। ଆମ ମସ୍ତିଷ୍କରେ ସୁମିଷ୍ଟ ଖାଦ୍ୟ ଅଧିକ ମାତ୍ରାରେ କ୍ଷରଣ ଘଟାଇଥାଏ 'ଡୋପାମିନ୍' ହରମୋନ୍। ଏହା ଆମକୁ ଆନନ୍ଦଦାୟୀ ଅନୁଭବ ପ୍ରଦାନ କରିବା ସଙ୍ଗେ ସଙ୍ଗେ ସେ ଖାଦ୍ୟପ୍ରତି ଆକର୍ଷଣ ବୃଦ୍ଧି କରିଥାଏ। ପୁନଶ୍ଚ ଏପରି ଖାଦ୍ୟ ଶରୀରରେ 'ସେରୋଟୋନିନ୍' ନାମକ ସ୍ନାୟୁ ସଂଚରକର ମଧ୍ୟ ମାତ୍ରାବୃଦ୍ଧି ଘଟାଏ, ଯାହାକି ଆମ ଭାବନାକୁ ଉତ୍ତୋଳିତ କରେ ଏବଂ ମନକୁ ପ୍ରଫୁଲ୍ଲ ରଖେ। ଅତଏବ ଆମେ ଅଧିକରୁ ଅଧିକ ସୁମିଷ୍ଟ ଖାଦ୍ୟ ଖାଇବାକୁ ଆଗ୍ରହୀ ହେଉ। ତେବେ ଏହାର ପରିଣାମ ନକାରାତ୍ମକ ହେବାରେ ଲାଗିଛି। ଏହା ସୃଷ୍ଟି କରୁଛି ନାନାଦି ସ୍ୱାସ୍ଥ୍ୟ ସମସ୍ୟା, ଯେପରିକି ଶରୀରର ଓଜନ ବୃଦ୍ଧି, ପୃଥୁଳତା, ଟାଇପ୍-୨ ମଧୁମେହ, ନାନାପ୍ରକାର ହୃଦ୍‌ରୋଗ, ଚର୍ବିଳ ଯକୃତ, ଦନ୍ତରୋଗ, ବିବିଧ କର୍କଟ ରୋଗ ଇତ୍ୟାଦି। ତେଣୁ ଏଭଳି ଖାଦ୍ୟକୁ ସୀମିତ କରବା ଲାଗି ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ତେବେ ଜିହ୍ୱାଲାଳସା ଆମକୁ ତାହା କରିବାକୁ ହେଉନି।

ବର୍ତ୍ତମାନ ଆମ ସୁମିଷ୍ଟ ଖାଦ୍ୟଗୁଡ଼ିକର ପ୍ରସ୍ତୁତିରେ ମୁଖ୍ୟତଃ ବ୍ୟବହାର ହେଉଥିବା ମିଷ୍ଟକାରୀ ପଦାର୍ଥ ଟି ହେଲା ଚିନି। ଏହାର ରାସାୟନିକ ନାମ 'ସୁକ୍ରୋଜ୍'। ସ୍ୱାସ୍ଥ୍ୟ ସଚେତନ ଲୋକେ ଏବେ ଏହା ବଦଳରେ ବ୍ୟବହାର କରିବାକୁ ଲାଗିଲେଣି 'ବିକଳ୍ପ ଚିନି' ବୋଲି କୁହାଯାଉଥିବା ଭିନ୍ନ ଭିନ୍ନ ରସାୟନରେ ପ୍ରସ୍ତୁତ ପଦାର୍ଥମାନ। ଏ ଗୁଡ଼ିକ ମଧ୍ୟରେ ସବୁଠାରୁ ଜନପ୍ରିୟ ହେଲା 'ସ୍ପ୍ଲେଣ୍ଡା'। ତହିଁରେ ଥିବା ମିଷ୍ଟକାରୀ ତତ୍ତ୍ୱଟି ହେଲା 'ସୁକ୍ରଲୋଜ୍'। ପ୍ରଥମେ ପ୍ରଥମେ ଏହାକୁ ନିରାପଦ ବୋଲି ମନେ କରାଯାଉଥିଲା। କିନ୍ତୁ ପରେ ଲୋକଲୋଚନର ଗୋଚରକୁ ଆସିଲାଣି ଏହାର ବିବିଧ ସ୍ୱାସ୍ଥ୍ୟ ହାନିକାରକ ଗୁଣ। ତନ୍ମଧ୍ୟରୁ ଗୋଟିଏ ହେଲା ଯେ 'ସୁକ୍ରାଲୋଜ୍' ହଜମ ହେଲା ବେଳେ ସେଥିରୁ ସୃଷ୍ଟି ହେଉଥିବା 'ଜିନ୍‌ଗରଳ ବା ଜିନୋଟକ୍ସିକ୍ ରସାୟନ। ଏହା ଆମ ଜିନୀୟ ପଦାର୍ଥ ଡିଏନ୍‌ଏକୁ କ୍ଷତି ପହଞ୍ଚାଏ।

ଗବେଷଣାରୁ ଜଣାପଡ଼ିଛି ଯେ ଏହି ରସାୟନଗୁଡ଼ିକ ଆମ ଖାଦ୍ୟନଳୀ ମଧ୍ୟରେ ସୃଷ୍ଟି ହୋଇଥା'ନ୍ତି। ତନ୍ମଧ୍ୟରୁ ଅନ୍ୟତମ ହେଲା 'ସୁକ୍ରୋଲେଜ୍ ୬ ଏସିଟେଟ୍'। ଏହା ଏକ 'ଜିନ୍‌ଗରଳ' ବୋଲି ସୂଚନା ଦେଇଛନ୍ତି ସୁସାନ ସ୍ଲିଫ୍‌ମ୍ୟାନ୍। ଡ୍ୟୁକ୍ ବିଶ୍ୱବିଦ୍ୟାଳୟ ଠାରେ ଆସୋସିଏଟ୍ ପ୍ରଫେସର୍ ରୂପେ କାର୍ଯ୍ୟରତ ବେଳେ ସେ ଦେଖିବାକୁ ପାଇଥିଲେ ଯେ ଏଥିରେ ଥିବା ସେହି ପଦାର୍ଥଟି ଆମେ ଥରକରେ ପିଉଥିବା ପାନୀୟରେ ୟୁରୋପିୟାନ୍ ଫୁଡ ସେଫଟି ଅଥରିଟିର ନିର୍ଦ୍ଧାରିତ ପରିମାଣ (ବ୍ୟକ୍ତି ପ୍ରତି ଦିନକୁ ୦.୧୫ ମାଇକ୍ରୋଗ୍ରାମ୍) ଠାରୁ ଯଥେଷ୍ଟ ଅଧିକ।

ସ୍ଲିଫମ୍ୟାନ ଏବଂ ତାଙ୍କ ସହଯୋଗୀମାନେ ଏଥିପାଇଁ କରିଥିବା ଅଧ୍ୟୟନରେ ଏକ 'ଜୀବେତର' ପରୀକ୍ଷା କରିଥିଲେ। ଏଥିରେ ମଣିଷର କିଛି ରକ୍ତକୋଷକୁ ଏହି ରସାୟନରେ ମିଶାଇ ତା'ର ବିଷାକ୍ତ ପଣ ନିର୍ଦ୍ଧାରଣ କରିଥିଲେ। ତହିଁରୁ ପ୍ରମାଣିତ ହୋଇଥିଲା ଯେ ଏହା ପ୍ରକୃତରେ ଏକ 'ଜିନ୍‌ଗରଳ' ଯାହାକି ଡିଏନ୍‌ଏକୁ ଭଙ୍ଗ କରିଥାଏ। ତତ୍ପରେ ସେମାନେ ଅନ୍ୟ ଏକ ପରୀକ୍ଷାରେ ଖାଦ୍ୟନଳୀର ତନ୍ତୁଗୁଡ଼ିକୁ ମଧ୍ୟ ସୁକ୍ରୋଲେଜ ୬ ଏସିଟେଟ୍ ସହିତ ମିଶାଇଥିଲେ। ଏଥିରୁ ମଧ୍ୟ ଅନୁରୂପ ଫଳାଫଳ ମିଳିଥିଲା। ଏହି ରସାୟନ ସେଠାରେ ଜିନୀୟ କାର୍ଯ୍ୟକଳାପକୁ ମଧ୍ୟ ପ୍ରଭାବିତ କରୁଥିବା ସେଥିରୁ ଜଣାପଡ଼ିଲା।

ଏହି ଅଧ୍ୟୟନ ପରେ ସୁକ୍ରୋଲୋଜ୍ ଏବଂ ତହିଁରୁ ଜାତ ଚୟାପଚୟନ ପଦାର୍ଥ ସହିତ ସଂପୃକ୍ତ ବହୁ ସ୍ୱାସ୍ଥ୍ୟ ସମସ୍ୟା ଲୋକଲୋଚନକୁ ଆସିଲାଣି। ସେଥିପାଇଁ ଏହା ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରି ବିଭିନ୍ନ ଖାଦ୍ୟରେ ମିଶୁଥିବା ଏହାର ପରିମାଣକୁ ନିୟନ୍ତ୍ରଣ କରିବା ଦିଗରେ ପଦକ୍ଷେପ ନେବା ଏବଂ ଆବଶ୍ୟକ ହେଲେ ଏହାକୁ ନିଷିଦ୍ଧ ମଧ୍ୟ କରିବା ଜନସ୍ୱାସ୍ଥ୍ୟ ପାଇଁ ମଙ୍ଗଳକର ହୋଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବୃଦ୍ଧାଶ୍ରମ ନର୍ସଙ୍କ ଆତ୍ମହତ୍ୟା ଉଦ୍ୟମ

ଯୋଡ଼ା,୨୮।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ସହରରେ ଡିଏମଏଫ୍ ଦ୍ୱାରା ନିର୍ମାଣ କରାଯାଇଥିବା ଏବଂ ଆଭା ଫାଉଣ୍ଡେସନ ଦ୍ୱାରା ପରିଚାଳିତ ହେଉଥିବା ବୃଦ୍ଧାଶ୍ରମର ଜିଏନ୍ଏମ (ନର୍ସ) ଲୋପାମୁଦ୍ରା ବାରିକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ରବିବାର ସନ୍ଧ୍ୟାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଟାଟା ଷ୍ଟିଲ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସୋମବାର ସକାଳୁ ତାଙ୍କ ଅବସ୍ଥା ସ୍ଥିର ହେବା ପରେ ସେ ଗଣମାଧ୍ୟମକୁ ବିସ୍ଫୋରକ ବୟାନ ଦେଇଛନ୍ତି। ଗତ ଜୁନ ୧୨ ତାରିଖରେ ବୃଦ୍ଧାଶ୍ରମର ଜନୈକ ଅନ୍ତେବାସିନୀଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ କେନ୍ଦୁଝର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସହିତ ନର୍ସ ଲୋପାମୁଦ୍ରାଙ୍କ ସହିତ ସଫେଇ କର୍ମଚାରୀ ସୁଷମା କାରୁଆ କଟକ ଡାକ୍ତରଖାନା ଯାଇଥିଲେ। ସେଠାରେ ସୁଷମାଙ୍କ ସହିତ ନର୍ସ ଲୋପାମୁଦ୍ରାଙ୍କ ମଧ୍ୟରେ ବିବାଦ ହୋଇଥିଲା। ବିବାଦ ପରେ ସୁଷମା ଲୋପାମୁଦ୍ରାଙ୍କ ନାମରେ ଜାତିଆଣ ଭିତ୍ତିକ ଆକ୍ଷେପ କରିଥିବା ଅଭିଯୋଗ କରିଥିବା ବେଳେ ସେ ଏହାକୁ ଖଣ୍ଡନ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୦୦୦ କୋଟିର...

ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ଇଓଡବ୍ଲ୍ୟୁ କହିଛି ଯେ ଜମି ବିକ୍ରି ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ମଧ୍ୟ ପାଳନ କରାଯାଇନାହିଁ। ଏହିସବୁ ଜମି ବିକ୍ରି କ୍ଷେତ୍ରରେ ମୋଟ ୭୨ କୋଟି ୮୨ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି। ଏମିତିକି ଜମି ବିକ୍ରି କରିବା ପରେ ମଧ୍ୟ ସାହାରାରେ ନିବେଶ କରିଥିବା ଲୋକଙ୍କୁ ଟଙ୍କା ଫେରସ୍ତ କରାଯାଇନାହିଁ। କୋର୍ଟ ସାହାରା ସମ୍ପତ୍ତି ବିକ୍ରି କରିବା ନେଇ ପୂର୍ବରୁ ଦେଇଥିବା ଅନୁମତିରେ ସର୍ତ୍ତାବଳୀ ଲାଗୁ କରିଥିଲେ। ସର୍ତ୍ତ ଅନୁଯାୟୀ, ଜମି କ୍ରେତା ସିଧାସଳଖ ଅର୍ଥକୁ ସେବି-ସୋହାରା ରିଫଣ୍ଡ ଆକାଉଣ୍ଟରେ ଟଙ୍କା ଜମା କରିବେ। କିନ୍ତୁ ଏହି ଘଟଣାରେ ତାହା ଏହା କରାଯାଇ ନ ଥିଲା।ସୂଚନା ଦେଇ ଇଓଡବ୍ଲ୍ୟୁ କହିଛି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭୋପାଳରେ ଜମି ବିକ୍ରି କରିବା ପରେ ଟଙ୍କା ସିଧାସଳଖ ରିଫଣ୍ଡ ଆକାଉଣ୍ଟ ନମ୍ବରରେ ଜମା କରାଯିବା କଥା। କିନ୍ତୁ ଏପରି ନ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରାଯାଇଛି।

## ପହଲଗାମ ଆକ୍ରମଣର...

(ଏସଏସଜି) ର ପୂର୍ବତନ କମାଣ୍ଡୋ ଥିଲା। ପରେ ସେ ବିଶ୍ୱ ଆତଙ୍କବାଦୀ ହାଫିଜ ସୟୀଦର ଆତଙ୍କବାଦୀ ସଂଗଠନ ଏଲଇଟିରେ ସାମିଲ ହୋଇଥିଲା।

ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗୁଇନ୍ଦା ସୂଚନା ମିଳିବା ପରେ ସୋମବାର ସକାଳ ୧୧ଟାରେ ଲିଡବାସର ହରୱାନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ପହଲଗାମ ଆକ୍ରମଣରେ ଆତଙ୍କବାଦୀ ଯେଉଁ ଉପକରଣ ବ୍ୟବହାର କରିଥିଲେ ଏହି ଆତଙ୍କବାଦୀ ସେହିଭଳି ସାମଗ୍ରୀ ରଖିଥିବା ସୂଚନା ମିଳିଥିଲା। ସୁରକ୍ଷା ବାହିନୀ ଅଭିଯାନ ଆରମ୍ଭ କରିବା ସମୟରେ ଦୂରରୁ ଗୁଳି ମାଡ଼ର ଶବ୍ଦ ଶୁଭି ଥିଲା। ଏହାକୁ ଦେଖି ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ମୁତୟନ ବୃଦ୍ଧି କରାଯାଇଥିଲା। ପ୍ରାୟ ୧୧ଟା ୩୦ରେ ୨୪ ରାଷ୍ଟ୍ରୀୟ ରାଇଫଲ୍ସ ଏବଂ ୪ ପାରା ୟୁନିଟର ଯବାନମାନେ ତିନି ଆତଙ୍କବାଦୀ ଥିବା ଜାଣିବାକୁ ପାଇଥିଲେ। ଏହା ପରେ ଅଚାନକ ଆକ୍ରମଣ କରି ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ସୂଚନାଯୋଗ୍ୟ ଯେ ଏପ୍ରିଲ ୨୨ ତାରିଖରେ ହୋଇଥିବା ପହଲଗାମ ଆତଙ୍କବାଦୀ ଅକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। ଏହି ଆକ୍ରମଣରେ ୫ରୁ ୭ ଜଣ ଆତଙ୍କବାଦୀ ସାମିଲ ଥିବା କୁହାଯାଉଛି।

## ଇସିଙ୍କ ଉପରେ...

ପ୍ରମାଣପତ୍ର ଚୂଡ଼ାନ୍ତ ନୁହେଁ, ତେବେ ସମାନ ଯୁକ୍ତି ଆଧାର ଏବଂ ଇପିଆଇସି ପାଇଁ ପ୍ରଯୁଜ୍ୟ ହୋଇପାରିବ। ଖଣ୍ଡପୀଠ ପଚାରି ଥିଲେ ଯେ ଯଦି ଗ୍ରହଣ କରାଯାଇଥିବା ଅନ୍ୟ ୧୦ ପ୍ରମାଣପତ୍ର କାଲି ଜାଲ ବୋଲି ଜଣାପଡେ ତେବେ ତାହାର ସୁଧାର କରିବା ପାଇଁ କି ବ୍ୟବସ୍ଥା ଆପଣା ଯାଇଛି। ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ବ୍ୟକ୍ତିଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ମଧ୍ୟ କୋର୍ଟ କହିଛନ୍ତି। ଏହି ପ୍ରକ୍ରିୟା ଉପରେ ରୋକ୍ ଲାଗଇବାକୁ ମନା କରିଦେଇ କୋର୍ଟ କହିଲେ ଯେ ଆବଶ୍ୟକ ପଡ଼ିଲେ କୋର୍ଟ ହସ୍ତକ୍ଷେପ କରିପାରିବେ ଏବଂ ପ୍ରମାଣ ମିଳିଲେ ଏହି ସଂଶୋଧନ ପ୍ରକ୍ରିୟାକୁ ରଦ୍ଦ ମଧ୍ୟ କରାଯାଇପାରିବ।

## ବିରୋଧୀ-ଶାସକ...

ଆଡ୍ଡାକୁ ଟାର୍ଗେଟ କରାଯାଇଥିଲା ଏବଂ ୭ଟିକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରି ଦିଆଯାଇଛି। ୪ ଦିନ ଧରି ଚାଲିଥିବା ଏହି କାର୍ଯ୍ୟାନୁଷ୍ଠାନ କାହାରି ଚାପରେ ବନ୍ଦ ହୋଇନଥିଲା। ଭାରତୀୟ ସେନା ଏହାର ଲକ୍ଷ୍ୟ ହାସଲ କରିବା ପରେ କାର୍ଯ୍ୟାନୁଷ୍ଠାନ ବନ୍ଦ କରିଥିଲା। ପାକିସ୍ତାନ ଯଦି ଭବିଷ୍ୟତରେ ପୁଣି ଆତଙ୍କବାଦୀ ଆକ୍ରମଣ କରେ ଅପରେସନ ସିନ୍ଦୂର ମାଧ୍ୟମରେ ପୁଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଭାରତୀୟ ସେନା। ଏହି ଅବସରରେ ସେ କହିଥିଲେ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଏବଂ ଅନ୍ୟ ଦୁଇ ଜଣ ଆତଙ୍କବାଦୀଙ୍କୁ ନିରାପତ୍ତା ବାହିନୀର ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ (ଅପରେସନ ମହାଦେବ) ରେ ସଫା କରିଦିଆଯାଇଛି। ଭାରତୀୟ ସେନାର ମନୋବଳକୁ ଦୁର୍ବଳ କଲା ଭଳି ପ୍ରଶ୍ନ କରୁଥିବାରୁ ସେ ବିରୋଧୀ ଦଳଙ୍କର ତୀବ୍ର ସମାଲୋଚନା କରିଥିଲେ।

ବିରୋଧୀ ଦଳ ପକ୍ଷରୁ ଆଲୋଚନା ଆରମ୍ଭ କରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ କହିଲେ ଯେ ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂପର୍କରେ ବିଭ୍ରାନ୍ତି ସୃଷ୍ଟି କରାଯାଇଛି। ସତ କଣ ଜଣାପଡୁନାହିଁ। ତେଣୁ ଦେଶବାସୀ ସତ କଣ ତାହା ଜାଣିବାକୁ ଚାହୁଁଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ରୋକିବାର ବିଫଳ ହୋଇଥିବା ସରକାର ଗୁଇନ୍ଦା ସଂସ୍ଥାକୁ ଦୋଷ ଦେଉଛନ୍ତି। ଦେଶରେ ହିଂସା ଏବଂ ଅସ୍ଥିରତା ସୃଷ୍ଟି କରିବାକୁ ଷଡ଼ଯନ୍ତ୍ର କରିଥିବା ଆତଙ୍କବାଦୀ ପହଲଗାମରେ କେମିତି ଆକ୍ରମଣ କଲେ ଏବଂ ସରକାର ଏହି ଆକ୍ରମଣକୁ ରୋକିବାରେ କାହିଁକି ବିଫଳ ହେଲେ। ଅପରେସନ ସିନ୍ଦୂରରେ ୫-୬ଟା ଜେଟ୍ ବିମାନ ଖସିଛି ବୋଲି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ କହୁଛନ୍ତି। ପୁଣି ଇଣ୍ଡୋନେସିଆରେ ଭାରତର ପ୍ରତିରକ୍ଷା ଅଧିକାରୀ ମଧ୍ୟ କହୁଛନ୍ତି ଯେ ଭାରତ ଏହି କାର୍ଯ୍ୟାନୁଷ୍ଠାନରେ କିଛି ଜେଟ୍ ହରାଇଛି। ସେ କହିଥିଲେ ଯେ ପାକିସ୍ତାନରେ କେବଳ ଆତଙ୍କବାଦୀ ଆଡ୍ଡାକୁ ଆକ୍ରମଣ କରିବା ଲାଗି ଭାରତ ସରକାର ନିର୍ଦ୍ଦେଶ ଦେଇଥିବାରୁ ଭାରତୀୟ ସେନାକୁ ପ୍ରାରମ୍ଭରେ କିଛି କ୍ଷତି ସହିବାକୁ ପଡ଼ିଲା। ତେଣୁ ସତ କଥା କଣ ତାହା ଭାରତ ସରକାର ସ୍ପଷ୍ଟ କରନ୍ତୁ ବୋଲି ଗୋଗୋଇ ଦାବି କରିଥିଲେ।

ଟ୍ରମ୍ପଙ୍କ ମଧ୍ୟସ୍ଥତା ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେବାକୁ ଯାଇ ବୈଦେଶିକ ମନ୍ତ୍ରୀ ଜୟଶଙ୍କର କହିଲେ ଯେ ଆମେରିକା ସହିତ ଆଲୋଚନା ବେଳେ କୌଣସି ସମୟରେ ବାଣିଜ୍ୟ ଓ ଅପରେସନ ସିନ୍ଦୂର ସଂପର୍କରେ ଆଲୋଚନା ହୋଇନାହିଁ। ତେଣୁ ବାଣିଜ୍ୟ ଆଲୋଚନା ସହିତ ଅପରେସନ ସିନ୍ଦୂରର କୌଣସି ସଂପର୍କ ନାହିଁ। ଦ୍ୱିତୀୟ କଥା ହେଲା ଯେ ଏପ୍ରିଲ ୨୨ରୁ ଜୁନ୍ ୧୭ ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ କୌଣସି କଥାବାର୍ତ୍ତା ହୋଇନାହିଁ। ତେଣୁ ଟ୍ରମ୍ପଙ୍କ ଚାପ କି ମଧ୍ୟସ୍ଥତାରେ ଅପରେସନ ସିନ୍ଦୂର ବନ୍ଦ ହେଲା ବୋଲି ଯାହା କୁହାଯାଉଛି, ତାହା ଠିକ୍ ନୁହେଁ।

ଅପରେସନ ସିନ୍ଦୂର ସହିତ ବାଣିଜ୍ୟ କଥାବାର୍ତ୍ତାର କୌଣସି ସଂପର୍କ ନାହିଁ ବୋଲି ଜୟଶଙ୍କରଙ୍କ ମନ୍ତବ୍ୟ ନେଇ ବିରୋଧୀ ଅସନ୍ତୋଷ ପ୍ରକାଶ କରିବା ସହିତ ହୋହାଲ୍ଲା କରିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ, ଯାହା ଲାଗୁଛି ଆମ ବୈଦେଶିକ ମନ୍ତ୍ରୀଙ୍କ କଥାରେ ବିରୋଧୀ ବିଶ୍ୱାସ କରୁ ନାହାନ୍ତି। ସେମାନେ ଅନ୍ୟ ଦେଶର କଥାକୁ ବିଶ୍ୱାସ କରୁଛନ୍ତି। ସେ କହିଲେ ଯେ ବିଦେଶକୁ ନେଇ ବିରୋଧୀ ଦଳରେ କିଛି ମଜବୁରି ରହିଛି। କିନ୍ତୁ ଦଳର ଏହି ମଜବୁରିକୁ ଗୃହ ଉପରେ ଲଦି ଦିଆଯିବା ଠିକ୍ ନୁହେଁ। ଏହି ମଜବୁରି ଯୋଗୁଁ ବିରୋଧୀ ଦଳ ସେମିତି ୨୦ ବର୍ଷ ଧରି ବିରୋଧୀ ବେଞ୍ଚରେ ରହିବେ ଏବଂ ଆମେ ଶାସକ ଦଳ ହୋଇ ରହିବୁ।

ଏହାପୂର୍ବରୁ ଆଜି ବିହାର ପ୍ରସଙ୍ଗକୁ ନେଇ ସଂସଦରେ ପୁଣି ହଟ୍ଟଗୋଳ ହୋଇଥିଲା। ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଥିବା ବେଳେ ଲୋକସଭାକୁ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଏହାପରେ ପହଲଗାମ ଉପରେ ଆଲୋଚନା ଆରମ୍ଭ ହୋଇଥିଲା।

## ରାଜ୍ୟରେ ବଢୁଛି...

ଶ୍ରୀ ଭୋଇ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଜଣେ ଚିନ୍ତିତ ଲୋକପ୍ରତିନିଧି ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଭାବେ ବଢୁଥିବା ସଂଗଠିତ ଅପରାଧ ଏବଂ ଅସାମାଜିକ ଗତିବିଧି ସମ୍ପର୍କରେ ଆପଣଙ୍କ ଧ୍ୟାନ ଆକର୍ଷଣ କରିବାକୁ ଚାହୁଁଛି। ଆଇନର ଗଳାବାଟ ଓ ପ୍ରକ୍ରିୟାଗତ ବିଳମ୍ବତାର ସୁଯୋଗ ନେଇ ସେମାନେ ଅପରାଧ ଘଟାଉଥିବା ଉପବାଚସ୍ପତି କ୍ଷୋଭ ପ୍ରକାଶ କରିଛନ୍ତି। ଅତଏବ ଏହି ଆଇନ ପ୍ରଣୟ ହେଲେ ଗ୍ୟାଙ୍ଗ ନେଟ୍ୱର୍କଗୁଡ଼ିକୁ ଚିହ୍ନଟ କରିବା ଏବଂ ଏହା ଉପରେ ରୋକ ଲଗାଇବା ଲାଗି ତଦନ୍ତକାରୀ ସଂସ୍ଥାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିବ। ଅପରାଧୀଙ୍କ ସମ୍ପତ୍ତି ଆଟାଚ୍ କରିବା ଅଭ୍ୟାସଗତ ଅପରାଧୀଙ୍କ ଉପରେ ପ୍ରତିରୋଧ ଲଗାଯାଇପାରିବ ବୋଲି ଉପବାଚସ୍ପତି ଆଶା ପ୍ରକାଶ କରିଛନ୍ତି।

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ଲଗାତାର ଭାବେ ସରକାରଙ୍କୁ ସମାଲୋଚନା କରି ଆସୁଛନ୍ତି। ବିଶେଷକରି ଗତ ବର୍ଷକ ମଧ୍ୟରେ ମହିଳା ବିରୋଧୀ ହିଂସା ଓ ଦୁଷ୍କର୍ମକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ବଦନାମ୍ ହେଲାଣି। ମାତ୍ର ବିରୋଧୀଙ୍କ ସମସ୍ତ ଅଭିଯୋଗକୁ ଶାସକ ଦଳ ଏବଂ ସରକାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଏପରିସ୍ଥଳେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଏକ ଚିଠି ରାଜ୍ୟରେ ହଟଚମଟ ସୃଷ୍ଟି କରିଛି। ରାଜ୍ୟରେ ଯେ ଆଇନଶୃଙ୍ଖଳା ସ୍ଥିତି ରସାତଳକୁ ଗଲାଣି, ନିଜେ ଉପବାଚସ୍ପତି ନିଜ ଚିଠିରେ ପରୋକ୍ଷରେ ପ୍ରକାଶ କରିବା ସହ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଉପବାଚସ୍ପତିଙ୍କ ଉଦ୍‌ବେଗ ସରକାରଙ୍କ ପାଇଁ ଆଇନା ସଦୃଶ୍ୟ ଅଟେ। ସରକାର ତୁରନ୍ତ ବାସ୍ତବତାକୁ ହେଜି ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଏବଂ ଦମନ କରିବା ପାଇଁ କଠୋର ହେବାକୁ ବୁଦ୍ଧିଜୀବୀ ମହଲ ପରାମର୍ଶ ଦେଇଛି।

## ଖସୁଛି ପାଣି...

ଚାରିଟି ବ୍ଲକ ଜଳେଶ୍ୱର, ଭୋଗରାଇ, ବସ୍ତା ଓ ବାଲିଆପାଳ ପ୍ରଭାବିତ ହୋଇଛିଁ ଏହାସହିତ ବୈତରଣୀରେ ଜଳସ୍ତର ବଢ଼ିବା ହେତୁ ଭଦ୍ରକର ଧାମନଗର, ତିହିଡ଼ି ଓ ଯାଜପୁରର ଦଶରଥପୁର ବ୍ଲକର ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି। ଆଖୁଆପଦାରେ ବୈତରଣୀ ବିପଦସଂକେତ ତଳକୁ ଆସିବା ପରେ ଧୀରେ ଧୀରେ ସ୍ଥିତିରେ ସାମାନ୍ୟ ସୁଧାର ଆସୁଛି। ମାତ୍ର ସମ୍ପୂର୍ଣ୍ଣ ପାଣି ଛାଡ଼ିବାକୁ ଆହୁରି ପ୍ରାୟ ୪୮ ଘଣ୍ଟା ଲାଗିପାରେ ବୋଲି ଆକଳନ କରାଯାଉଛି।

ରବିବାର ରାତି ୧୧ରେ ବାଲେଶ୍ୱରର ରାଜଘାଟରେ ସୁବର୍ଣ୍ଣରେଖାର ଜଳସ୍ତର ୧୦.୨୭ ମିଟର ପହଁଚିଥିଲା। ଜଳସ୍ତର ହ୍ରାସ ପାଇ ବର୍ତ୍ତମାନ ୯.୮୦ ମିଟର ଅଛି। ରାଜଘାଟରେ ସୁବର୍ଣ୍ଣରେଖାରେ ବିପଦ ସଂକେତ ୧୦.୩୬ ମିଟର ଥିବାବେଳେ ବର୍ତ୍ତମାନ ବିପଦ ସଂକେତ ତଳେ ଜଳ ପ୍ରବାହିତ ହେଉଛି। ସମୁଦ୍ରକୁ ଜଳ ନିଷ୍କାସନ ହେବା ଲାଗି ଦୁଇ ଦିନ ସମୟ ଲାଗିବାକୁ ଥିବାରୁ ଏଠାକାର ଲୋକେ ଆହୁରି ୪୮ ଘଣ୍ଟା ପର୍ଯ୍ୟନ୍ତ ସମସ୍ୟା ଲାଗି ରହିବାର ଆଶଙ୍କା ରହିଛି। ସେହିପରି ଜଳକା ନଦୀର ଜଳସ୍ତର ସତର୍କ ସଂକେତ ପାଖାପାଖି ଅଛି। ବୈତରଣୀର ଜଳସ୍ତର ହ୍ରାସ ପାଇ ଆଖୁଆପଦାରେ ବିପଦସଂକେତ ତଳେ ପ୍ରବାହିତ ହେଉଛି। ତେଣୁ ଭଦ୍ରକ ଓ ଯାଜପୁରର ବିଭିନ୍ନ ଅଞ୍ଚଳରେ ଏବେ ପାଣି କମିବାରେ ଲାଗିଛି।

ଅନ୍ୟପକ୍ଷରେ ବର୍ତ୍ତମାନ ହୀରାକୁଦର ଜଳସ୍ତର ୬୧୫.୨୫ ଫୁଟ ରହିଛି। ହୀରାକୁଦରୁ ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ହୀରାକୁଦ ଜଳଭଣ୍ଡାରକୁ ଉପରମୁଣ୍ଡରୁ ପ୍ରତି ସେକେଣ୍ଡରେ ୩.୧୭ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୩.୪୫ ଲକ୍ଷ ଘନଫୁଟ ଜଳ ନିଷ୍କାସନ ହେଉଛି। ସୋମବାର ସନ୍ଧ୍ୟା ସୁଦ୍ଧା କଟକର ମୁଣ୍ଡଳୀରେ ୫.୧୮ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିଲା। ସେହିପରି ରେଙ୍ଗାଳି ଡ୍ୟାମ୍‌ର ଜଳସ୍ତର ୧୨୧.୯୧ ମିଟର ରହିଥିବା ବେଳେ ଏଠାରେ ତିନିଟି ଗେଟ୍‌ରେ ବ୍ରାହ୍ମଣୀ ନଦୀକୁ ଜଳ ନିଷ୍କାସନ ହେଉଛି।

ବନ୍ୟା ସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବର୍ତ୍ତମାନ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଅଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର କିଛି ସ୍ଥାନର ଲୋକେ ରିଲଫ କେନ୍ଦ୍ରରେ ଅଛନ୍ତି। ରିଲିଫ କେନ୍ଦ୍ରରେ ଥିବା ଲୋକଙ୍କୁ ରନ୍ଧା ଖାଦ୍ୟ, ଘରେ ଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବନ୍ୟା ପାଣି ଛାଡିବା ପରେ କ୍ଷୟକ୍ଷତି ଆକଳନ ଆରମ୍ଭ ହେବ। ଚାଷ ଜମି କ୍ଷୟକ୍ଷତି, ଘର କ୍ଷୟକ୍ଷତି ଆକଳନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ, ଶକ୍ତି ଓ ଜଳ ସମ୍ପଦ ବିଭାଗର କ୍ଷୟକ୍ଷତି ଆକଳନ କରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଭରଣା କରିବ। ରିପୋର୍ଟ ଆସିବାର ୨୪ ଘଣ୍ଟା ମଧ୍ୟରେ କ୍ଷତିପୂରଣ ଜିଲ୍ଲା ଓ ବିଭାଗଙ୍କୁ ପଠେଇଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଉଚ୍ଚଶିକ୍ଷା ବିଭାଗରେ...

ଭିଡିଓ ଅପ୍‌ଲୋଡ୍ ହେଲା। ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇ ଆକାଉଣ୍ଟକୁ ନିଜ ନିୟନ୍ତ୍ରଣକୁ ଅଣାଯାଇଥିଲା। ସମସ୍ତ ଭିଡିଓକୁ ଡିଲିଟ୍ କରିବା ସହ ସହିଦନଗରସ୍ଥିତ ସାଇବର ସିକ୍ୟୁରିଟି ସେଲ୍‌ରେ ଅଭିଯୋଗ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ହ୍ୟାକ୍ ହୋଇଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌କୁ ମଧ୍ୟ ନିୟନ୍ତ୍ରଣାଧୀନ କରାଯାଇଛି। ହେଲେ ପୂର୍ବପରି ୱେବ୍‌ସାଇଟ୍ କାର୍ଯ୍ୟକ୍ଷମ ହୋଇପାରିନି। ମାତ୍ରାଧିକ ଧୀମା ଚାଲୁଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ ସମେତ ନାମଲେଖା ପ୍ରକ୍ରିୟା ଜାରି ରହିଥିବାରୁ ଛାତ୍ରଛାତ୍ରୀ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇପାରୁ ନାହାନ୍ତି। ବିଶ୍ୱବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ବହୁ ତଥ୍ୟକୁ ହ୍ୟାକର୍ ନେଇଯାଇଥିବା ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ଫଳରେ ବହୁ ଛାତ୍ରଛାତ୍ରୀ ଆଶଙ୍କାରେ ଅଛନ୍ତି। ପୂର୍ବରୁ ମଧ୍ୟ ରେଭେନ୍ସା ୱେବସାଇଟ୍ ହ୍ୟାକ୍ ହୋଇଥିବାବେଳେ ଉଚ୍ଚ କ୍ଷମତାସମ୍ପନ୍ନ 'ବ୍ଲେଡ୍ ସର୍ଭର' ଲଗାଯାଇଥିଲା। ଏହା ସତ୍ତ୍ୱେ ହ୍ୟାକ୍ କରିବାରେ ହ୍ୟାକର୍‌ମାନେ କିପରି ସଫଳ ହେଉଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ମହଙ୍ଗା ପଡ଼ିଲା...

ସ୍କୁଟିରେ ଚାଳକଙ୍କୁ ମିଶାଇ ଲଦାଲଦି ହୋଇ ୭ ଜଣ ବସି ରାସ୍ତାରେ ବୁଲୁଥିଲେ। ହାମ ହେ ମାଫିଆ ଗୀତ ଗାଇ ଗାଡି ଚଲାଉଥିଲେ। ଏ ନେଇ ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା।ମଜାମଜାରେ ଭିଡ଼ିଓ କରିବା ପାଇଁ ଗାଡ଼ିରେ ବସିଥିବା ନେଇ ସୂଚନା ମିଳିଛି।

## ୮ ଛାତ୍ରୀଙ୍କୁ...

ହେଉଛି ; ଯାହାକୁ ନେଇ ବିଦ୍ୟାଳୟର ଜନୈକା ଶିକ୍ଷୟିତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କର ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କୁ ୧୫ ଦିନ ପାଇଁ ଅସ୍ଥାୟୀଭାବେ ନିଲମ୍ବନ କରିଛନ୍ତି। ଏହି ଘଟଣା ପ୍ରଘଟ ହେବା ପରେ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ସମ୍ପୃକ୍ତ ଯୌନ ପିଶାଚ ଶିକ୍ଷକଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ପାଠପଢୁଥିବା କୋମଳମତି ଛାତ୍ରୀଙ୍କୁ ଶିକ୍ଷାଦାନ ସମୟରେ ଗେହ୍ଲ କରିବା ଆଳରେ ଆପତ୍ତିଜନକ ସ୍ଥାନରେ ହାତ ବୁଲାଉଥିଲେ। ଘରେ ଘଟଣା ବିଷୟରେ ନ କହିବାକୁ ଜଣ ଜଣ କରି ୭/୮ ଜଣ ଛାତ୍ରୀଙ୍କୁ ସେ ମଧ୍ୟ ତାଗିଦ କରୁଥିଲେ। ତେବେ ଜଣେ ଛାତ୍ରୀ ସ୍କୁଲର ଶିକ୍ଷୟିତ୍ରୀଙ୍କୁ ଜଣାଇବା ପରେ ସମସ୍ତ ଘଟଣା ପଦାକୁ ଆସିଥିଲା। ଏପରିକି ଗୋଟି ଗୋଟି ଛାତ୍ରୀକୁ ପଚରାଉଚୁରା କରିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରିବୁଲୁଛି। ଏପରିକି ଜନୈକା ଛାତ୍ରୀଙ୍କ ମା'ବାପାଙ୍କ ସହ ବିଦ୍ୟାଳୟକୁ ଆସି ସମ୍ପୃକ୍ତ ଶିକ୍ଷକଙ୍କୁ ପାଟିତୁଣ୍ଡ କରିବା ପରେ ଶିକ୍ଷକ କାନଧରି ଭୁଲ ମାଗିବା ଦୃଶ୍ୟ ଭାଇରାଲ ହେଉଛି। ତେବେ ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ଶିକ୍ଷା ବିଭାଗ କେବଳ ଚାକିରିରୁ ନିଲମ୍ବିତ କରି ହାତବାନ୍ଧି ବସିଛି। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ମହାନ୍ତ ପୂର୍ବରୁ ୨୦୧୮ ମସିହା ନଭେମ୍ବର ୧୪ ତାରିଖରେ ବେତନଟୀ ବ୍ଲକର ଜୈନିକ ବିଦ୍ୟାଳୟରେ ଛାତ୍ରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗରେ ଗିରଫ ହୋଇଥିଲେ। ଏହା ସତ୍ତ୍ୱେ ତାଙ୍କୁ ପୁନର୍ବାର ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ଏବଂ ସେ ଏକ ନୂତନ ବିଦ୍ୟାଳୟରେ ଅନୁରୂପ ଅପରାଧ କରିଥିବା ଘଟଣା ଶିକ୍ଷା ବିଭାଗର ନିଯୁକ୍ତି ପ୍ରକ୍ରିୟା ଓ ତଦାରଖ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ବିଦ୍ୟାଳୟ କମିଟି ଓ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଥାନାରେ ଅଭିଯୋଗ ଦାୟର ନକରିବା ନିଷ୍ପତ୍ତି ଏହି ଘଟଣାରେ ନ୍ୟାୟର ପଥକୁ ଅବରୋଧ କରିଛି, ଯାହା ଅତ୍ୟନ୍ତ ନିନ୍ଦନୀୟ।


**AFFIDAVIT**

I, SHAIKH SHAHABAZ ALI, S/o- Late Shaikh Ansar Ali resident of At: - Jairampur, Po:-Kood, Ps: - Salipur, Dist:-Cuttack Pin- 754221 Odisha declare by this affidavit No.2286 dtd:- 23/07/2025 that now onwards I shall be known as **SHAIKH SHAHBAZ ALI** for all future purposes.

**TO WHOM IT MAY CONCERN**

**Ritarani Patnaik**
**Address not known**

Your flat is canceled as no documents available with us. We contacted your brother, Sh Dhiren Patnaik, regarding registration of sale agreement of his flats, who replyed us that the flats shall be registered when Registration shall be allowed by the Hon'ble Orissa High Court withdrawing the stay on registration. By that time the pending Certificate Case No.23/2025 (under section-6) and Issue No.30 dated 21.03.2025 are issued an order and cease the power for registration by any Director of Mahodadhi Devlopers Pvt Ltd, Bhubaneswar. We are appearing before Hon'ble Court of Sub Collector-cum-Certificate Officer to give 150 days time period to keep our stand. Under the above circumstances, we are forced to refund your deposited money against your flat no.503, fifth floor in Tulasi Vihar, Phase-II, Puri. We are issued any letter to you as we have niether address nor agreement. Hence we communicated through various odia daily to draw your attention and receive your Demand Draft/Cheques from our office with a short period as our office is going to be close.

**Managing Director**
**Mahodadhi Devlopers Pvt Ltd Bhubaneswar**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA.**
**e-mail: -eephd.rgda.od@od.gov.in,eephdrgda@gmail.com**
**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB) NO.EEPHDRAYAGADA-14/2025-26 DT.23.07.2025**

| Sl No. | Name of the work | Bid Identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Providing power supply to the PHD Elevated Service Reservoir (ESR) and underground reservoir (UGR) at Seriguda of Rayagada Municipality under ESO No-I in connection to the Project Work "Improvement of Water Supply to Seriguda area of Rayagada Municipality under state plan BASUDHA for the year 2023-24. | EEPHDRAYAGADA-14/2025-26 Dtd.23.07.2025 | 13.95 | HT License | 02 (Two Months) | 01.08.2025 (11.00 Hr) | 11.08.2025 (17.00 Hr) |

Name & Address of Officer Inviting Bid: Executive Engineer, P.H. Division, Rayagada.
Email: eephd.rgda.od@od.gov.in, eephdrgda@gmail.com

- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Sd/- Executive Engineer
P.H. Division, Rayagada

C-744 OIPR - 13052/11/0030/2526

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର**
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଏହାପରେ ସରଫେଶୀ ଆକ୍ଟ, ୨୦୦୨ କୁହାଯିବ) (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ୍ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ୍ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| **ମହାନଦୀ ବିହାର ଶାଖା** / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଷ୍ଟୁଡିଓ ୭୮୬, ସ୍ୱତ୍ତ୍ୱାଧିକାରୀ: ମହମ୍ମଦ ଅବଦୁଲ ରହିମ୍ / ଗ୍ୟାରେଣ୍ଟିଦାତା: ମହମ୍ମଦ ୟୁସୁଫ୍,** ଉଭୟଙ୍କ ଠିକଣା- ସା: ସରସ୍ୱତୀ ଭବନ, ଚାନ୍ଦିନୀ ଚୌକ, ନିମଚୌଡି, କଟକ-୭୫୩୦୦୨ | **ମହମ୍ମଦ ୟୁସୁଫ୍‌ଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଗ୍ରାମ: ନୟାସଡକ, ଚାନ୍ଦିନୀ ଚୌକ, | **ତା.୧୩.୦୫.୨୦୨୫ରିଖ ସୁଦ୍ଧା ଟ.୧୪,୪୧,୦୨୧.୯୦** + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | **୧୩.୦୫.୨୦୨୫ / ୨୨.୦୭.୨୦୨୫** |

ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: କଟକ, ସବ୍-ଡିଷ୍ଟ୍ରିକ୍ଟ: କଟକ ସଦର, ଖାତା ନଂ.: ୬୦୧/୨୦୪, ପ୍ଲଟ୍ ନଂ.: ୧୬୮୮ ଏବଂ ୧୬୮୭, ନୟାସଡକ ଚାନ୍ଦିନୀ ଚୌକ ୟୁନିଟ୍-୧୪, କଟକ ସଦର, କଟକ, ପରିମିତ କ୍ଷେତ୍ର: ୭୮୪ ବର୍ଗଫୁଟ ସହିତ ସେଥିରେ ନିର୍ମିତ ହୋଇଥିବା / ହେବାକୁ ଥିବା ଗୃହ ଏବଂ ଷ୍ଟ୍ରକଚର୍ସ / ରେସିଡେନ୍ସିଆଲ ବ୍ଲକ୍ ଯାହାର କ୍ଷେତ୍ର: ୭୮୪ ବର୍ଗଫୁଟ ସହିତ ସେଠାରେ ସଂଲଗ୍ନ ହୋଇଥିବା ସମସ୍ତ ଫିକ୍ସଚର, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା ଏବଂ ଲାଲା ରଜନୀକାନ୍ତଙ୍କ ପ୍ଲଟ୍, ପଶ୍ଚିମ: ଅହେମଦ ବକ୍ସଙ୍କ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ହବି ବକ୍ସ

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୮.୦୭.୨୦୨୫** **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**

**AFFIDAVIT**

I Raghubir Kaur, W/o-Sohan Singh Pabla, Resident of Plot No JJ-5, Civil Township, PO-Rourkela-4 PS - Raghunathpalli, Dist-Sundargarh Pin-769004,Odisha,declare vide this affidavit no 74AA 297198 dated 28.07.2025, that in my daughter Baljinder Kaur educational certificates my name is mentioned as Ragbir Kaur instead of my actual name and both names are one and the same person that is myself. Henceforth I shall be know as **RAGHUBIR KAUR** for all purposes.

**AFFIDAVIT**

By virtue of an affidavit before Executive Magistrate, Bissam Cuttack bearing affidavit no.- 1074/25 dtd.14.7.2025, I Sri Ramesh Nag, S/o- Kantaru Nag resident of Vill.- Bhatapur, Po.- Bhatapur, Ps.- Bissam Cuttack, Dist.- Rayagada, declare that, actual name of my son is **RITIK KISAN NAG** but in his Aadhar card his name has been wrongly mentioned as RITIK ROSHAN NAG. Both the names **RITIK ROSHAN NAG** and **RITIK KISAN NAG** are of one and same person for his Aadhar and all purposes.
Sd/- Ramesh Nag

**AFFIDAVIT**

By virtue of an affidavit sworn before Notary Public Titilagarh, dated 23.07.2025. I, Brundabati Meher, Address At/Po-Jogimunda, Ps- Patnagarh, Dist-Balangir, Odisha, Pin- 767027 declare that I have changed my name from **Sunaphul Meher** to **Brundabati Meher**. Henceforth, I shall be known as **Brundabati Meher** for all purposes.
**Brundabati Meher**

**AFFIDAVIT**

By virtue of an affidavit sworn before Notary Public Titilagarh, dated 28.07.2025 I, Doupadi Bagartti, Adress At- Balpadar, Po- Bankel, Ps- Titilagarh, Dist-Balangir, Odisha, Pin- 767037 declare that I have changed my daughter's name from **Chhaya Bagarty** to **Barsa Bagarty.** Henceforth, she shall be known as **Barsa Bagarty** for all purposes.
**Doupadi Bagartti**

**AFFIDAVIT**

I, Sonali Sahu, aged 39 years, W/o- Alok Kumar Sahoo, resident of At-Janardhanpur Sasan, Po-Atopur, Kendujhar Town, Dist- Keonjhar, Odisha, Pin- 758001 declared by this affidavit No-607, dtd-26/07/2025 that now onwards I shall be known as **SONALI SAHOO** for all future purposes.

**AFFIDAVIT**

I, Prasanta Kumar Behera, aged 36 years, S/o- Late Bhaskar Behera, resident of At- Karabalua, Po- Chikiti Pentho, Ps- K.Nuagam, Dist- Ganjam, Odisha, Pin-761010 declared by this affidavit No-A-1457, dtd-13/07/2025 that now onwards I shall be known as **PRASHANTA KUMAR BEHERA** for all future purposes.

**Notice (for Minor)**

By Virtue of an affidavit sworn before Executive, Magistrate, Badasahi, Mayurbhanj, Dated 28.07.2025. I, Sanjib Kumar Dey, address At-Tunagambharia Po-Kuradiha Ps-Badasahi Dist-Mayurbhanj State-Odisha Pin-757017 declare that I Have changed the name of my Daughter from **Tapaswa Dey** to **Tapasya Dey**. Henceforth, she shall be known as Tapasya Dey for all purposes.
**Sanjib Kumar Dey**

**AFFIDAVIT**

I, Soudamini Sahoo, aged 41 years, W/o- Pradeepta Kishore Sahoo, resident of At/Po- Banamalipur, Ps-Balipatna, Dist-Khordha, Odisha, Pin-752103 declared by this affidavit No. CF-72, dtd-18/06/2025 that now onwards I shall be known as **SAUDAMINI SAHOO** for all future purposes.

**AFFIDAVIT**

I, Narendra Nath Patra, S/o-Late Surat Patra, resident of Village- Khanta, Po-Badamtalia, Ps- Rairangpur Rural, Dist- Mayurbhanj Odisha declare by this affidavit No-18, dated. 04.07.2025 that now onwards I, shall be known as **Narendra Kumar Patra** for all future purposes.

**AFFIDAVIT**

I Mobassrin Mahnaz, W/o- MD Junaid Alam, Resident of At - Nala Road Plant Site , PO /PS - Rourkela, Dist - Sundargarh, Pin-769001,Odisha,declare by this affidavit No. 91 dated 23.07.2025 that now onwards I shall be known as **MOBASSERIN MAHNAZ** for all future purposes

**AFFIDAVIT**

I, Deepali Nayak, aged 41 years, D/o- Trinath Parida, resident of Gundar, Karanga, Dist-Cuttack, Odisha, Pin-754004 declared by this affidavit No-606, dtd- 26/07/2025 that now onwards I shall be known as **DIPALI NAYAK** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-28/07/2025. I, **Gopinath Sahu,** aged about 43 years, S/O- Laxmidhar Sahu, Permanent resident of AT-Bankel, PO- Karla, PS- Muribahal, Dist-Balangir, (Odisha), PIN- 767037, now residing at the same place affirm that I have changed my minor son's name from **Josoanta Sahu** (old name) to **Jashobanta Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Jashobanta Sahu** (new name).
**Gopinath Sahu**

**AFFIDAVIT**

I, Gopikrishna Rath, S/o- Tankadhar Rath, resident of At/Po-Bheden, Ps- Bheden, Dist- Baragarh, Odisha, Pin- 768164, declared by this affidavit No. 608, dtd- 27/07/2025 that now onwards I shall be known as **GOPIKRUSHNA RATH** for all future purposes.

**AFFIDAVIT**

I, Badakulu Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist-Ganjam, Pin- 761003, Odisha declare by this affidavit No. 1481, dtd. 28/07/2025, that now onwards I shall be known as **BADAKULU ADIADA PATRA** for all future purposes.

**Notice (For Minor)**

By virtue of an affidavit sworn before The Executive Magistrate, Titilagarh, dated- 28/07/2025. I, **Banamali Bagarty,** Address: At/P.O./P.S. Titilagarh (High School Pada), Dist- Bolangir, (Odisha), PIN- 767033 declare that I have changed the name of my daughter from **Shrutirekha Bagarty** to **Shruti Rekha Bagarty.** Henceforth, she shall be known as **Shruti Rekha Bagarty** for all purposes.
**(Banamali Bagarty)**

**AFFIDAVIT**

I, Abhay Kumar Sahoo, S/o- Maheswara Sahoo, resident of Vill- Sirasta, PO- Srichandanpur, PS-Tirtol, Dist- Jagatsinghpur, PIN- 754137, Odisha declared by this affidavit No. 5165, dtd-14/07/2025 that now onwards I shall be known as **ABHAYA KUMAR SAHOO** for all future purposes.

## ଭୂତକୋଠି ପାଲଟିଛି ବନରକ୍ଷୀ କୋଠରୀ



କଲ୍ୟାଣସିଂହପୁର,୨୮।୭(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶକରପାଇ ସେକ୍ସନର ସାଜା ବିଟ୍‌ରେ ନିର୍ମିତ ବନରକ୍ଷୀଙ୍କ କୋଠରୀ ଭୂତକୋଠି ପାଲଟିଛି। ଦୁଇ ବର୍ଷକୁ ଥରେ ବନରକ୍ଷୀଙ୍କ କାର୍ଯ୍ୟାଳୟ କେବଳ ନାମକୁ ମାତ୍ର ଖୋଲାଯାଉଛି। ଲୋକେ ଅଭିଯୋଗ ପାଇଁ ଖୋଜୁଥିଲେ ମଧ୍ୟ ବନରକ୍ଷୀଙ୍କ ଦେଖାମିଳୁନି। କୋଠରୀ ନିର୍ମାଣ ହୋଇଥିବାବେଳେ ଅଧିକାରୀ କିମ୍ବା କର୍ମଚାରୀଙ୍କ ଦେଖାମିଳୁନି। ଯାହାକୁ ନେଇ ସ୍ଥାନୀୟବାସୀନ୍ଦା ଅସନ୍ତୋଷ ପ୍ରକାଶ କରିଛନ୍ତି। ବନରକ୍ଷୀଙ୍କ କୋଠରୀରେ କେହି ରହୁ ନଥିବାରୁ ତାହା ଭୂତକୋଠିରେ ପରିଣତ ହୋଇଛି। ଏହି ବ୍ଲକରେ ବନ ବିଭାଗ କେଉଁ କାଳରୁ କାର୍ଯ୍ୟ କରି ଆସୁଛି। ଦୁଇ ବର୍ଷ ପୂର୍ବେ ଅଧିକାରୀମାନେ ରହୁଥିଲେ। ତେବେ ପ୍ରାୟ ୨ବର୍ଷ ହେବ କୌଣସି ଅଧିକାରୀ କି କର୍ମଚାରୀ ରହୁନାହାନ୍ତି। ନାମକୁ ମାତ୍ର ବନରକ୍ଷୀ କୋଠରୀ ରହିଛି। ବନରକ୍ଷୀ ସେଠାରେ ରହୁ ନଥିବାରୁ ଚୋରା କାଠ ଓ ଜଙ୍ଗଲ ଦ୍ରବ୍ୟ କାରବାର ବୃଦ୍ଧି ପାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟରେ ରକ୍ଷଣାବେକ୍ଷଣ ଅଭାବରୁ ଘରଟି ଭାଙ୍ଗିବା ଅବସ୍ଥାକୁ ଆସିଗଲାଣି। ମାସମାସ ଧରି ବିଭାଗୀୟ କର୍ମଚାରୀଙ୍କ ଦେଖା ମିଳୁ ନଥିବାରୁ ବିଭାଗ ଉପରେ ଲୋକଙ୍କ ବିଶ୍ୱାସ ତୁଟିବାରେ ଲାଗିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିନ୍ତି। ଏନେଇ ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗଙ୍କୁ ପଚାରିବାରୁ, ବନରକ୍ଷୀ କାର୍ଯ୍ୟରେ ହେଳା କରୁ ନାହାଁନ୍ତି, ସବୁବେଳେ ସତ୍ୟ ରିପୋର୍ଟ ପ୍ରଦାନ କରୁଛନ୍ତି ବୋଲି କହିଛନ୍ତି। ତେବେ ବନରକ୍ଷୀ ଠିକ୍ ରୂପେ କାର୍ଯ୍ୟ କରୁଥିଲେ ନିଜର କୋଠରୀ କାହିଁକି ଖୋଲୁ ନାହାଁନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହୋଇଛି।

## ଜୟପୁର ଯୁବରାଜକୁମାରଙ୍କୁ ଭେଟିଲେ ନନ୍ଦପୁର ପ୍ରଜା




ନନ୍ଦପୁର,୨୮।୭(ସମିସ): ଦୀର୍ଘ ବର୍ଷ ବ୍ୟବଧାନ ପରେ ପୁଣି ରାଜବଂଶ ସହ ପୁରୁଣା ସମ୍ପର୍କ ଯୋଡି ହେବାରେ ଲାଗିଛି। ରବିବାର ନନ୍ଦପୁର ୧୨ ସାହିର କୁମ୍ଭାର, କମାର, ବ୍ରାହ୍ମଣ, ଗୌଡ ଖଣ୍ଡାୟତ ସେବାୟତ ପ୍ରଜା ପ୍ରତିନିଧିମାନଙ୍କ ଏକ ଦଳ ମୁନା ଦଳପତିଙ୍କ ନେତୃତ୍ୱରେ ଜୟପୁର ରାଜଦରବାରରେ ପହଞ୍ଚି ଯୁବରାଜକୁମାର ବିଶେଶ୍ୱର ଚନ୍ଦ୍ରଚୂଡଙ୍କୁ ସାକ୍ଷାତ କରି ଏକ ମାନପତ୍ର ପ୍ରଦାନ କରିଛନ୍ତି। ନନ୍ଦପୁର ଇତିହାସକୁ ପୁଣି ପୁନର୍ଜୀବିତ କରିବା ଉପରେ ସେମାନେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ନନ୍ଦପୁର ସୂର୍ଯ୍ୟ ବଂଶୀ ରାଜା ଜୟପୁରରେ ଅଧିପତିତ୍ୱ କରିବା ପରେ ନନ୍ଦପୁର ଠାରୁ ଦୂରେଇ ରହିଥିଲେ। ହେଲେ କେବଳ ଜାନିଯାତ୍ରା ପର୍ବପର୍ବାଣୀରେ ନନ୍ଦପୁର ପ୍ରଜାଙ୍କୁ ନିଶ୍ଚିତ ମନେ ପକାଇଥାନ୍ତି। ହେଲେ ଚଳିତ ବର୍ଷ ମହାପ୍ରଭୁଙ୍କ ଘୋଷ ଯାତ୍ରା ଠାରୁ ପୁଣି ଜୟପୁର ରାଜା ପରିବାର ସହ ନନ୍ଦପୁର ପ୍ରଜାଙ୍କ ମଧ୍ୟରେ ପୁରୁଣା ସମ୍ପର୍କ ତାଜା ହୋଇଛି। ବର୍ତ୍ତମାନ ଏହି ସମ୍ପର୍କ ନିବିଡ ହେବାରେ ଲାଗିଛି। ତେବେ ସୂର୍ଯ୍ୟବଂଶୀ ରାଜା ରାଣୀଙ୍କ ପ୍ରତିମୂର୍ତ୍ତିକୁ ନନ୍ଦପୁର ମାଟିରେ ସ୍ଥାପିତ କରି ନନ୍ଦପୁରରେ ରାଜାଙ୍କ ରାଜୁତି କୀର୍ତ୍ତିକୁ ସ୍ମୃତି ଚାରଣ କରିବାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଜୟପୁର ରାଜା ଦରବାରରୁ ନନ୍ଦପୁର ପୁରାତନ ସାମ୍ରାଜ୍ୟ ସୂର୍ଯ୍ୟ ବଂଶୀ ରାଜା ରାଣୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରସ୍ତାବ ଆସିବା ପରେ ନନ୍ଦପୁରବାସୀଙ୍କ ମଧ୍ୟରେ ଏକ ଉତ୍ସାହ ପରିଲକ୍ଷିତ ହୋଇଛି।

## ବନ ମହୋତ୍ସବ ଅବସରରେ ବିଭିନ୍ନ ପ୍ରତିଯୋଗିତା



କୋରାପୁଟ,୨୮।୭(ସମିସ): ସ୍ଥାନୀୟ ପ୍ରେସ୍ କ୍ଲବ ପରିସରରେ କୋରାପୁଟ ପ୍ରେସ୍ କ୍ଲବ ଓ ଗୋପବନ୍ଧୁ ସେବା ସମିତି ପକ୍ଷରୁ ବନମହୋତ୍ସବ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ବନଖଣ୍ଡ ଅଧିକାରୀ କେଭି ଭାସ୍କର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ରଚନା, କୁଇଜ୍, ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସତାସାହିତ୍ୟ ସଂସଦର ସଭାପତି ଜଳଧର ସ୍ୱାଇଁ, ସୌମେନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଅଧ୍ୟାପକ ରବି ଶତପଥୀ ଓ କିଶୋର ବେହେରା, ଟୁବୁଲି ବେହେରା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଞ୍ଜରର ଏସ୍‌କେ ପାହାଡ଼ ସିଂ ଯୋଗଦେଇଥିଲେ। ଗୋପବନ୍ଧୁ ସେବା ସମିତିର ସଭାପତି ଭବାନୀ ଶଙ୍କର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗିରିଜା ମିଶ୍ର, ପ୍ରହଲ୍ଲାଦ ସାହୁ, ବି.ରାଜୁ, ଉତ୍ତମ ନାୟକ ଓ ମଣ୍ଟୁ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ରେଲଷ୍ଟେସନ ସମ୍ମୁଖରେ ଗର୍ଜିଲା ବିଜେଡି

# କୋରାପୁଟ-ଜଗଦଲପୁରକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବି


ଜୟପୁର,୨୮।୭(ସମିସ): ଦୀର୍ଘ ୨୭ଦିନ ହେଲାଣି ବିଶାଖପାଟଣା କିରଣ୍ଡୁଲ ରେଳଲାଇନରେ କୋରାପୁଟ ଏବଂ ଜଗଦଲପୁର ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଫଳରେ କୋରାପୁଟ ଜିଲ୍ଲାର ଜୟପୁର, କୋଟପାଡ, ବୋରିଗୁମ୍ମା, ବୈପାରୀଗୁଡା, କୁନ୍ଦୁରା ବ୍ଲକ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲା ସମେତ ପୋଡଶୀ ଛତିଶଗଡ ରାଜ୍ୟର ସାଧାରଣ ଲୋକମାନେ ଜଗଦଲପୁର ଠାରୁ ଭୁବନେଶ୍ୱର, ବିଶାଖପାଟଣା, ରାଉରକେଲାକୁ ଚଳାଚଳ କରୁଥିବା ଦ୍ରୁତଗାମୀ ଏବଂ ପାସେଞ୍ଜର ଟ୍ରେନ ଯୋଗେ ଯାତାୟାତ କରି ନପାରି ହନ୍ତସନ୍ତ ହେଉଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟି ଦେଇ ତୁରନ୍ତ କୋରାପୁଟ-ଜଗଦଲପୁର ମଧ୍ୟରେ ଟ୍ରେନ୍ ଚଳାଚଳ ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିମାନେ ରେଳବିଭାଗ କିମ୍ବା କେନ୍ଦ୍ର ସରକାରଙ୍କ ନିକଟରେ କୌଣସି ଦାବି କିମ୍ବା ପ୍ରତିବାଦ ଉପସ୍ଥାପନ କରିନାହାଁନ୍ତି। ଶେଷରେ ବିଜୁ ଜନତାଦଳ ରାଜ୍ୟ ନେତୃତ୍ୱଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ ସୋମବାର ପୂର୍ବାହ୍ନ ୧୧ ଟା ଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସ୍ଥାନୀୟ ରେଳଷ୍ଟେସନ ସମ୍ମୁଖରେ ଧାରଣା ଦେଇଥିଲେ। ଏଥିରେ ଜୟପୁର ଉପଖଣ୍ଡର ୫ଟି ବ୍ଲକ୍ ବିଜେଡି କର୍ମୀ ସାମିଲ ହୋଇଥିଲେ। ଯଥାଶୀଘ୍ର ଜଗଦଲପୁର ପର୍ଯ୍ୟନ୍ତ ଯାତାୟାତ କରୁଥିବା ବାହାର ରାଜ୍ୟ ଏବଂ ରାଜ୍ୟର ଭୁବନେଶ୍ୱର, ରାଉରକେଲାକୁ ଏକ୍ସପ୍ରେସ ଏବଂ ପାସେଞ୍ଜର ଟ୍ରେନ୍ ଚଳାଚଳ






କରିବାକୁ ଦଳ ଦାବି କରିଥିଲା। ଅନ୍ୟଥା ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବା ସହ ଜୟପୁର ଷ୍ଟେସନ ଦେଇ ଯାତାୟାତ କରୁଥିବା ସମସ୍ତ ମାଲବାହୀ ଟ୍ରେନ୍ ଚଳାଚଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ ବୋଲି ଚେତାବନୀ ଶୁଣାଇଛନ୍ତି। ଏନେଇ ଏକ ଦାବିପତ୍ର ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳବିଭାଗର ସାଧାରଣ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ରେଳବିଭାଗର ବିଶାଖପାଟଣା ଡିଭିଜନର ଜୈନିକ ଅଧିକାରୀଙ୍କୁ ଦଳ ପକ୍ଷରୁ ପ୍ରଦାନ କରାଯାଇଛି। ଏଥିସହ ଜୟପୁର-ମାଲକାନଗିରି ଏବଂ ଜୟପୁର-ନବରଙ୍ଗପୁର ପ୍ରସ୍ତାବିତ ରେଳଧାରଣା କାର୍ଯ୍ୟ ତୁରନ୍ତ ତ୍ୱରାନ୍ୱିତ କରିବା, ଭୁବନେଶ୍ୱର-ବିଶାଖାପାଟଣା ବନ୍ଦେ ଭାରତ ଟ୍ରେନ୍‌କୁ ଆରକୁ ଏବଂ କୋରାପୁଟ ଦେଇ ଜୟପୁର ପର୍ଯ୍ୟନ୍ତ ସମ୍ପ୍ରସାରିତ କରିବା, ଦିନରେ ଜଗଦଲପୁରରୁ ପୁରୀ ପର୍ଯ୍ୟନ୍ତ ଏକ ଦ୍ରୁତଗାମୀ ଟ୍ରେନ୍ ସମ୍ବଲପୁର, କଟକ, ଭୁବନେଶ୍ୱର ଦେଇ ଯାତାୟାତ କରିବାକୁ ଦାବି କରାଯାଇଛି। ପ୍ରକାଶଯେ, କୋରାପୁଟ ଠାରୁ ଜଗଦଲପୁର ପର୍ଯ୍ୟନ୍ତ ସଂଯୋଗ କରୁଥିବା ରେଳଧାରଣାର ଜରଟି ଓ ମାଲିଗୁଡା ଷ୍ଟେସନ ମଧ୍ୟରେ ପ୍ରବଳ ବର୍ଷା ଯୋଗୁଁ ଗତ ୨ ତାରିଖ ଅପରାହ୍ନରେ ପାହାଡ଼ ଧସି ରେଳ ଧାରଣା ଉପରେ ମାଟି ଓ ବଡ ପଥର ପଡିଯାଇଥିଲା। ଫଳରେ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଜୟପୁର ଏବଂ ଜଗଦଲପୁର ଷ୍ଟେସନକୁ ଉକ୍ତ ଟ୍ରେନ୍ ଗୁଡିକ ଆସି ନପାରି କୋରାପୁଟ ପର୍ଯ୍ୟନ୍ତ ଆସି ଫେରିଯାଉଥିଲା। ଫଳରେ ଯାତ୍ରୀମାନେ କୋରାପୁଟ ରେଳଷ୍ଟେସନର ଓହ୍ଲାଇ ବିଭିନ୍ନ ଅସୁବିଧାର ସମ୍ମୁଖିନ ହୋଇ ଅଧିକ ଟଙ୍କା ଦେଇ ଅନ୍ୟାନ୍ୟ ଯାନବାହନରେ ଜୟପୁର ଉପଖଣ୍ଡ ଅଞ୍ଚଳ ସମେତ ମାଲକାଗିରି ଓ ନବରଙ୍ଗପୁର ଜିଲ୍ଲା ଏବଂ ପୋଡଶୀ ଛତିଶଗଡ ଜିଲ୍ଲାକୁ ଯାତାୟାତ କରୁଥିଲେ। ଗରିବ ଓ ସାଧାରଣ ବର୍ଗ ଯାତ୍ରୀମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସ୍ ଏବଂ ଅନ୍ୟାନ୍ୟ ଯାନକୁ ଅପେକ୍ଷା କରି ବହୁ କଷ୍ଟରେ ନିଜନିଜ ସହର ଓ ଗ୍ରାମକୁ ଯାତାୟାତ କରୁଛନ୍ତି। କିନ୍ତୁ ପୂର୍ବତଟ ରେଳ ବିଭାଗ ଏହି ଯାତ୍ରୀବାହୀ ଟ୍ରେନ୍ ଜୟପୁର ଦେଇ ଜଗଦଲପୁର ମଧ୍ୟରେ ଚଳାଚଳ ନେଇ ବାରମ୍ବାର ତାରିଖର ପରିବର୍ତ୍ତନ କରି ସାଧାରଣ ଯାତ୍ରୀଙ୍କୁ ହଇରାଣ କରୁଛନ୍ତି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି। ରେଳବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରେଳ ଧାରଣାରୁ ମାଟି ହଟା ଯାଇଥିଲା। ଟ୍ରାକ ଓ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ଓ କାର୍ଯ୍ୟକାରୀ କରାଯାଇଛି ଏବଂ ରେଳ ବିଭାଗକୁ ସେଠାରେ ମରାମତି କାର୍ଯ୍ୟ କରିଥିବା ବିଭାଗୀୟ ବୈଷୟିକ ବିଷେଶଜ୍ଞ ଦଳ ପକ୍ଷରୁ ଟ୍ରେନ ଚଳାଚଳ ନେଇ ସବୁଜ ସଙ୍କେତ ଦିଆଯାଇଛି। କିନ୍ତୁ ବିଭାଗ ପକ୍ଷରୁ ଆର୍ଥିକ ଲାଭ ଦେଉଥିବା ମାଲବାହୀ ଟ୍ରେନ୍ ଚଳାଚଳକୁ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲେ ସୁଦ୍ଧା ଯାତ୍ରୀବାହୀ ଟ୍ରେନ୍ ଚଳାଚଳକୁ ବନ୍ଦ ରଖାଯାଇ ନାଗରିକଙ୍କ ମୌଳିକ ଅଧିକାର ପ୍ରତି କୁଠାରଘାତ କରିଛନ୍ତି ବୋଲି ଆନ୍ଦୋଳନର ନେତୃତ୍ୱ ନେଇଥିବା ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ କ୍ଷୋଭର ସହ କହିଛନ୍ତି। ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ବିରିଷ୍ଠ ନେତା ବାଲା ରାୟ, ସୂର୍ଯ୍ୟନାରାୟଣ ରଥ, ଦୁର୍ଗା ପ୍ରସାଦ ମିଶ୍ର, ନାଗୁ ଦୋରା, ବିରେନ ବିଶୋୟୀ, ହର ପ୍ରସାଦ ମିଶ୍ର, ରାଧାବିନୋଦ ସାମନ୍ତରାୟ, ଗଣେଷ ପାଢୀ, ଆରିଫ ପଟେଲ, ମୁନ୍ନା ମହାପାତ୍ର, ବୃନ୍ଦାବନ ମଲ୍ଲିକ, ଏମ୍. ମାଙ୍ଗାମ୍ମା, ବି.ସୁନିତା, ଟୁଇଙ୍କେଲ ମିଶ୍ର, ବାଲିଙ୍ଗି ରାଓ, ଶିବ ପଟ୍ଟନାୟକ, ମହେନ୍ଦ୍ର ଅଧିକାରୀ, ଇଶ୍ୱର ବାଗ ସମେତ ୨ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

## ବିଦ୍ୟୁତ୍ କର୍ମଚାରୀ ଈଶ୍ୱରଙ୍କ ପରଲୋକ



ନନ୍ଦପୁର,୨୮।୭(ସମିସ): ନନ୍ଦପୁର ସଦରମହକୁମାର ବିଦ୍ୟୁତ୍ କର୍ମଚାରୀ ଈଶ୍ୱର ରାୟଙ୍କ ପରଲୋକ ହୋଇଯାଇଛି। ଗତ ରବିବାର ରାତ୍ରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସୂଚିତ ଯେ, ନନ୍ଦପୁର ସଦର ମହକୁମା ବାହିରିପଡ଼ା ଗ୍ରାମର ଈଶ୍ୱର ରାୟ ନନ୍ଦପୁର ବିଦ୍ୟୁତ୍ ବିଭାଗର କାର୍ଯ୍ୟକରୁଥିଲେ। ସେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ କିଛି ଦିନ ପୂର୍ବେ ପୋଡଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ସାମାଜିକ କର୍ମୀ ମୁନା ଦଳପତି, ନନ୍ଦପୁର ପ୍ରେସ୍ କ୍ଲବ୍ ସଭାପତି ତ୍ରିନାଥ ଖରା, ଉପସଭାପତି ବିମଳ ରାଓ ସ୍ମିଥ, ବିପିନ ମହାନ୍ତି, ଭୀମ ଖେମଣ୍ଡୁ, ପ୍ରମୁଖ ସ୍ୱର୍ଗତ ଈଶ୍ୱରଙ୍କ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

## ବଗାପୂଜାରୀ ଫୁଟବଲ୍ ରେଫେରୀ ସଂଘ ଗଠିତ

ଉମରକୋଟ,୨୮।୭(ସମିସ):



ଉମରକୋଟ, ରାଇଘର, ଝରିଗାଁ ଓ ଡାବୁଗାଁ ବ୍ଲକର ପଞ୍ଜୀକୃତ ପୁଟବଲ୍ ରେଫରିମାନଙ୍କୁ ନେଇ ନୂତନ ଭାବେ ସହୀଦ ବଗାପୂଜାରୀ ଫୁଟବଲ୍ ରେଫେରି ସଂଘ ଗଠିତ ହୋଇଛି। ଉମରକୋଟ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ବୈଠକରେ ୪ ଟି ବ୍ଲକ୍‌ରୁ ମୋଟ ୪୨ ଜଣ ପଞ୍ଜୀକୃତ ରେଫରି ଯୋଗ ଦେଇଥିଲେ। ବୈଠକରେ ଏହି ୪ଟି ବ୍ଲକ୍‌ରେ ଯେକୌଣସି ଫୁଟବଲ ଟୁର୍ଣ୍ଣାମେଣ୍ଟ ହେଲେ ତାର ପରିଚଳନା କିପରି ଭାବେ କରାଯାଇପାରିବ, ଏଥିସହ ଅଞ୍ଚଳର ଫୁଟବଲ ପ୍ରତିଭାବାନ ଖେଳାଳିଙ୍କୁ କିପରି ଲୋକଲୋଚନକୁ ଆଣିବା, ସେମାନଙ୍କୁ କିପରି ଠିକ ଭାବେ ମାର୍ଗଦର୍ଶନ ଦିଆଯିବ ଓ ସେମାନେ ଯେମିତି ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିପାରିବେ; ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସର୍ବସମ୍ମତି କ୍ରମେ ସଭାପତି ଭାବେ ସପନ ବୈରାଗୀ, ଉପସଭାପତି ଭାବେ ଡମ୍ବୁରୁ ପୂଜାରୀ, ପ୍ରବୀଣ ହାଲଦାର ଓ ପିଣ୍ଟୁ ନାୟକ, ସମ୍ପାଦକ ଭାବରେ ହେମନ୍ତ ସୁନା, ସହ ସମ୍ପାଦକ ଭାବରେ ବିଜୟ ଡାଲି ଓ ସାନୁ ଭତ୍ରା, କୋଷାଧ୍ୟକ୍ଷ ଭାବେ ଅର୍ଜୁନ ଭତ୍ରା ଓ ଉପଦେଷ୍ଟା ଭାବେ ରାଜେନ୍ଦ୍ର ସୁନାଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉମରକୋଟ ବ୍ଲକ୍‌ର ସଂଯୋଜକ ଭାବେ ରାଜ କୁମାର ସାନ୍ତା, ରାଇଘର ସଂଯୋଜକ ଭାବେ ପ୍ରସନ୍ନ ନାୟକ, ଝରିଗାଁ ବ୍ଲକ୍ ସଂଯୋଜକ ଭାବେ ଜୟଦେବ ସାନ୍ତା ଓ ଡାବୁଗାଁ ବ୍ଲକ୍ ସଂଯୋଜକ ଭାବେ ରଘୁନାଥ କଲାର ମନୋନୀତ ହୋଇଛନ୍ତି।

## ସାଂସଦଙ୍କ କୋଟପାଡ଼ ପ୍ରତନିଧି ନିଯୁକ୍ତ

କୋଟପାଡ଼,୨୮।୭(ସମିସ): କୋଟପାଡ଼ ବ୍ଲକ୍ ଓ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାଳୟ ନିମନ୍ତେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ନିଜ ପ୍ରତନିଧି ନିଯୁକ୍ତ କରିଛନ୍ତି। କୋଟପାଡ଼ ବ୍ଲକ୍ ପ୍ରତିନିଧି ଭାବେ ଆସୁତଶ ମହାପାତ୍ର ଓ ଏନ୍‌ଏସି ପାଇଁ ପ୍ରଦୀପ କୁମାର ରଥଙ୍କୁ ନିଯୁକ୍ତ କରିଛନ୍ତି। ଆଇଟିଡିଏ ଏବଂ ଇରିଗେସନ ବିଭାଗ ପାଇଁ ଦିଲୀପ ଦାସ, ଥାନା ଏବଂ ତହସିଲ ପାଇଁ ରାମେଶ୍ୱର ଜେନା, ଉଦ୍ୟାନ ଓ କୃଷି ବିଭାଗ ପାଇଁ ସୁଶାନ୍ତ ପାଣିଗ୍ରାହୀ, ମତ୍ସ୍ୟ ଓ ପଶୁପାଳନ ବିଭାଗ ଲାଗି ସୁନୀଲ ତ୍ରିପାଠୀ, ଓଏଲଏମ, ମନରେଗା ଲାଗି କୃଷ୍ଣ ଖିଲ, ଶିକ୍ଷା, ଡିଗ୍ରୀ ମହାବିଦ୍ୟାଳୟ ଓ ବନ ବିଭାଗ ନିମନ୍ତେ ଶେଖର ଦାସ, ଗ୍ରାମ୍ୟ ଜଳ ଜଗକ୍ଷଣ ବିଭାଗ ପାଇଁ ହେମନ୍ତ କୁମାର ମାଝୀ, ଶିଳ୍ପ ବିଭାଗ ନିମନ୍ତେ ସନ୍ତୋଷାନନ୍ଦ ହୋତା (ବିଦ୍ୟା) ନିଯୁକ୍ତ ହୋଇଛନ୍ତି।

## ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବିଜ୍ଞାନ ମେଳା




ତେନ୍ତୁଳିଖୁଣ୍ଟି,୨୮।୭(ସମିସ):

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ସ୍ଥିତ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ପ୍ରାୟ ୩୩ ଗୋଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ପୀତବାସ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଦିପ୍ତିମୟୀ ସାହୁ, ସଦାଶିବ ଉଚ୍ଚ ବିଦ୍ୟାଳୟ ରସାୟନ ବିଜ୍ଞାନ ଅଧ୍ୟାପିକା ସୁଶ୍ରୀ ପ୍ରିୟଙ୍କା, ନବୋଦୟ ବିଦ୍ୟାଳୟ ଗଣିତ ଅଧ୍ୟାପକ ପି. ସୀତାରାମ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଏଥିରେ ଜବାହର ନବୋଦୟ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ସ୍ମାର୍ଟ ଟ୍ରାଫିକ୍ ଅପ୍ଟିମାଇଜେସନ୍ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏକାଦଶ ଶ୍ରେଣୀ ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଆଦ୍ର ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ନବୋଦୟ ବିଦ୍ୟାଳୟ ସପ୍ତମ ଶ୍ରେଣୀ ଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ବୁଦ୍ଧିମତା ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ଅଧ୍ୟକ୍ଷ ଡ଼ଃ ପ୍ରହରାଜ ଗୁଣାତ୍ମକ ଶିକ୍ଷାଦାନରେ ନବୋଦୟ ବିଦ୍ୟାଳୟ ଭୂମିକା ଅନନ୍ୟ ବୋଲି ପ୍ରକାଶ କରିଥିଲେ। ଇଂରାଜୀ ଅଧ୍ୟାପିକା କବିତା ରଏ ଏବଂ ରସାୟନ ବିଜ୍ଞାନ ଅଧ୍ୟାପିକା ଆସ୍ଥା ଶର୍ମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପି. ସୀତାରାମ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ବର୍ଷ ଧରି ଖଟିଆରେ ବିତୁଛି ଡୁମ୍ବ୍ରେଙ୍କ ଜୀବନ

### ଆଧାର କାର୍ଡ ନଥିବାରୁ ମିଳୁନି ଭତ୍ତା

ବନ୍ଧୁଗାଁ,୨୮।୭(ସମିସ):



କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ କାପୁଲୋଡା ପଞ୍ଚାୟତ ସଦର କତାବାଲସା ଗାଁର ବିଧବା ମହିଳା ଡୁମ୍ବ୍ରେ ଜିଲାକାରା(୫୮) ଦୁଇ ବର୍ଷ ହେବ ଖଟିଆରେ ଶୋଇ ରହିଛନ୍ତି। ଦୁଇ ବର୍ଷ ତଳେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ପାଖରେ ବଡ ଝିଅ ଆନାଲୁ ରହୁଥିବା ବେଳେ ସାନ ଝିଅ ସିନାଲୁ ବିବାହ ହୋଇ ଅଣ୍ଟାମୋଡ଼ା ଗାଁରେ ରହୁଛନ୍ତି। ଆଜକୁ ୧୮ ମାସ ତଳେ ଏକ ଅଜଣା ଗାଡ଼ି ଧକ୍କାରେ ବିଧମା ମହଳା ଡୁମ୍ବ୍ରେ ଜିଲାକାରାଙ୍କ ଅଣ୍ଟା, ଗୋଡ ଓ ହାତ ଭାଙ୍ଗି ଯାଇଥିଲା। ସେହି ଦିନରୁ ସେ ଭଙ୍ଗା କୁଡ଼ିଆ ଘର ବାରଣ୍ଡାରେ ଏକ ଖଟିଆ ଉପରେ ପଡିରହିଛନ୍ତି। ଅସହାୟ ଡୁମ୍ବ୍ରେଙ୍କ ଆଧାର କାର୍ଡ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଘର ଭିତରୁ ଖୋଲା ଆକାଶ ଦେଖା ଯାଉଛି। ବର୍ଷା ପାଣି ଗଳି କାନ୍ଥ ଭୁଷୁଡି ପଡୁଛି। ଏହି ଘର ଭିତରେ ଶୋଇବା ବହୁତ କଷ୍ଟ କର ରହିଛି। ମହିଳା ଜଣକ ସ୍ଥାନୀୟ ପଞ୍ଚାୟତ, ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନକୁ ଭତ୍ତା ଟଙ୍କା ଓ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିକ ଯୋଗାଇବା ପାଇଁ ଗଣମାଧ୍ୟମ ଜରିଆରେ ସରକାରଙ୍କୁ ଗୁହାରି କରିଛନ୍ତି। ପଞ୍ଚାୟତର ଅନେକ ବୁଦ୍ଧିଜୀବି ଏବଂ ଜନସାଧାରଣ ପ୍ରଶାସନ ଅସହାୟ ମହିଳାଙ୍କ ପାଖରେ ପହଞ୍ଚି ଉପଯୁକ୍ତ ଚିକିତ୍ସା ଯୋଗାଇବା ସହିତ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇବା ପାଇଁ ଅନୁରୋଧ କରିଛନ୍ତି।

## ଓଏସ୍‌ଆର୍‌ୟୁର ବାର୍ଷିକ ଅଧିବେଶନ




ରାୟଗଡା/୨୮।୭(ସମିସ): ଓଡ଼ିଶା ସେଲସ୍ ରିପ୍ରେଜେଣ୍ଟେଟିଭ୍ ୟୁନିୟନ (ଓଏସ୍‌ଆରୟୁ)ର ପ୍ରଥମ ବାର୍ଷିକ ଅଧିବେଶନ ରାୟଗଡା ସ୍ଥିତ ଦୁର୍ଗାପୂଜା କମିଟି ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଔଷଧର ଦରଦାମ, ଜୀବନ ରକ୍ଷା ଔଷଧ ଉପରେ ଜିଏସ୍‌ଟି ଛାଡ, କର୍ମରେ କାର୍ଯ୍ୟ ନିର୍ଘଣ୍ଟ, ସର୍ବନିମ୍ନ ଦରମା ୨୬୦୦୦(୮ଘଣ୍ଟା ନିର୍ଘଣ୍ଟ) ଉପରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଡ. ଡି.କେ.ଦେବ, ମୁଖ୍ୟ ବକ୍ତା ଡ. ଦୁଃଖିଶ୍ୟାମ ଦାସ ଯୋଗଦେଇଥିଲେ। ରାଜ୍ୟ କମିଟି ସଦସ୍ୟ ସୁବୋଧ କୁମାର ସାହୁ, ଲକ୍ଷ୍ମଣ କୁମାର ମିଶ୍ର ଯୋଗ ଦେଇ ବିଭିନ୍ନ ନିୟମ ଉପରେ ଆଲୋଚନା କରିଥିଲେ। ଶେଷରେ ନୂଆ କମିଟି ଚୟନ କରାଯାଇଥିଲା। ଏଥିରେ ସଭାପତି ପ୍ରଶାନ୍ତ କୁମାର ରାଉତ, ଉପସଭାପତି ବିଷ୍ଣୁ ସାହୁ, ସମ୍ପାଦକ ରବି କୁମାର, କୋଷାଧ୍ୟକ୍ଷ ଭାବେ କେ.ଶ୍ରୀକାନ୍ତ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ। ଶେଷରେ ସମ୍ପାଦକ ଗିରିଶ କୁମାର ଶତପଥି, ସଭାପତି ବାଲ୍ୟ ବେହେରା ଧନ୍ୟବାଦ ଦେଇଥିଲେ।

## ବାଇପାସ୍ ରାସ୍ତା ପ୍ରକଳ୍ପ ଅନୁମୋଦନ ପାଇଁ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ



କୋରାପୁଟ,୨୮।୭(ସମିସ): କୋରାପୁଟ ସହରରେ ବାଇପାସ ରାସ୍ତା ପ୍ରକଳ୍ପକୁ ଅନୁମୋଦନ କରିବାକୁ କୋରାପୁଟ ବିଧାୟକ ରଘୁରାମ ମାଛ ଦିଲ୍ଲୀ ଯାଇ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଜୟରାମ ଗଡକରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଅନୁରୋଧ କରିଛନ୍ତି। ୨୬ ନଂ ଜାତୀୟ ରାଜପଥ ଉପରେ ମେଣ୍ଡାଗୁଡ଼ାରୁ ଖରାଗୁଡ଼ା ଛକ ପର୍ଯ୍ୟନ୍ତ ବାଇପାସ ରାସ୍ତା ନିର୍ମାଣ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇବା ପାଇଁ ମଧ ସେ ଅନୁରୋଧ କରିଛନ୍ତି। ଭାରି ଯାନବାହାନ ଯାତାୟାତ ଯୋଗୁଁ ଦୁଇଟି ପୌରପାଳିକା ଅଞ୍ଚଳ ଏବଂ ଜିଲ୍ଲା ମୁଖ୍ୟାଳୟ ପ୍ରଭାବିତ ହେଉଥିବା କାରଣରୁ ଲୋକଙ୍କ ବହୁ ପ୍ରତିକ୍ଷୀତ ଦାବିକୁ ସମାଧାନ କରିବାକୁ ସେ ଉଭୟ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। କୋରାପୁଟ ବାଇପାସ ରାସ୍ତାର ନକ୍ସାକୁ ସଂଲଗ୍ନ କରି ସେ ଚିଠି ପ୍ରଦାନ କରିଛନ୍ତି। ଏହି ବାଇପାସ ରାସ୍ତା ନିର୍ମାଣ ହେଲେ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସହ କୋରାପୁଟ ଲୋକସଭା ବିଜେପି ପ୍ରାର୍ଥୀ କାଳୀରାମ ମାଝୀ ଏହି ସମୟରେ ଉପସ୍ଥିତ ଥିଲେ।

## ପେଣ୍ଡ୍ରାଣୀ ମନ୍ଦିରରେ ଚାରାରୋପଣ



ଉମରକୋଟ, ୨୮।୭(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକୋଟ ଅଧିଷ୍ଠାତ୍ରୀ ଦେବୀ ମା' ପେଣ୍ଡ୍ରାଣୀ ମନ୍ଦିର ଯାଇ ମା' ଙ୍କ ଦର୍ଶନ କରିଥିଲେ। ଏଥିସହ ଦୁଇ ମନ୍ତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣ କରିଥିଲେ। ମନ୍ତ୍ରୀଙ୍କ ସହ ନବରଙ୍ଗପୁର ବିଧାୟକ ଗୌରୀ ମାଝି, ଝରିଗାଁ ବିଧାୟକ ନରସିଂହ ଭତ୍ରା, ବିଜେପି ଜିଲ୍ଲା ସଭାପତି କୁଞ୍ଜ ଦାସ, ପୂର୍ବତନ ସାଂସଦ ପର୍ଶୁରାମ ମାଝି, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା ସଭାପତି ଗୋବିନ୍ଦ ଜୈନ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ, ସାଂସଦ ପ୍ରତିନିଧି ରାମ ନାୟକଙ୍କ ସମେତ ଶତାଧିକ ବିଜେପି କର୍ମୀ ଓ ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଉମରକୋଟ ଥାନା ଅଧିକାରୀ ରମାକାନ୍ତ ସାଏ, ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ପୌର କର୍ମଚାରୀ ଓ ଜଙ୍ଗଲ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରଶିକ୍ଷିକାଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

➤ ଆଲୋଚନା ବୈଠକକୁ ପ୍ରଶିକ୍ଷିକା ନଆସିବାରୁ ତାତିଲେ ପ୍ରଶିକ୍ଷାର୍ଥୀ

➤ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରଛାତ୍ରୀଙ୍କ ହଟ୍ଟଗୋଳ



ଜୟପୁର,୨୮।୭(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଶିକ୍ଷଣ ପ୍ରଶିକ୍ଷଣ କେନ୍ଦ୍ର (ଡିଆଇଇଟି) ଠାରେ ଜଣେ ପ୍ରଶିକ୍ଷିକା ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କୁ ବାରମ୍ବାର ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ନେଇ ଅଧକ୍ଷଙ୍କୁ ଗତ ଶନିବାର ପ୍ରଶିକ୍ଷାର୍ଥୀମାନେ ଲିଖିତ ଅଭିଯୋଗ କରିଥିଲେ। ଆଜି ଅପରାହ୍ନରେ ଘଟଣାର ସମାଧାନ ନେଇ ଆଲୋଚନା କରିବାକୁ ଅଧକ୍ଷ ରୂପଚାନ୍ଦ ସୋରେନ ଉଭୟ ଛାତ୍ରଛାତ୍ରୀ ଏବଂ କେନ୍ଦ୍ରର ସମସ୍ତ ପ୍ରଶିକ୍ଷକ, ପ୍ରଶିକ୍ଷିକାଙ୍କୁ ଡକାଇ ବୈଠକ କରିଥିଲେ। ଏଥିରେ ସମସ୍ତେ ଉପସ୍ଥିତ ରହିଥିବା ବେଳେ ଛାତ୍ରଛାତ୍ରୀମାନେ ଅଭିଯୋଗ ଆଣିଥିବା ପ୍ରଶିକ୍ଷିକା ସ୍ୱାତି ସୁଚିସ୍ମିତା ପାତ୍ର ବୈଠକକୁ ଆସିନଥିଲେ। ଅଧକ୍ଷ ଶ୍ରୀ ସୋରେନ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ସେ ଆସିନଥିବାରୁ ଅଭିଯୋଗ କରିଥିବା ଛାତ୍ରଛାତ୍ରୀମାନେ ବୈଠକ ସ୍ଥଳ କକ୍ଷରୁ ବାହାରୁ ଚାଲିଆସି ଅସନ୍ତୋଷ ପ୍ରକଟ କରିଥିଲେ। ଫଳରେ ଡିଆଇଇଟି ପରିସରରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଛାତ୍ରଛାତ୍ରୀମାନେ ଉକ୍ତ ପ୍ରଶିକ୍ଷିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ରାତି ୯ ଟା ପର୍ଯ୍ୟନ୍ତ ପରିସରରେ ଉତ୍ତେଜନା ଲାଗି ରହିଥିବା ବେଳେ ଅଧକ୍ଷ ଶ୍ରୀ ସୋରେନ ଏବଂ ଅନ୍ୟାନ୍ୟ ପ୍ରଶିକ୍ଷକ, ପ୍ରଶିକ୍ଷିକାମାନେ ଛାତ୍ରଛାତ୍ରୀଙ୍କୁ ବୁଝାଉଥିବା ଦେଖିବାକୁ ମିଳିଛି। ଶ୍ରୀମତୀ ପାତ୍ର ଛାତ୍ରଛାତ୍ରୀଙ୍କୁ ବାରମ୍ବାର ଶ୍ରେଣୀରେ ଅପମାନିତ କରିବା ସହ ପ୍ରାକ୍ଟିକାଲ ଏବଂ ଇଣ୍ଟରନାଲ ପରୀକ୍ଷାରେ ମାର୍କ କାଟିବା ନେଇ ଧମକ ଦେଉଥିଲେ। ଅଶ୍ଳୀଳ ଏବଂ ଅପମାନ ଜନିତ ଭାଷା ବ୍ୟବହାର କରିବା ସହ ଗାଳିଗୁଲଜ କରୁଥିଲେ। ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ ୱାଟ୍ସଅପ୍ ଗ୍ରୁପ୍ ରହିଥିଲେ ସୁଦ୍ଧା ପ୍ରଶିକ୍ଷିକା ନିଜ ପକ୍ଷରୁ ଏକ ଗ୍ରୁପ କରିବା ସହ ମେସେଜ ମାଧ୍ୟମରେ ଗାଳିଗୁଲଜ ଏବଂ ବିଳମ୍ବିତ ରାତିରେ ମେସଜ କରୁଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ପରୀକ୍ଷା ପାଇଁ ଫର୍ମ ପୂରଣ କରିବାକୁ ଦେବେ ନାହିଁ ବୋଲି ଚେତାବନୀ ଦେଉଛନ୍ତି। ତେଣୁ ଛାତ୍ରଛାତ୍ରୀମାନେ ମାନସିକ ନିର୍ଯାତନା ଦେଉଥିବା ଉକ୍ତ ପ୍ରଶିକ୍ଷିକାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଅନ୍ୟଥା ଜିଲ୍ଲାପାଳ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ, ସଚିବ ଏବଂ ମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ଅଧକ୍ଷ ଶ୍ରୀ ସୋରେନ କହିଛନ୍ତି ଯେ, ସମସ୍ୟାର ସମାଧାନ ନେଇ ବୈଠକ ଡକାଯାଇଥିଲା, କିନ୍ତୁ ଉକ୍ତ ପ୍ରଶିକ୍ଷିକା ଶ୍ରୀମତୀ ପାତ୍ର ସହଯୋଗ କରୁନାହାଁନ୍ତି। ତେଣୁ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ପ୍ରଶିକ୍ଷିକାଙ୍କ ବିରୋଧରେ ପୂର୍ବରୁ ମଧ ଅଭିଯୋଗ ହୋଇଛି, ଏବଂ ସେ ଅଧକ୍ଷଙ୍କ କଥାକୁ ଅବଜ୍ଞା କରୁଥିବା ନେଇ ପୂର୍ବରୁ ଅଧକ୍ଷ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛନ୍ତି।

## ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

କୋରାପୁଟ,୨୮।୭(ସମିସ): ଜଣେ ନାବାଳିକାକୁ ଅପହରଣ କରି ଦୁଷ୍କର୍ମ କରିବା ଅଭିଯୋଗରେ ଟାଉନଥାନା ପୁଲିସ ଅଭିଯୁକ୍ତ ସୁଶିଲ ହରିଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, କୋରାପୁଟ ପୂଜାରିପୁଟ ବେବର୍ତ୍ତା କଲୋନୀର ଅଭିଯୁକ୍ତ ସୁଶିଲ ହରିଜନ ୨୬ ତାରିଖ ରାତିରେ ପୂଜାରୀପୁଟର ଜଣେ ନାବାଳିକାକୁ ଅପହରଣ କରି ନେଇ ଏକ କାର ଭିତରେ ରାତି ସାରା ଶାରିରୀକ ସମ୍ପର୍କ ରଖିଥିଲା। ପରଦିନ ନାବାଳିକାର ପିତାମାତା ଟାଉନ ଥାନାରେ ଏତଲା ଦେବା ପରେ ପୁଲିସ ଛାନଭିନ କରି ପୀଡ଼ିତା ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା। ଅଭିଯୁକ୍ତ ସୁଶିଲ ହରିଜନକୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ସେ ବ୍ୟବହାର କରିଥିବା କାର୍ ଜବତ କରାଯାଇଛି। ସବ୍ ଇନ୍ସପେକ୍ଟର ରଞ୍ଜିତ ମିଶ୍ର ଘଟଣାର ତଦନ୍ତ କରୁଛନ୍ତି।

● ନାବାଳିକା ୬ ମାସର ଗର୍ଭବତୀ!

## ଲୋକ ଲଜ୍ଜାକୁ ଡରି ପ୍ରେମିକ ଘରେ ଝିଅକୁ ଛାଡ଼ିଲେ ବାପା ମାଆ

ବନ୍ଧୁଗାଁ,୨୮।୭(ସମିସ): ବନ୍ଧୁଗାଁ ବ୍ଲକ୍ କମ୍ବୁଗଣ୍ଡା ପଞ୍ଚାୟତ ବଡମାଥୁର ଗ୍ରାମରେ ଜଣେ ୧୫ ବର୍ଷର ନାବାଳିକା ୬ ମାସର ଗର୍ଭବତୀ ହୋଇଥିବାବେଳେ ଲୋକ ଲାଜ୍ୟାରୁ ବଞ୍ଚିବାକୁ ପୀଡ଼ିତାର ବାପା ମା ଝିଅକୁ ନେଇ ତାର ନାବାଳକ ପ୍ରେମିକ ଘରେ ଛାଡ଼ି ଦେଇଛନ୍ତି। ସୂଚନାନୁଯାୟୀ, ୧୫ ବର୍ଷୀୟା ନାବାଳିକା କମ୍ବୁଗଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ତିନି ମାସ ପୂର୍ବରୁ ନାବାଳିକା ଜଣକ ଉକ୍ତ ସ୍କୁଲରୁ ସାର୍ଟିଫିକେଟ ନେଇ ଆସି ବନ୍ଧୁଗାଁ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ନବମ ଶ୍ରେଣୀରେ ନାମ ଲେଖାଇ ହଷ୍ଟେଲରେ ରହି ପଢୁଥିଲେ। ଏହା ମଧରେ ଛାତ୍ରୀ ଜଣକ ୬ ମାସର ଗର୍ଭବତୀ ହୋଇଥିବା ଜଣାପଡ଼ିଥିଲା। ଝିଅ ଗର୍ଭବତୀ ଥିବା ବାପା ମାଆ ଜାଣିବା ପରେ ସେମାନେ ଝିଅକୁ ନେଇ କୁମ୍ଭାରିପୁଟ ପଞ୍ଚାୟତ କୁପାଖାଲ ଗାଁରେ ଥିବା ନାବାଳିକାର ପ୍ରେମିକ ଘରେ ଛାଡ଼ିଥିବା ଜଣାପଡ଼ିଛି। ନାବାଳିକାଙ୍କ ପ୍ରେମିକ ବର୍ତ୍ତମାନ କୁମ୍ଭାରିପୁଟ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ୨ୟ ବର୍ଷର ଛାତ୍ର ଥିବା ଜଣାପଡ଼ିଛି। ତେବେ ଆଧାର କାର୍ଡ ପ୍ରକାରେ ଛାତ୍ରୀ ଜଣକ ପ୍ରାପ୍ତ ବୟସ୍କ ହୋଇ ନଥିବାବେଳେ ଗର୍ଭବତୀ ହେବା ଶୁଣି ବାପା ମାଆ ଲୋକଲୋଜ୍ୟା ଠାରୁ ଦୂରେଇ ରହିବା ପାଇଁ ନୀରବ ରହି ନାବାଳିକାଙ୍କୁ ତାଙ୍କ ପ୍ରେମିକଙ୍କ ଘରେ ଛାଡିଥିବା ସିଡିପିଓ ଗୀତାଞ୍ଜଳୀ ମହାରଣା କହିଛନ୍ତି। ସୂଚନାଯୋଗ୍ୟ, ନାବାଳିକା ଜଣକ ଗତ ନଭେମ୍ବର ୬ ତାରିଖ ଠାରୁ ଜାନୁଆରୀ ୬ ପର୍ଯ୍ୟନ୍ତ ବିଦ୍ୟାଳୟରେ ୩ ମାସ ଅନୁପସ୍ଥିତ ରହିଥିବା ପରେ କମ୍ବୁଗଣ୍ଡା ବିଦ୍ୟାଳୟରୁ ନିଜ ସାର୍ଟିଫିକେଟ ଆଣି ବନ୍ଧୁଗାଁ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ନାମ ଲେଖାଇଥିଲେ। ତେବେ ଏନେଇ ବନ୍ଧୁଗାଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇ ନପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ନୂତନ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଦାୟିତ୍ୱଗ୍ରହଣ



ନବରଙ୍ଗପୁର,୨୮।୭(ସମିସ): ନବରଙ୍ଗପୁର ଜିଲ୍ଲାରେ ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଡ. ମହେଶ୍ୱର ସ୍ୱାଇଁ। ନବରଙ୍ଗପୁର ଜିଲ୍ଲାପାଳ ଡ. ଶୁରଙ୍କର ମହାପାତ୍ରଙ୍କ ସୁନ୍ଦରଗଡ଼ ଜିଲ୍ଲାକୁ ବଦଳି ହୋଇଛି। ରାଜ୍ୟ ସରକାରଙ୍କ ପଞ୍ଚାୟତ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଉଥିବା ଡ. ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଅବସ୍ଥାପିତ କରାଯାଇଛି। ସେ ଆଜି ଦାୟିତ୍ୱ ଗ୍ରହଣ କରିବା ପରେ ଜିଲ୍ଲାର ଅନ୍ୟ ଅଧିକାରୀ ଓ କର୍ମଚାରୀ ଡ. ମହେଶ୍ୱର ସ୍ୱାଇଁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଜିଲ୍ଲାର ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ନିଖୋଜ ନାବାଳକର ମୃତଦେହ ଉଦ୍ଧାର

କୋରାପୁଟ,୨୮।୭(ସମିସ): କୋରାପୁଟ ଟାଉନ ଥାନା ଅନ୍ତର୍ଗତ ରଙ୍ଗବାଲିକୁମ୍ଭା ବଡନାୟକ ସାହିର ନିଖୋଜ ଥିବା ୧୧ ବର୍ଷୀୟ ନାବାଳକ ପିଣ୍ଟୁ ଜାନିର ଝୁଲନ୍ତା ମୃତଦେହ ଗାଁ ନିକଟସ୍ଥ ନାଳରୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ପୁଲିସ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି। କେସ ନମ୍ବର ୧୫୫/୨୫ ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରଖିଛି ଟାଉନ ଥାନା ପୁଲିସ। ପ୍ରାଥମିକ ଭାବେ ଶିଶୁଟି ଆତ୍ମହତ୍ୟା କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ଶନିବାର ଦିନ ମୃତ ନାବାଳକ ପିଣ୍ଟୁ ଜାନି ପାନ ଘୁଟୁକା ଖାଉଥିବା ଦେଖି ବଡ଼ ଭାଇ ବାବୁଲୁ ଜାନୀ ସାନ ଭାଇକୁ ଭୟଭୀତ କରିବାକୁ ବାପାଙ୍କୁ କହିଦେବି ବୋଲି କହି ପକେଟରେ ରଖିଥିବା ଆଉ ଗୋଟେ ଗୁଟୁଖା ଛଡେଇ ନେଇଯାଇଥିଲା। ଏହାପରେ ପିଲାଟି ଘରକୁ ନ ଯାଇ ଗତ ୨୬ ତାରିଖ ଦିନ ସଂଧ୍ୟା ୫ ଟା ୩୦ରୁ ନିଖୋଜ ହୋଇଯାଇଥିଲେ। ଶିଶୁଙ୍କ ବାପା ମାଧବ ଜାନି ୨୭ ତାରିଖ ଦିନ କୋରାପୁଟ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଗାଁ ନିକଟସ୍ଥ ଏକ ନାଳ କଡରୁ ଝୁଲନ୍ତା ଅବସ୍ଥାରେ ନାବାଳକର ଶବକୁ ପୁଲିସ ଉଦ୍ଧାର କରିଥିଲା।

## ଶିକ୍ଷୟିତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ କ୍ରୀଡ଼ା ଶିକ୍ଷକ ଗିରଫ

ଜୟପୁର,୨୮।୭(ସମିସ): ଜୟପୁର ସ୍ଥିତ ଏକ ମହାବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀଙ୍କୁ ଉକ୍ତ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ନିର୍ଯ୍ୟାତନା ଦେଉଥିବା ସହ ତାଙ୍କ ସହ ଶାରରୀକ ସମ୍ପର୍କ ରଖିବାକୁ ବାଧ କରୁଥିବା ଅଭିଯୋଗରେ ଟାଉନ ପୁଲିସ ଅଭିଯୁକ୍ତ କ୍ରୀଡା ଶିକ୍ଷକ କେଦାର କୁମାର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପୁଲିସର ସୂଚନା ଅନୁଯାୟୀ, ଗତ କିଛି ଦିନ ହେଲା ଶିକ୍ଷୟିତ୍ରୀ ଜଣକଙ୍କୁ କ୍ରୀଡ଼ା ଶିକ୍ଷକ କେଦାର ଅଶ୍ଳୀଳ ମେସେଜ ପଠାଇବା ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରୁଥିବା ନେଇ ଟାଉନଥାନାରେ ଶିକ୍ଷୟିତ୍ରୀ ଲିଖିତ ଅଭିଯୋଗ କରିଥିଲେ। ଏପରି ଟାଉନ ଥାନା ପୁଲିସ ଉଭୟଙ୍କ ଫୋନର ୱାଟସଆପ ଏବଂ ଅନ୍ୟାନ୍ୟ ଆପ୍ ଯାଞ୍ଚ କରିଥିଲେ। କିନ୍ତୁ ରାଜ୍ୟରେ ନାରୀ ନିର୍ଯାତନା ନେଇ ସରକାର ଏବଂ ପୁଲିସ ବଦନାମ ହେଉଥିବା ନେଇ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ନାବାଳିକାଙ୍କୁ ଦୁଷ୍କର୍ମ ମାମଲା: ଦୁଷ୍କର୍ମକାରୀ ଗିରଫ



ବାଲିମେଳା,୨୮।୭(ସମିସ): ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅନ୍ତର୍ଗତ ଜଣେ ନାବାଳିକା ଦୁଷ୍କର୍ମର ଶିକାର ହୋଇଥିବା ନେଇ ଶନିବାର ଏକ ମାମଲା ରୁଜୁ ହୋଇଥିବା ବେଳେ ଓରକେଲ ପୁଲିସ ୨୪ ଘଣ୍ଟା ମଧରେ ତତ୍ପରତା ଦେଖାଇ ଫେରାର ଥିବା ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଦୁଷ୍କର୍ମକାରୀ ଜଣଙ୍କ ଗତ ଗୁରୁବାର ଠାରୁ ଫେରାର ରହିଥିବା ବେଳେ ସେ ମାଲକାନଗିରି ଥାନା ଅନ୍ତର୍ଗତ ମାଛିଆମ୍ବ ଅଞ୍ଚଳରେ ଲୁଚି ରହିଥିବା ଓରକେଲ ଥାନାଧିକାରୀ ଧୀରେନ ପଟ୍ଟନାୟକ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ସେ ନିଜେ ସଦଳେ ଏକ ଟିମ୍ ନେଇ ଦୁଷ୍କର୍ମକାରୀକୁ ଉକ୍ତ ମାଛିଆମ୍ବ ଅଞ୍ଚଳରୁ ଗିରଫ କରି ସମ୍ପୂର୍ଣ ଜେରା କରାଯାଇ ଆଜି କୋର୍ଟ ଚାଲାଣ କରିଛି। ତାଙ୍କ ନାମ ଦୟାନିଧି ମାଡ଼ି(୫୦) ଏବଂ ସେ କୁଡୁମୁଲୁଗୁମ୍ମା ଫାଣ୍ଡି ଅନ୍ତର୍ଗତ ସିରିପେଟା ଗ୍ରାମର ବୋଲି ଥାନାଧିକାରୀ ଶ୍ରୀ ପଟ୍ଟନାୟକ କହିଛନ୍ତି।

## ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଏମିଭି-୭୯,(ସମିସ)୨୮।୭: ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି-୭୯ ସ୍ଥିତ ଡ. ଶ୍ୟାମା ପ୍ରସାଦ ଉଚ୍ଚ ମାଧମିକ ବିଦ୍ୟାଳୟର ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ସଭାକୁ ଅଧକ୍ଷ ପ୍ରଦୀପ୍ତ କୁମାର ମିଶ୍ର ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମେଘନାଥ ବେହେରା, ରବି ଶଙ୍କର ବାରିକ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବସନ୍ତ କୁମାର ବିଶ୍ୱାଳ, ଲୋକନାଥ ମହାକୁଡ଼, ପୂର୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଇଂରାଜୀ ଅଧାପକ ବସନ୍ତ କୁମାର ବିଶ୍ୱାଳ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଜୟପୁର,୨୮।୭(ସମିସ): ବିବାହର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ନୂଆସାହି ୪ର୍ଥ ଲାଇନର ସୁଶାନ୍ତ ପୁଜାରୀ(୩୩)। ଟାଉନଥାନା ପୁଲିସ ସୂଚନା ଅନୁଯାୟୀ, ଗତ କିଛି ଦିନ ପୂର୍ବରୁ ଅଭିଯୁକ୍ତ ସୁଶାନ୍ତ ସ୍ଥାନୀୟ ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇବା ସହ ଜୋରଜବରଦସ୍ତ ଶାରିରୀକ ସମ୍ପର୍କ ରଖୁଥିଲେ। ଶେଷରେ ଯୁବତୀ ଜଣକ ବିବାହ କରିବାକୁ ବାଧ କରିବା ପରେ ଯୁବକ ମନା କରି ଦେଇଥିଲେ। ଏନେଇ ଯୁବତୀ ଜଣକ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କ୍ରମେ ଟାଉନଥାନା ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଏସ.ଆଇ ମନିଷା ସାହୁ ପ୍ରକାଶ କରିଛନ୍ତି।

## କୋରାପୁଟ ଜିଲ୍ଲାପାଳ ଭାବେ ମନୋଜ ମହାଜନଙ୍କ ଦାୟିତ୍ୱ ଗ୍ରହଣ



କୋରାପୁଟ,୨୮।୭(ସମିସ): ଭାରତୀୟ ପ୍ରଶାସନିକ ସେବାର ଯୁବ ଅଧିକାରୀ ମନୋଜ ସତ୍ୟବାନ ମହାଜନ ସୋମବାର କୋରାପୁଟ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ପୁଷ୍ପଗୁଚ୍ଛ ଦେଇ ନବାଗତ ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ। ଏଥିପୂର୍ବରୁ ସେ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଯୋଗଦେବା ପରେ ଜିଲ୍ଲାରେ ଚାଲିଥିବା ସମସ୍ତ ବିକାଶ ମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଅବଲମ୍ବନ ସହ ସରକାରଙ୍କ ବିଭିନ୍ନ ଜଣକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ରହିବ। ଜନସାଧାରଣଙ୍କ ନିକଟରୁ ଆସୁଥିବା ଅଭିଯୋଗଗୁଡିକ ତୁରନ୍ତ ସମାଧାନ କରିବାରେ ପ୍ରାଥମିକତା ରହିବ ବୋଲି କହିଥିଲେ। ବିଭିନ୍ନ ବିକାଶମୂଳକ ଯୋଜନା ଯେପରି ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ଏହା ଉପରେ ଅଧିକ ଫୋକସ ରହିବ। ଜିଲ୍ଲାରେ ଚାଲୁଥିବା ପ୍ରକଳ୍ପ ଗୁଡିକ ଯେପରି ସଠିକ ସମୟରେ ଶେଷ ହେବ ସେଥିପ୍ରତି ପ୍ରାଧାନ୍ୟ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

### ଅନିୟମିତତା ଅଭିଯୋଗ

## ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ଠୁକିଲେ ଗ୍ରାମବାସୀ



ବୈପାରୀଗୁଡ଼ା,୨୮।୭(ସମିସ)

ବୈପାରିଗୁଡ଼ା ବ୍ଲକ୍ ଚିପାକୁର ପଞ୍ଚାୟତର ଝଡିଗୁଡା ଅଙ୍ଗନବାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗକୁ ନେଇ କେନ୍ଦ୍ରରେ ତାଲା ଠୁକିଲେ ଗାଁ ଲୋକେ। ନିୟମିତ କେନ୍ଦ୍ର ଖୋଲିବା ଏବଂ ବିଭିନ୍ନ ପୁଷ୍ଟିକର ଖାଦ୍ୟ ବଣ୍ଟନ କଲେ ଯାଇ କେନ୍ଦ୍ର ଖୋଲାଯିବ ବୋଲି ଚେତାବନୀ ଦେଇଛନ୍ତି ଗାଁ ଲୋକେ। ଗାଁ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଝଡିଗୁଡା ଗ୍ରାମର ଅଙ୍ଗନବାଡ଼ି କର୍ମୀ ନିୟମିତ କେନ୍ଦ୍ରକୁ ଆସୁନନାହାନ୍ତି ଏବଂ କୋମଳମତି ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ନ କରିବା ସହ ପ୍ରାକ୍ ଶିକ୍ଷା ପ୍ରଦାନ କରାଯାଉନାହିଁ। ଅଙ୍ଗନବାଡ଼ି କର୍ମୀ ସପ୍ତାହରେ ଦୁଇ ତିନି ଦିନ ଆସନ୍ତି। ତିନି ମାସ ଧରି ଶିଶୁମାନଙ୍କ ନିମନ୍ତେ ଆସୁଥିବା ଅଣ୍ଡା ପ୍ରଦାନ କରିନଥିବା। ଗର୍ଭବତୀ ମହିଳାଙ୍କୁ ଅଣ୍ଡା ଛତୁଆ ବଣ୍ଟନ କରୁନଥିବା ଅଭିଯୋଗ କରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରର ଷ୍ଟୋର ରୁମରେ ରଖାଯାଇଥିବା ଛତୁଆରେ ପୋକ ବାହାରୁଥିବା ଦେଖିବାକୁ ମିଳିଥିଲା। ଷ୍ଟୋର ରୁମରେ ମାର୍ଚ୍ଚ, ଏପ୍ରିଲ, ମେ ଏବଂ ଜୁନ ମାସର ଛତୁଆ ପ୍ୟାକେଟ୍ ଥିବା ଜଣାପଡିଥିଲା। ଏସଂପର୍କରେ ସଂପୃକ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ପଚାରିବାରୁ ସେ ସପ୍ତାହକୁ ଦୁଇରୁ ତିନି ଦିନ କେନ୍ଦ୍ରକୁ ଆସୁଥିବା ସ୍ୱୀକାର କରିଛନ୍ତି। ଏଥିସହ ତିନି ମାସର ଅଣ୍ଡା ମଧ ଗର୍ଭବତୀ, ପ୍ରସୂତି ଏବଂ ପିଲାମାନଙ୍କୁ ଦିଆଯାଇନଥିବା ପ୍ରକାଶ କରିଥିଲେ। ଗ୍ରାମବାସୀମାନେ ବାରମ୍ବାର ଅଙ୍ଗନବାଡ଼ି କର୍ମୀଙ୍କୁ ନିୟମିତ କେନ୍ଦ୍ରକୁ ଆସିବା ପାଇଁ ଅନୁରୋଧ କରିଥିଲେ। ଏ ସଂପର୍କରେ ସ୍ଥାନୀୟ ଅଙ୍ଗନବାଡ଼ି ସୁପରଭାଇଜରଙ୍କୁ ମଧ ଜଣେଇଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ, ଅଙ୍ଗନବାଡ଼ି କର୍ମୀଙ୍କୁ ୪ ଥର ସୁଯୋଗ ଦିଆଯାଇଛି, କିନ୍ତୁ ସେ ତାଙ୍କ କାର୍ଯ୍ୟରେ ଅବହେଳା କରିଥିବାରୁ ଆଜି ବାଧ ହୋଇ ଗ୍ରାମବାସୀ ମିଶି ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଥିବା କହିଛନ୍ତି। ସିଡ଼ିପିଓ ଏବଂ ସୁପରଭାଇଜର ଝଡିଗୁଡା ଗ୍ରାମରେ ପହଞ୍ଚି ସମସ୍ୟାର ସମାଧାନ ନ କରନ୍ତି ତେବେ କେନ୍ଦ୍ରରେ ତାଲା ଝୁଲି ରହିବ ବୋଲି ଚେତାବନୀ ଦେଇଛନ୍ତି। ଏ ସଂପର୍କରେ ସିଡ଼ିପିଓ ସବିତା ବ୍ରହ୍ମାଙ୍କୁ ପଚାରିବାରୁ ଝଡିଗୁଡା ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

## ଗୁପ୍ତେଶ୍ୱରପୀଠରେ କାଉଡିଆଙ୍କୁ ସେବା ଯୋଗାଉଛନ୍ତି ଇନ୍ଦ୍ରାବତୀ ଯୁବଗୋଷ୍ଠୀ



ତେନ୍ତୁଲିଖୁଣ୍ଟି,୨୮।୭(ସମିସ):

ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରମୁଖ ଶୈବପୀଠ ଗୁପ୍ତେଶ୍ୱର ଠାରେ ଜଳାଭିଷେକ ତଥା ମହାଦେବଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ସେବା ପାଇଁ ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀରୁ ଯାଇ ସେବା ଯୋଗାଉଛନ୍ତି ଇନ୍ଦ୍ରାବତୀ ଯୁବଗୋଷ୍ଠୀ। ମହାଦେବଙ୍କୁ ଜଳାଭିଷେକ ପାଇଁ ଆସୁଥିବା ବୋଲବମ ଭକ୍ତ ଏବଂ ମହାଦେବଙ୍କ ଦର୍ଶନ ପାଇଁ ଆସୁଥିବା ସାଧାରଣ ଭକ୍ତଙ୍କ ସେବା ରେ ମଧ ମହାଦେବ ଙ୍କ କୃପା ଲାଭ ହେଉଥିବା ବିଶ୍ୱାସ ନେଇ ଇନ୍ଦ୍ରାବତୀ ଯୁବଗୋଷ୍ଠୀ ବିଗତ ତିନି ବର୍ଷ ହେବ ଗୁପ୍ତେଶ୍ୱର ଶୈବ ପୀଠକୁ ଯାଇ ଭକ୍ତଙ୍କ ପାଇଁ ବିନା ପିଆଜ ରସୁଣରେ ଜଳଖିଆ ପ୍ରସ୍ତୁତ କରି ବଣ୍ଟନ କରୁଛନ୍ତି। ଯୁବଗୋଷ୍ଠୀଙ୍କ ଏହିଭଳି ସେବା ମନବୃତିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଏହି ସେବା କାର୍ଯ୍ୟରେ ଇନ୍ଦ୍ରାବତୀର ରବି ପାତ୍ର, ସମୀର ପଣ୍ଡା, କିସାନ ମହାନ୍ତି, ଜଗା ପାଣିଗ୍ରାହୀ, ବାପି ପ୍ରଧାନ, ସୋନୁ ତ୍ରିପାଠୀ, ସୁପ୍ଳବ ବାଲା, ବିଜୟ କୁମାର ବିଶୋଇ, ମହେନ୍ଦ୍ର ସାହୁ, ମିଳନ ବଡତିଆ, ସୁବ୍ରତ ପାଣିଗ୍ରାହୀ, ବାପି ନାହାକ ପ୍ରମୁଖ ସାମିଲ ରହିଥିଲେ।

ସକାଳ
THE SAKALA



## ପୁରୀରେ ଚାଷୀଙ୍କ ଟ୍ରାକ୍ଟର୍ ଶୋଭାଯାତ୍ରା

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଗର୍ଜିଲେ; ଆମ ଧାନ କିଣ ସରକାର





ପୁରୀ/ବ୍ରହ୍ମଗିରି,୨୮।୭(ସମିସ): "ସରକାର ଆମ ଧାନ କିଣ। ଚାଷୀଙ୍କୁ ସବୁପ୍ରକାର ସୁବିଧା ଦେବ କହିଥିଲ, ହେଲେ ଧାନକିଣାରେ ଠକିଦେଲ। ଧାର୍ଯ୍ୟ ପରିମାଣର ଧାନ ଉଠିଲା ନାହିଁ। ହେ! ସରକାର କୁଆଡ଼େ ଗଲା ଆପଣଙ୍କ ଚାଷୀ ଓ ଚାଷ ପ୍ରୀତି। ଆଜି ଧାନର ଅଭାବୀ ବିକ୍ରି ନେଇ ଚାଷୀକୁଳ କାନ୍ଦୁଛି। ରବି ଋତୁରେ ଧାନ ଟୋକନ ପାଇ ମଧ୍ୟ ୫୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ସରକାର ଏହାର ଜବାବ ଦିଅ। ନଚେତ୍ ରାଜରାସ୍ତାରେ ଆନ୍ଦୋଳନ ହେବ।" ବ୍ରହ୍ମଗିରିରୁ ପ୍ରାୟ ୭୫ରୁ ଊର୍ଦ୍ଧ୍ୱ ଟ୍ରାକ୍ଟରରେ ଆସିଥିବା ଶହଶହ ଚାଷୀ ଆଜି ପୁରୀରେ ଗର୍ଜିବା ସହ ଏପରି ଚେତାବନୀ ଦେଇଛନ୍ତି। ଏହି ଅବସରରେ ଚାଷୀମାନେ ମୁଣ୍ଡରେ ଧାନବସ୍ତା ରଖି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ପରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମାଙ୍କ ନେତୃତ୍ୱରେ ଚାଷୀ ପ୍ରତିନିଧି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ।

ଏହି ବିଶାଳ ଚାଷୀ ଆନ୍ଦୋଳନରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାସବର୍ମା କହିଛନ୍ତି, ବ୍ରହ୍ମଗିରି ହେଉଛି ଏକ କୃଷି ପ୍ରଧାନ ଅଞ୍ଚଳ। ବ୍ରହ୍ମଗିରିରେ ପ୍ରାୟ ୭୦ପ୍ରତିଶତ ଲୋକ ଧାନ ଚାଷ ଉପରେ ନିର୍ଭର କରନ୍ତି। ଗତ ରବି ଋତୁରେ ଚାଷୀମାନଙ୍କର ସମସ୍ତ ବଳକା ଧାନ କିଣିବା ପାଇଁ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା। ଚାଷୀମାନେ ସେହି ଅନୁସାରେ ସମସ୍ତ ସେବା ସମବାୟ ସମିତିରେ ସରକାରୀ ନିୟମ ମୁତାବକ ପଞ୍ଜୀକରଣ କରିଥିଲେ। କିନ୍ତୁ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ସେବା ସମବାୟ ସମିତିଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ଟାର୍ଗେଟ୍ ନଦେଇ ଚାଷୀଙ୍କ ସହ ଖେଳ ଖେଳିଲେ ଏବଂ ଯାହା ଟାର୍ଗେଟ ଦିଆଯାଇଥିଲା ତାହା ବିଭିନ୍ନ ପର୍ଯ୍ୟାୟରେ ଦିଆଗଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଚିନ୍ତାଜନକ ବିଷୟ, ଧାନ ସଂଗ୍ରହ ଅବଧି ଜୁନ୍ ୩୦ ତାରିଖ ରାତି ୧୨ଟାରେ ଶେଷ ହେଉଥିବା ବେଳେ ରାତି ୯ଟା ୪୫ ମିନିଟ୍ ସମୟରେ ବ୍ରହ୍ମଗିରି ଏବଂ ପୁରୀ ସଦର ବ୍ଲକର ସମସ୍ତ ପ୍ରାଥମିକ ସେବା ସମବାୟ ସମିତିକୁ ଟାର୍ଗେଟ୍ ପ୍ରଦାନ କରାଗଲା। ଫଳରେ ସମସ୍ତ ପଞ୍ଜିକୃତ ହୋଇଥିବା ଚାଷୀ ଭାଇମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହିତ ଏକ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ତ୍ତମାନ ସୁଦ୍ଧା ପଞ୍ଜିକୃତ କରିଥିବା ପ୍ରାୟ ୫୦ପ୍ରତିଶତ ଚାଷୀ ନିଜର ଉତ୍ପାଦିତ ଧାନ ସରକାରୀ ବ୍ୟବସ୍ଥାରେ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ଯେତିକି ଟାର୍ଗେଟ ଦେଲେ ତାହାକୁ ମିଲରମାନେ ଠିକ୍ ସମୟରେ ନ ଉଠେଇବାରୁ ଚାଷୀମାନେ ପାଇଥିବା ଟୋକନ ଲାପ୍ସ ହେଲା।

ଏ ବାବଦରେ ବ୍ରହ୍ମଗିରିର ସମସ୍ତ ଚାଷୀକୁଳ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। ଏହି ସମୟରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ବ୍ରହ୍ମଗିରି ଆସି ବିଭିନ୍ନ ମଣ୍ଡି ପରିଦର୍ଶନ କରି ଚାଷୀମାନଙ୍କର ସମସ୍ତ ବଳକା ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଇ ମଣ୍ଡିରେ ଧାନ ଥୋଇ ଏ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ସମ୍ବେଦନହୀନ ସରକାର ପ୍ରତିଶ୍ରୁତି ମୁତାବକ ଧାନ କିଣିଲେ ନାହିଁ। ଫଳରେ ବ୍ରହ୍ମଗିରିର ହଜାରହଜାର ଚାଷୀ କ୍ଷତିଗ୍ରସ୍ତ ହେବା ସହ ମଣ୍ଡିରେ ଧାନ ରଖି କାନ୍ଦୁଛନ୍ତି। ଚାଷୀଙ୍କର ସମସ୍ତ ସ୍ୱପ୍ନ ଧୂଳିସାତ୍ ହୋଇଛି, ତାଙ୍କର ଗଚ୍ଛିତ ଧାନକୁ କ'ଣ କରିବେ ସେ ନେଇ ଗଭୀର ଚିନ୍ତାରେ ପଡ଼ିଛନ୍ତି।

ଏହି ଅବସରରେ ଶ୍ରୀ ଦାସବର୍ମା ଜିଲ୍ଲାପାଳଙ୍କ ନିକଟରେ ୩ ଦଫା ଦାବି ରଖିଥିଲେ। ସେଗୁଡ଼ିକ ମଧ୍ୟରେ ଚାଷୀମାନଙ୍କର ପଞ୍ଜୀକରଣ ମୁତାବକ ସମସ୍ତ ଧାନ କିଣାଯାଉ ନଚେତ୍ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ଖରିଫ ଧାନ କ୍ରୟ କରିବା ପାଇଁ ନୂଆ ପଞ୍ଜୀକରଣ ପଲିସିକୁ ବାତିଲ କରି ପୁରୁଣା ପଦ୍ଧତିରେ ଧାନ କ୍ରୟ ଏବଂ ବ୍ରହ୍ମଗିରିର ସମସ୍ତ କେନାଲ ଓ ନଦୀ ସଫେଇ ସହିତ ରାଜଦଳ ମୁକ୍ତ କରାଯାଉ। ଅନ୍ୟପକ୍ଷରେ ଜିଲ୍ଲାପାଳ ସମସ୍ତ ପ୍ରସଙ୍ଗ ଶୁଣି ଦାବିଗୁଡ଼ିକ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏହି ବିକ୍ଷୋଭରେ ବ୍ରହ୍ମଗିରି ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ୍ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜମ୍ବେଶ୍ୱର ସାହୁ, ପୁରୀ ସଦର ବ୍ଲକ୍ ଉପାଧ୍ୟକ୍ଷଙ୍କ ପ୍ରତିନିଧି ନିରଞ୍ଜନ ପରିଡ଼ା, ଭାଇଲପୁର ସମିତିସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ସରପଞ୍ଚ ରମେଶ ପ୍ରଧାନ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଷଡ଼ଙ୍ଗୀ, ଚାଷୀ ନେତା ଭଗବାନ ନାୟକ, ପ୍ରଫୁଲ୍ଲ ଜେନା, ସୁର ପ୍ରସାଦ ମହାନ୍ତି, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଯୁଧିଷ୍ଠିର ନାୟକଙ୍କ ସମେତ ହଜାର ହଜାର ଚାଷୀ ଉପସ୍ଥିତ ଥିଲେ।

# ବସ୍ ଧକ୍କାରେ ୨ ଯୁବକ ମୃତ

## ଗୋରେଖନାଥ ଦର୍ଶନ ସାରି ଫେରୁଥିଲେ

ଜଗତସିଂହପୁର/ନାଉଗାଁ, ୨୮।୭ (ସମିସ): ଗୋରେଖନାଥଙ୍କ ଦର୍ଶନ ସାରି ଫେରୁଥିଲେ। ବସ୍ ଧକ୍କାରେ ଚାଲିଗଲା ଜୀବନ। ଜଗତସିଂପୁର ଜିଲ୍ଲା ନାଉଗାଁ ବ୍ଲକ୍ ପାଲସାହି ଛକ ନିକଟରେ ଆଜି ଏଭଳି ଏକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପୁରୀ ଜିଲ୍ଲା ବାସେଳୀସାହିର ଅମିତ ସାହୁ ଓ ଚିତ୍ତରଞ୍ଜନ ରାଉତରାୟ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ସ୍ଥାନୀୟ ଗ୍ରାମବାସୀ ରାସ୍ତାରେ ଅମିତଙ୍କ ମୃତଦେହ ରଖି ରାସ୍ତାରୋକ କରିଥିଲେ। ନାଉଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ଅମିତି ସାହୁଙ୍କ ମୃତଦେହକୁ ଥାନାକୁ ଆଣି ଅଧିକ ତଦନ୍ତ ଆରମ୍ଭ କରିଥିଲେ। ଅମିତଙ୍କ ସମ୍ପର୍କୀୟ ମାମୁଁ ଲକ୍ଷ୍ମୀଧର ସାହୁ ନାଉଗାଁ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।





ଶ୍ରାବଣ ତୃତୀୟ ସୋମବାର ଥିବାରୁ ପୁରୀ ଜିଲ୍ଲା ବାସେଳୀସାହିରୁ ଚାରିଜଣ ସାଙ୍ଗ ଦୁଇଟି ବାଇକ୍‌ରେ ଗୋରେଖନାଥଙ୍କ ଦର୍ଶନ କରିବାକୁ ଆସିଥିଲେ। ରାତି ଅଧାରୁ ଆସି ଦର୍ଶନ ସାରି ଘରକୁ ସକାଳୁ ସକାଳୁ ଫେରୁଥିବା ବେଳେ ପାଲସାହି ନିକଟରେ ସାଇକ୍ରିଷ୍ଟା ବସ୍ ସହ ଗୋଟିଏ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଅମିତଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ସାଙ୍ଗ ଚିତ୍ତରଞ୍ଜନ ଗୁରୁତର ଭାବେ ଜଗତସିଂହପୁର ଜିଲ୍ଲା ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

# ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଜଗତସିଂହପୁର,୨୮।୭(ସମିସ): ଜଗତସିଂହପୁର ଜିଲ୍ଲାରେ ବିଗତ କିଛି ଦିନ ମଧ୍ୟରେ ଏକାଧିକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଥିବା ବେଳେ ଆଜି ପୁଣି ଜଣେ ନାବାଳିକା ଗର୍ଭବତୀ ହେବା ଘଟଣା ଜିଲ୍ଲା ପାଇଁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। କୁଜଙ୍ଗ ଥାନା ଅଞ୍ଚଳର ଜଣେ ନବମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏହି ୧୬ବର୍ଷୀୟ ଛାତ୍ରୀଜଣଙ୍କ ଗର୍ଭବତୀ ଅବସ୍ଥାରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହେବା ପରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ତାଙ୍କର ଚିକିତ୍ସା କରିଥିଲେ। ତେବେ ଚିକିତ୍ସା ସମୟରେ ଗର୍ଭସ୍ଥ ଶିଶୁ ମୃତ ଅବସ୍ଥାରେ ବାହାରିଥିଲା। ପରେ ରକ୍ତ ଦିଆଯାଇ ନାବାଳିକାର ଚିକିତ୍ସା ଜାରି ରହିଛି ଓ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଡାକ୍ତର ସରୋଜ କୁମାର ଜେନା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ପୀଡ଼ିତା ନାବାଳିକାଙ୍କ ପିତା କୁଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ ସୂଚନା ଦେଇଛନ୍ତି। ଏହି ଘଟଣାରେ ଅଭିଯୁକ୍ତକୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

# ଉତ୍ତମ କାର୍ଯ୍ୟ ଲାଗି ମିଳିବ ରାଜ୍ୟ ପଞ୍ଚାୟତ ପୁରସ୍କାର

## ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦିଆଯିବ ୧୨୯ ପୁରସ୍କାର

ଭୁବନେଶ୍ୱର,୨୮।୭(ସମିସ): ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ପାଇଁ ଦିଆଯିବ ରାଜ୍ୟ ପଞ୍ଚାୟତ ପୁରସ୍କାର। ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ଟି ପୁରସ୍କାର ଦିଆଯିବା ସହ ଏଥିପାଇଁ ସରକାର ୪ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି।

ସୋମବାର ମନ୍ତ୍ରୀ ଶ୍ରୀ ନାଏକ ଗଣମାଧ୍ୟମକୁ ରାଜ୍ୟ ପଞ୍ଚାୟତ ପୁରସ୍କାର ବିଷୟରେ ସୂଚନା ଦେବା ସହ 'ପଞ୍ଚାୟତ ଆଡ୍‌ଭାନ୍ସମେଣ୍ଟ ଇଣ୍ଡେକ୍ସ' ସ୍କୋର୍‌ରେ ପ୍ରଦର୍ଶନ ଅନୁଯାୟୀ ମନରେଗା, ସ୍ୱଚ୍ଛତା-ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟଉତ୍ସ ବୃଦ୍ଧି, ଅନ୍‌ଲାଇନ ଅଡିଟ, ଉନ୍ନତ ଜିପିଡିପି, ଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଅପ୍‌ଲୋଡ୍ ଆଦି ୯ଟି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ଦିଆଯିବ। ରାଜ୍ୟ, ଜିଲ୍ଲା, ବ୍ଲକ ଓ ସଂସ୍ଥାଗତ ସ୍ତରରେ ୪ଟି ବର୍ଗରେ ପୁରସ୍କାର ପ୍ରଦାନ କରାଯିବ। ରାଜ୍ୟ ସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମ ପଞ୍ଚାୟତ ଓ ପଞ୍ଚାୟତ ସମିତଗୁଡିକୁ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ ଏବଂ ତୃତୀୟ ସ୍ଥାନ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ଜିଲ୍ଲା ପରିଷଦଗୁଡିକୁ ପ୍ରଥମ ସ୍ଥାନ ପାଇଁ ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ୨୦ ଲକ୍ଷ ଓ ତୃତୀୟ ସ୍ଥାନ ପାଇଁ ୧୫ ଲକ୍ଷର ଅର୍ଥରାଶି ପ୍ରଦାନ କରାଯିବ। ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟଙ୍ଗଜନଙ୍କ ବିକାଶ, ସୂଚନା-ଶିକ୍ଷା-ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଅଗ୍ନିକାଣ୍ଡରେ ଜିଅନ୍ତା ଜଳିଗଲେ ଯୁବକ




ଅନୁଗୋଳ,୨୮।୭(ସମିସ):ଅନୁଗୋଳ ଟାଉନ୍ ଥାନା ଅନ୍ତର୍ଗତ ଗୀତା ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଜଣେ ଯୁବକ ଜିଅନ୍ତା ଜଳିଯାଇଛନ୍ତି। ମୃତକ ହେଲେ, ଜୟପୁର ଅଞ୍ଚଳର ରାଧାମୋହନ ସାହୁଙ୍କ ପୁଅ ସରୋଜ ସାହୁ(୩୫)। ସୂଚନାନୁଯାୟୀ, ରବିବାର ସରୋଜ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ସରୋଜ ଘରେ ଏକାକୀ ଥିବା ବେଳେ ଛୁଆକୁ ନେଇ ସ୍ତ୍ରୀ କେଉଁଆଡ଼େ ଚାଲିଯାଇଥିଲେ। ସୋମବାର ଭୋର୍ ୪ଟାରେ ସରୋଜଙ୍କ ଘରେ ନିଆଁ ଲାଗିଥିବା ଦେଖି ପଡ଼ୋଶୀଘର ଲୋକେ ପୁଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସାଢ଼େ ୪ଟାରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରି ସରୋଜଙ୍କୁ ଉଦ୍ଧାର କରିଥିଲା। ତେବେ ସେତେବେଳକୁ ସରୋଜଙ୍କ ମୃତ୍ୟୁ ହୋଇସାରିଥିଲା। ତେବେ କେଉଁ ପରିସ୍ଥିତିରେ ସରୋଜଙ୍କ ମୃତ୍ୟୁ ଘଟିଲା ତାହା ଜଣାପଡ଼ିନାହିଁ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ନଦୀରେ ବୁଡ଼ି କାଉଡ଼ିଆଙ୍କ ମୃତ୍ୟୁ

ଗୁଣୁପୁର,୨୮।୭(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବ୍ଲକ୍ ପୁଟାସିଂ ଥାନା ଅଧୀନ ଭୀମପୁର ପଞ୍ଚାୟତ ଦିନବନ୍ଧୁପୁର ନିକଟରେ ପ୍ରବାହିତ ମହେନ୍ଦ୍ରତନୟା ନଦୀରେ ବୁଡ଼ି ଜଣେ କାଉଡ଼ିଆ ଭକ୍ତଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ ଅଧୀନ କେ. ଝାଲାରସିଂ ଗ୍ରାମର ଦେବଦତ୍ତ ବେହେରା ଦଳେଇ। ସୂଚାନାନୁଯାୟୀ, ଦେବଦତ୍ତ ଗ୍ରାମର ୩୦ଜଣ ଭକ୍ତଙ୍କ ସହ ଭୀମପୁର ଶୈବପୀଠକୁ ଜଳାଭିଷେକ ଲାଗି ଆସିଥିଲେ। ତେବେ ଶୌଚ ପାଇଁ ନଦୀକୁ ଯାଇ ସେ ଆଉ ଫେରି ନଥିଲେ। ଫଳରେ ସାଥିରେ ଥିବା ଅନ୍ୟ କାଉଡ଼ିଆ ଭକ୍ତମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିବା ବେଳେକୁ ସ୍ଥାନୀୟ ଲୋକେ ମୃତଦେହକୁ ଉଦ୍ଧାର କରିଥିଲେ। ନୂଆଗଡ଼ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୁଟାସିଂ ପୁଲିସ ଶବକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଉପଖଣ୍ଡ ଚିକିତ୍ସାଳୟର ଡା. ଲକ୍ଷ୍ମଣ ପାତ୍ର ଶବକୁ ବ୍ୟବଚ୍ଛେଦ କରିବା ପରେ ସ୍ୱର୍ଗରଥ ଗାଡ଼ିରେ ମରଶରୀରକୁ ତାଙ୍କ ନିଜ ଗ୍ରାମକୁ ସମ୍ପର୍କୀୟମାନେ ନେଇଯାଇଥିବା ସୂଚନା ମିଳିଛି।



## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ନିବେଶରୁ ଦୂରେଇ ରହିବେ। ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ବୃଷ:** ବ୍ୟବସାୟରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଉଧାର ଧନ ଫେରିପାଇବେ। ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମିଥୁନ:** ଧନ ଆଗମନ ଯୋଗ ଅଛି। ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ। ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ମନ ପ୍ରସନ୍ନ ରହିବ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ। ଧାର କରଜରୁ ଦୂରେଇ ରହିବେ। ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ। ଦିନଟିରେ କର୍ମଚଞ୍ଚଳ ରହିବେ। ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ। ବ୍ୟବସାୟରେ ସଫଳତା ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସାମାଜିକ କାର୍ଯ୍ୟରେ ସାମିଲ ହେବେ। ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ। ସରକାରୀ କାମ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପାରିବାରିକ ବିବାଦରୁ ଦୂରେଇ ରହିବେ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ। ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ। ଇଚ୍ଛା ପୂରଣ ହେବ। ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ। ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ବଦଭ୍ୟାସ ପରିତ୍ୟାଗ କରିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବିବାହ ପ୍ରସ୍ତାବ ସ୍ଥିର ହେବ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ। ଅଫିସ୍ କାମ ସୂଚାରୁରୂପେ ତୁଲାଇବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମଠ ତଥା ମନ୍ଦିରରେ ଦାନ କରିବେ।

# ପୁରୀ ରଥଯାତ୍ରାରେ ଦୁର୍ଘଟଣାଗ୍ରସ୍ତ ଯବାନଙ୍କ ମୃତ୍ୟୁ

ନୂଆପଡ଼ା, ୨୮।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ଭରୁଆମୁଣ୍ଡା ଗାଁର ଲକ୍ଷ୍ମଣ ମାଝୀ (୪୨)ନାମକ ଜଣେ ଆଇଆରବି ଯବାନଙ୍କ ମୃତ୍ୟୁ ଘଟିଛି। ଚଳିତବର୍ଷ ସେ ପୁରୀରେ ରଥଯାତ୍ରା ସମୟରେ ସେ କାର୍ଯ୍ୟରତ ଥିଲେ। ହେଲେ ଜୁନ୍ ୨୪ରେ ଦୁର୍ଘଟଣାର ସମ୍ମୁଖୀନ ହେବାରୁ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ଦୀର୍ଘ ମାସେ କାଳ ଜୀବନ ସହ ସଂଗ୍ରାମ କରିବା ପରେ ରବିବାର ରାତିରେ ଆଖି ବୁଜିଛନ୍ତି। ତାଙ୍କ ମରଶରୀରକୁ କଟକରେ ବ୍ୟବଚ୍ଛେଦ ପରେ ନିଜ ଭିଟାମାଟିକୁ ଅଣାଯାଉଛି। ମଙ୍ଗଳବାର ଅନ୍ତିମ ସଂସ୍କାର କରାଯିବ। ୧୭ବର୍ଷ ତଳେ ସେ ଆଇଆରବିରେ ଯୋଗ ଦେଇଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲା ବିଶେଷକରି ମାଓବାଦୀ ଅଞ୍ଚଳରେ କାମ କରିଥିଲେ। ବର୍ତ୍ତମାନ ସେ ରାୟଗଡ଼ା କ୍ୟାମ୍ପରେ ଅବସ୍ଥାପିତ ଥିଲେ। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ ସକାଶେ ପୁରୀରେ କାର୍ଯ୍ୟରତ ଥିଲେ। ପୁରୀରେ ସକାଳୁ ବୁଲୁଥିବା ସମୟରେ ଏକ ଗାଡ଼ି ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ତାଙ୍କ ମୁଣ୍ଡରେ ଶକ୍ତ ଧକ୍କା ଲାଗିଥିବା ବେଳେ ଗୋଡ଼ ଦୁଇଟି ଭାଙ୍ଗିଯାଇଥିଲା। ସେହି ଦିନଠାରୁ ସେ କଟକ ବଡ଼ମେଡିକାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ଏହି ଘଟଣା ପରେ ୪ଝିଅଙ୍କୁ ନେଇ ଲକ୍ଷ୍ମଣଙ୍କ ସ୍ତ୍ରୀ ଜ୍ୟୋତିର୍ମୟୀ ଭାଙ୍ଗିପଡ଼ିଛନ୍ତି। ତେଣୁ ସରକାରଙ୍କ ତରଫରୁ ସହାୟତା ଯୋଗାଇବା ସହ ସ୍ତ୍ରୀଙ୍କୁ ଚାକିରି ଏବଂ ଝିଅମାନଙ୍କ ପାଠପଢ଼ା, ଭରଣପୋଷଣ ପାଇଁ ସହାୟତା ଯୋଗାଇଦେବାକୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଦାବି କରିଛି। ସୂଚନାଯୋଗ୍ୟ, ପୂର୍ବରୁ ଜଣେ ଦୁଇ ଜଣ ଆଇଆରବିଏନ୍ ଯବାନଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଓଡିଶା ପୁଲିସ ତରଫରୁ ରାଷ୍ଟ୍ରୀୟ ସମ୍ମାନ ଦିଆଯାଇନି। ଏବେ ଲକ୍ଷ୍ମଣଙ୍କ ମର ଶରୀରକୁ ସମ୍ମାନ ଦେବାକୁ ଦାବି କରାଯାଇଛି।

## ମାଓବାଦୀଙ୍କ ସହିଦ ସପ୍ତାହ ଆରମ୍ଭ

# ମାଲକାନଗିରି ଜିଲ୍ଲାରେ ହାଇଆଲର୍ଟ

ଭୁବନେଶ୍ୱର,୨୮।୭(ସମିସ): ଆଜିଠୁ ମାଓବାଦୀ ପାଳନ କରୁଛନ୍ତି ସହିଦ ସପ୍ତାହ। ସହିଦ ସାଥୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜୁଲାଇ ୨୮ରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ମାଓବାଦୀ ଏହି ଦିବସ ପାଳନ କରିଥାଆନ୍ତି ଓ ଏହି ସପ୍ତାହରେ ନିଜର ଦବ୍‌ଦବା ଦେଖାଇବା ନିମନ୍ତେ ବିଭିନ୍ନ ଅଘଟଣ ଘଟାଇଛନ୍ତି । ଏହି ପରିପ୍ରେକ୍ଷୀରେ ମାଓ ହିଂସା ଆଶଙ୍କାରେ ପ୍ରଭାବିତ ଅଞ୍ଚଳରେ ପୁଲିସ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି । ସୀମା ସିଲ୍ ସହ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜେରଦାର କରାଯାଇଛି। ପୁନଶ୍ଚ ଆକାଶ ମାର୍ଗରୁ ଡ୍ରୋନ୍ ମାଧ୍ୟମରେ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଏହା ସହ ସାଟ୍‌ଲାଇଟ୍ ଫଟୋ ଜରିଆରେ ମଧ୍ୟ ପୁଲିସ ମାଓବାଦୀଙ୍କ ଗତିବିଧି ନଜର ରଖିଛି ବୋଲି ସୂଚନା ଦେଇଛନ୍ତି ଆଣ୍ଟି ନକ୍ସଲ ଅପରେସନ ଏଡିଜି ସଞ୍ଜୀବ ପଣ୍ଡା । ସେ କହିଛନ୍ତି ଯେ ମାଲକାନଗିରି ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଛି। ସହିଦ ସପ୍ତାହ ଆରମ୍ଭ ପୂର୍ବରୁ ଆନ୍ଧ୍ର-ଓଡ଼ିଶା-ଛତିଶଗଡ଼ ସୀମା ସିଲ୍ ହୋଇଛି।

■ ମାଓବାଦୀଙ୍କ ଗତିବିଧି ଉପରେ ଡ୍ରୋନ୍ ଦ୍ୱାରା ନଜର
■ ଦମନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି: ଏଡିଜି

ତିନି ରାଜ୍ୟର ପୁଲିସ ଓ ସୁରକ୍ଷାବଳ ପକ୍ଷରୁ କମ୍ବିଂ, ସର୍ଚ୍ଚ ଅପରେସନ୍‌କୁ ଜୋରଦାର କରାଯାଇଛି। ସହିଦ ସପ୍ତାହକୁ ନେଇ ମାଲକାନଗିରି ଜିଲ୍ଲାରେ ପୁଲିସ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ପୁଲିସ ନାକା ଲଗାଇଛି। ଅଜଣା ବ୍ୟକ୍ତି ଓ ଯାନବାହନ ଯାଞ୍ଚ ପରେ ଜିଲ୍ଲା ଭିତରକୁ ଛଡ଼ାଯାଉଛି। ନ ହେଲେ ଆହୁରି ମଧ୍ୟ ଜଙ୍ଗଲ ରାସ୍ତାରେ ମଧ୍ୟ ପୁଲିସ ନଜର ରଖିଛି। ଗାଁ ଭିତରକୁ ଯେପରି କେହି ମାଓବାଦୀ ପ୍ରବେଶ କରିନପାରିବେ ସେଥିପାଇଁ ପୁଲିସ ସଜାଗ ରହିଛି।

ଗତକାଲି ସରଣ୍ଡା ଜଙ୍ଗଲରେ ମାଓବାଦୀ ମାଟି ତଳେ ଲୁଚାଇଥିବା ୩୫ଲକ୍ଷ ଟଙ୍କାକୁ ପୁଲିସ ଜବତ କରିଛି। ବର୍ଷାପାଗ ଯୋଗୁ ମାଓବାଦୀମାନେ ଟଙ୍କା ସାଥିରେ ନେବା ଅସମ୍ଭବ ହୋଇପଡୁଛି। ତେଣୁ ସେମାନେ ଜଙ୍ଗଲ ଭିତରେ ଏକ ଗଛ ମୂଳରେ ପୋତି ଦେଉଛନ୍ତି। ପୂର୍ବରୁ ଓଡିଶାରେ ମଧ୍ୟ ମାଓବାଦୀ ଜଙ୍ଗଲ ଭିତରେ ମାଟିତଳେ ବନ୍ଧୁକ ଏବଂ ଅନ୍ୟ ବିସ୍ଫୋରକ ପୋତି ରଖୁଥିଲେ। ଏବେ ସେମାନେ ଟଙ୍କା ଲୁଚାଇବା ପାଇଁ ଏଭଳି ପନ୍ଥା ଆପଣାଉଛନ୍ତି। ପୁଲିସର କୁମ୍ବିଂ ଅପରେସନ୍ ଜୋରଦାରକୁ ନଜରରେ ରଖି ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ସେ କହିଛନ୍ତି।

## ୪ ଥର ଆସିବା ପରେ ହେଉନି ସମାଧାନ

# ପ୍ରତିଶ୍ରୁତି ପତ୍ରକୁ ଚିରି ଫିଙ୍ଗିଦେଲେ ଦିବ୍ୟାଙ୍ଗ

ଭୁବନେଶ୍ୱର,୨୮।୭(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଅଭିଯୋଗ ନେଇ ଆସିବା ପରେ ମଧ୍ୟ ସମସ୍ୟାରେ ସମାଧାନ ହେଉନାହିଁ। ଏତେ ଦୂରରୁ ଟଙ୍କା ଖର୍ଚ୍ଚ କରି ଆସିବା ଓ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦାଖଲ ପରେ ମଧ୍ୟ ଏହାର ସୁଫଳ ମିଳୁନାହିଁ। ଯାହାଫଳରେ ଅନେକ ଲୋକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି।

ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ କିଛି ଦୃଶ୍ୟ ସାମନାକୁ ଆସିବା ପରେ ସରକାରୀ ବ୍ୟବସ୍ଥା ଓ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମା ପାଳନର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। ବୁର୍ଲା ସ୍ଥିତ ନାରାୟଣ ବାଗ ନାମକ ଜଣେ ବ୍ୟକ୍ତି ଭୀମସାର କଲେଜ ବିରୋଧରେ ଅଭିଯୋଗ ଆଣିଛନ୍ତି। ୪ ଥର ହେଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିଲେ ବି ତାଙ୍କ ଅଭିଯୋଗର କୌଣସି ସମାଧାନ ହେଉନଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ସରକାରୀ ଚାକିରୀରେ ଥିବା ବେଳେ ତାଙ୍କୁ ବିନା ନୋଟିସରେ ୨୦୦୭ ଜାନୁଆରି ୬ ତାରିଖରୁ ବାହାର କରି ଦିଆଯାଇଥିଲା। ବର୍ତ୍ତମାନ କୋର୍ଟ ପୁନର୍ବାର ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାଙ୍କ ନିଯୁକ୍ତି ହୋଇପାରୁ ନାହିଁ। ଭୀମସାର କଲେଜର ଲିଗାଲ ସେଲ୍ ଅଫିସର ପ୍ରସନ୍ନ ସ୍ୱାଇଁ ତାଙ୍କୁ ହଇରାଣ କରୁଛନ୍ତି। ଆତ୍ମାହୁତି ଦେଲେ ହୁଏତ ଏହି ଅଭିଯୋଗର ସମାଧାନ ହେବ ବୋଲି ସେ ଅଭିଯୋଗ କରିଛନ୍ତି।

## ଆତ୍ମାହୁତି ଧମକ ଦେଲେ ଅଭିଯୋଗକାରୀ

ସେହିପରି ବାଲେଶ୍ୱର ବସ୍ତା ଅଞ୍ଚଳର ରଞ୍ଜିତ ମାନା ଅଭିଯୋଗ ପ୍ରକୋଷ୍ଠରୁ ମିଳିଥିବା ପ୍ରତିଶ୍ରୁତିପତ୍ର ଚିରି ଦେଇଛନ୍ତି। ଦିବ୍ୟାଙ୍ଗ ରଞ୍ଜିତ ପୂର୍ବରୁ ୮୫ ପ୍ରତିଶତ ଦିବ୍ୟାଙ୍ଗ ଥିବା ବେଳେ ବର୍ତ୍ତମାନ ତାଙ୍କୁ ୭୦ ପ୍ରତିଶତ କରିଦେଇ ଭତ୍ତା କମାଇ ଦିଆଯାଇଛି। ଯେଉଁଥିପାଇଁ ସେ ବାରମ୍ବାର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଦେଖା କରି ଜଣାଇଥିଲେ ବି ଏହି ସମସ୍ୟାର ସମାଧାନ ହୋଇନାହିଁ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ଏ ବାବଦରେ ସେ ତିନିଥର ଜଣାଇଥିଲେ ବି କିଛି ସୁଫଳ ମିଳିପାରି ନାହିଁ। ବିଭାଗୀୟ ମନ୍ତ୍ରୀ ତାଙ୍କୁ ପୁଣି ଜିଲ୍ଲାପାଳଙ୍କ ନିକଟକୁ ଯିବାକୁ ପରାମର୍ଶ ଦେଉଛନ୍ତି। ତେଣୁ ଜିଲ୍ଲାପାଳଙ୍କ ପାଖରୁ ନିରାଶ ଫେରିଥିବା ଲୋକ ଅତି କଷ୍ଟରେ ପ୍ଲାଟଫର୍ମରେ ଶୋଇ ଏହି ଅଭିଯୋଗ ପ୍ରକୋଷ୍ଠକୁ ଆସି ଦୁଃଖ ଜଣାଇବା ପରେ ପୁଣି କାହିଁକି ସେଠାକୁ ଯିବ ବୋଲି ସେ ପ୍ରଶ୍ନ କରିବା ସହ ତାଙ୍କ ପ୍ରତିଶ୍ରୁତି ପତ୍ରକୁ ଚିରି ଦେଇଛନ୍ତି।

ଅନ୍ୟ ଏକ ଘଟଣାରେ ଆମ୍ବୁଲାନ୍ସ କର୍ମଚାରୀ ସଂଘର କିଛି ବ୍ୟକ୍ତି ୫ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିଲେ ମଧ୍ୟ କୌଣସି ସମାଧାନ ହେଉ ନ ଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ୧୦୮ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥା ବଦଳିବା ପରେ ନିର୍ଦ୍ଦିଷ୍ଟ ଭାବେ ସେମାନେ ଟାର୍ଗେଟ୍ କରି ୭୦ ଜଣ କର୍ମଚାରୀଙ୍କୁ ଛଟେଇ କରିଛନ୍ତି। ସେମାନଙ୍କୁ କିପରି ପୁନଃ ନିଯୁକ୍ତି ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୫ ଥର ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

## 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ

# ରାଜ୍ୟର ୧୧ ସହର, ୨୦୦ ବ୍ଲକ୍‌ରେ ଚାରା ବଣ୍ଟନ

ଭୁବନେଶ୍ୱର, ୨୮।୭ (ସମିସ):

'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥା ପକ୍ଷରୁ ଏକ ନିଆରା ପଦକ୍ଷେପ ହାତକୁ ନିଆଯାଇ ରାଜ୍ୟବ୍ୟାପି ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଛ ବଞ୍ଚିଲେ ପରିବେଶ ସୁରକ୍ଷିତ ରହିବ। ଏହି ଉକ୍ତିକୁ ସଫଳ କରିବାର ପ୍ରୟାସରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ରାଜ୍ୟର ୧୧ସହର ଏବଂ ୨୦୦ରୁ ଅଧିକ ବ୍ଲକରେ ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା, ଢେଙ୍କାନାଳ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, ନୟାଗଡ଼ ଏବଂ ପାରାଦୀପର ବିଭିନ୍ନ ସ୍ଥାନରେ ବନ ବିଭାଗ ପକ୍ଷରୁ ପ୍ରଦତ୍ତ ୧୦ହଜାରରୁ ଅଧିକ ଚାରା ବଣ୍ଟନ କରାଯାଇଥିଲା।

ରାଜଧାନୀ ଭୁବନେଶ୍ୱରରେ ଚନ୍ଦ୍ରଶେଖରପୁରସ୍ଥିତ ବିସିସିଏଲ୍ ପେଟ୍ରୋଲ ପମ୍ପ ପରିସରରେ ଚାରା ବଣ୍ଟନ କରାଯାଇଥିଲା। ସକାଳ ୮ଟାରୁ ୧୨ଟା ମଧ୍ୟରେ ଛାଇ ପ୍ରଦାନକାରୀ ଶାଳ, ଶିଶୁ, ଚନ୍ଦନ ଭଳି ଦେଶୀୟ ବୃକ୍ଷ ରହିଥିଲା ବେଳେ ଆମ୍ବ, ପିଜୁଳି, ଲେମ୍ବୁ, ସଜନା ଭଳି ଫଳନ୍ତି ଗଛର ଚାରା ବଣ୍ଟାଯାଇଥିଲା। ଏହାବ୍ୟତିତ ବାସ୍କେଟ୍‌ରେ ଫୁଲ ଏବଂ ଔଷଧୀୟ ବୃକ୍ଷର ଚାରା ମଧ୍ୟ ରହିଥିଲା। ବହୁ ସଂଖ୍ୟାରେ ଲୋକ ସ୍ୱତଃପ୍ରବୃତ ଭାବେ ଆସି ଚାରା ସଂଗ୍ରହ କରିଥିଲେ। ପେଟ୍ରୋଲ୍ ପମ୍ପକୁ ତେଲ ପକାଇବାକୁ ଆସିଥିବା ଗ୍ରାହକମାନେ ହାତ ପାଆନ୍ତାରେ ଚାରା ପାଇ ଅତ୍ୟନ୍ତ ଖୁସି ଅନୁଭବ କରିବା ସହ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ।

ଭୁବନେଶ୍ୱରଠାରେ ବିପିସିଏଲ୍ ସର୍ଭିସ ପ୍ରୋଭାଇଡର୍ ଚନ୍ଦ୍ରଶେଖର ପଣ୍ଡା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଚାରା ବଣ୍ଟନ କରିଥିଲେ। ଏହି ଅବସରରେ ଶ୍ରୀ ପଣ୍ଡା କହିଥିଲେ, ବୃକ୍ଷ ଆମ ଜୀବନର ଏକ ଅଭିନ୍ନ ଅଙ୍ଗ। ଏହା ବିନା ମାନବଜାତି ବଞ୍ଚି ରହିବା କଷ୍ଟ। ଏଭଳି ପ୍ରୟାସ ପାଇଁ ସେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ଟିମ୍‌କୁ ଧନ୍ୟବାଦ ଦେଇଥିଲେ। 'ସକାଳ' ବିଜ୍ଞାପନ ବିଭାଗ ଏଜିଏମ୍ ଦିଲ୍ଲୀପ ମହାପାତ୍ର କହିଛନ୍ତି ପରିବେଶ ସୁରକ୍ଷା ପାଇଁ ଏହା ଆମର ଏକ ଛୋଟ ପ୍ରୟାସ। ଆଗକୁ ଆମେ ପ୍ରତ୍ୟେକବର୍ଷ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବୁ। କାର୍ଯ୍ୟକ୍ରମରେ 'ସକାଳ' ପ୍ରସାର ବିଭାଗର ପ୍ରମୋଦ ନାୟକ, ପ୍ରିୟବ୍ରତ ଦାସ, ଚନ୍ଦନ ନାୟକ, ସୁଧାଂଶୁ ସାହୁ, ବିଜୟ ସାସ୍‌ମଲ୍, ବିଜ୍ଞାପନ ବିଭାଗ ପକ୍ଷରୁ କ୍ଷୀରୋଦ ବେହେରା, ଅଭିଷେକ ସାହୁ, ନନ୍ଦନକାନନ ପ୍ରତିନିଧି ଦୁଃଷ୍ମନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ ପାର୍ଶ୍ୱର ଖମାରିସାହି ନାୟକ ପେଟ୍ରୋଲିୟମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଶତାଧିକ ଲୋକଙ୍କୁ ଚାରା ବଣ୍ଟନ କରାଯାଇଥିଲା। ସେହିଭଳି ମୟୂରଭଞ୍ଜ ଜିଲ୍ଲାର ବେତନଟୀସ୍ଥିତ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱର ସ୍ୱସ୍ତିକ ପେଟ୍ରୋଲ ପମ୍ପରେ ସକାଳ ୮ ଟାରେ ଚାରାବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା।



ଭୁବନେଶ୍ୱର


ପାରାଦୀପ


ଢେଙ୍କାନାଳ


ସମ୍ବଲପୁର



ନୟାଗଡ଼



ବ୍ରହ୍ମପୁର


ପୁରୀ


ବାଲେଶ୍ୱର


ବାରିପଦା


ରାଉରକେଲା

In Association with...
vedanta transforming for good | MCL MAHANADI COALFIELDS LIMITED | AM/NS INDIA | imfa | JINDAL PANTHER TMT REBARS | ନାଲକୋ NALCO | TPWODL TP WESTERN ODISHA DISTRIBUTION LIMITED | JSW BPSL Better Everyday | Paradeep Phosphates
Virat Group of Institutions | GN ELECTRONICS | GLR infra | VEDIC GROUP OF INSTITUTIONS | BADRIPRASAD Institute of Technology | PINNACLE GROUP OF INSTITUTION, SAMBALPUR | POPULAR MOBILE | PK ACADEMY | TVS BALASORE TVS

## ମହିଳା ୟୁରୋ: ଇଂଲଣ୍ଡ ଚାମ୍ପିଅନ୍



ବାସେଲ,୨୮ ।୭ (ଏଜେନ୍ସି): ୟୁରୋପ ମହାଦେଶର ଶ୍ରେଷ୍ଠ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ୟୁଫା ୟୁରୋ ଚାମ୍ପିଅନସିପ୍‌ରେ ଇଂଲଣ୍ଡ ଚାମ୍ପିଅନ ହୋଇଛି। ରବିବାର ରାତିରେ ସୁଇଜରଲାଣ୍ଡର ବାସେଲରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଇଂଲଣ୍ଡ ସୁଟ୍‌ଆଉଟ୍‌ରେ ୩-୧ ଗୋଲ୍‌ରେ ସ୍ପେନ ମହିଳା ଦଳକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ମ୍ୟାଚ୍ ୧-୧ରେ ବରାବର୍ ରହିବା ପରେ ଅତିରିକ୍ତ ୩୦ ମିନିଟ୍ ଖେଳାଯାଇଥିଲା। ଏଥିରେ ମଧ୍ୟ ଫଳାଫଳ ବାହାରି ନ ଥିଲା। ଶେଷରେ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଇଂଲଣ୍ଡ ଗୋଲ୍‌ରକ୍ଷକ ହାନ୍ନା ହମ୍ପଟନ ଚମତ୍କାର ପ୍ରଦର୍ଶନ କରି ପ୍ରତିପକ୍ଷର ୨ଟି ସଟ୍‌କୁ ଅଟକାଇଦେଇଥିଲେ। ଫଳରେ ଇଂଲଣ୍ଡ ମହିଳା ଦଳ ପ୍ରଥମଥର ଲାଗି ବିଦେଶ ମାଟିରେ ଏକ ମେଜର ଟାଇଟଲ୍ ଜିତିବାରେ ସଫଳ ହୋଇଛି।

## ସୁପ୍ରିମ କୋର୍ଟରୁ ଲକ୍ଷ୍ୟଙ୍କୁ ଆଶ୍ୱସ୍ତି

**ଜାଲ ଜନ୍ମ ପ୍ରମାଣପତ୍ର ମାମଲା ରଦ୍ଦ**

ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି); ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଜନ୍ମ ପ୍ରମାଣପତ୍ର ନେଇ ଲକ୍ଷ୍ୟ, ତାଙ୍କ ପରିବାର ସଦସ୍ୟ ଓ ପ୍ରଶିକ୍ଷକଙ୍କ ନାମରେ ରୁଜୁ ହୋଇଥିବା ଏଫ୍‌ଆଇଆର୍‌କୁ ସୋମବାର ସୁପ୍ରିମ କୋର୍ଟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ ସୁଧାଂଶୁ ଧୁଲିଆ ଓ ଅରବିନ୍ଦ କୁମାରଙ୍କୁ ନେଇ ଗଠିତ ବେଞ୍ଚ୍ କହିଛନ୍ତି, 'ଲକ୍ଷ୍ୟ ସେନଙ୍କ ବିରୋଧରେ ଅପରାଧିକ ମାମଲା ଜାରି ରଖିବା ଅନୁଚିତ ଓ ଏହା କୋର୍ଟ ପ୍ରକ୍ରିୟାର ଅପବ୍ୟବହାର'। ଏମ୍‌ଜି ନାଗରାଜ ଅଭିଯୋଗ ଆଣିଥିଲେ ଯେ, ଲକ୍ଷ୍ୟ ଓ ତାଙ୍କ ଭାଇ ଚିରାଗ ସେନଙ୍କ ଜନ୍ମ ପ୍ରମାଣପତ୍ରରେ ଜାଲିଆତି କରାଯାଇଛି। ଲକ୍ଷ୍ୟଙ୍କ ପିତା-ମାତା ଧୀରେନ୍ଦ୍ର ଓ ନିର୍ମଳା ସେନ୍, ପ୍ରଶିକ୍ଷକ ବିମଳ କୁମାର ଓ କର୍ଣ୍ଣାଟକ ବ୍ୟାଡ୍‌ମିଣ୍ଟନ ସଂଘର କର୍ମକର୍ତ୍ତା ଜନ୍ମ ପ୍ରମାଣପତ୍ର ରେକର୍ଡରେ ଜାଲିଆତି କରିଛନ୍ତି। ଗତ ଫେବୃଆରୀ ୧୯ରେ କର୍ଣ୍ଣାଟକ ହାଇକୋର୍ଟ ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମ କୋର୍ଟରେ ଏହି ମାମଲା ଦାୟର କରାଯାଇଥିଲା। କିନ୍ତୁ ସୋମବାର କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟକୁ ସଠିକ୍ ଦର୍ଶାଇ ସୁପ୍ରିମ କୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ।

● ଗ୍ରୀନ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ସ୍ନୁକର

## ସୁବ୍ରତ, ଚିରାଗ, ରାକେଶଙ୍କ ଡବଲ୍ ବିଜୟ

ଭୁବନେଶ୍ୱର,୨୮ ।୭ (ସମିସ): ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଗ୍ରୀନ୍ ବେଜ୍ କ୍ଲାସିକ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ମୁଖ୍ୟ ପର୍ଯ୍ୟାୟ ସୋମବାରଠୁ ଆରମ୍ଭ ହୋଇଛି। ମୁଖ୍ୟ ପର୍ଯ୍ୟାୟରେ ସୋମବାର ୧୬ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସୁବ୍ରତ ଦାସ, ରାକେଶ ପ୍ରଧାନ ଓ ଚିରାଗ ଆରୋରା ଡବଲ୍ ବିଜୟ ହାସଲ କରିଛନ୍ତି। ସୁବ୍ରତ ୩-୨ ଫେମରେ ଅଲି ଖାନଙ୍କୁ ଓ ୩-୧ ଫେମ୍‌ରେ ନିଶ୍ଚୟ ମିଶ୍ରଙ୍କୁ ପରାସ୍ତ କରିଥିଲେ। ସେହିଭଳି ରାକେଶ ପ୍ରଥମେ ୩-୦ରେ ଅମୀୟ ନାୟକଙ୍କୁ ଓ ୩-୦ରେ ଅଲ୍‌ତାଫ୍ ଅଲିଙ୍କୁ ହରାଇଛନ୍ତି। ଚିରାଗ ମଧ୍ୟ ରାହୁଲ ହାଲି ଓ ଅମିତ୍ ସିଂଙ୍କୁ ଯଥାକ୍ରମେ ୩-୦ ଓ ୩-୧ ଫେମ୍‌ରେ ପରାସ୍ତ କରିଛନ୍ତି।

**ମହିଳା ଚେସ୍ ବିଶ୍ୱକପ୍‌ରେ ଇତିହାସ ରଚିଲା ଭାରତ**

# ଦିବ୍ୟା ପ୍ରଥମ ଚାମ୍ପିଅନ, ହମ୍ପି ରନର୍ସ ଅପ୍



- ଚେସ୍ ବିଶ୍ୱକପ୍ ଜିତିବାରେ ଦିବ୍ୟା ସର୍ବକନିଷ୍ଠା
- ଭାରତର ପ୍ରଥମ ଟାଇଟଲ ବିଜେତା
- ଚତୁର୍ଥ ମହିଳା ଭାବେ ଗ୍ରାଣ୍ଡମାଷ୍ଟର ଟାଇଟଲ
- ପାଇ ନ ଥିଲେ ଗୋଟିଏ ଜିଏମ୍ ନର୍ମ
- ପୁରସ୍କାର ବାବଦରେ ୪୧.୬ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୨୮ ।୭ (ଏଜେନ୍ସି)

ଭାରତର ଦିବ୍ୟା ଦେଶମୁଖ ଫିଡେ ଆନୁକୂଲ୍ୟରେ ଅନୁଷ୍ଠିତ ମହିଳା ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛନ୍ତି। ଜର୍ଜିଆର ବାଟୁମିଠାରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲରେ ସେ ଆଉ ଜଣେ ଭାରତୀୟ ତଥା ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କୁ ପରାସ୍ତ କରିଥିଲେ। ପ୍ରଥମଥର ଲାଗି ଭାରତର ଜଣେ ମହିଳା ଖେଳାଳି ୧୯ ବର୍ଷୀୟା ନାଗପୁରର ଦିବ୍ୟା ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଟାଇଟଲ ବିଜୟ ସହ ସେ ସିଧାସଳଖ ଗ୍ରାଣ୍ଡମାଷ୍ଟର ଆଖ୍ୟା ଅର୍ଜନ କରିଛନ୍ତି। ଦିବ୍ୟା ମଧ୍ୟ ଭାରତର ୮୮ତମ ଓ ଚତୁର୍ଥ ମହିଳା ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ଫାଇନାଲରେ ପ୍ରବେଶ ସହ ଉଭୟ ଖେଳାଳି କ୍ୟାଣ୍ଡିଡେଟ୍ସ ଚେସ୍ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ପୂର୍ବରୁ ଭାରତର କୌଣସି ଖେଳାଳି ଚେସ୍ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରି ନ ଥିଲେ। ଚଳିତବର୍ଷ ଏକାଥରକେ ଦୁଇଜଣ ଫାଇନାଲରେ ପ୍ରବେଶ କରି ପ୍ରଥମ ଇତିହାସ ସୃଷ୍ଟି କରିବା ସହ ଜଣେ ହେଲେ ଭାରତୀୟ ଚାମ୍ପିଅନ ହେବା ସ୍ପଷ୍ଟ କରିଥିଲେ। ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିବା ବିଶ୍ୱ ରାପିଡ ଚେସ୍ ଚାମ୍ପିଅନ ହମ୍ପି ଟାଇମ ପ୍ରେସରର ଉଚିତ ମୁକାବିଲା କରି ନ ପାରି ଗୋଟିକ ପରେ ଗୋଟିଏ ତ୍ରୁଟି କରିଥିଲେ।

ଫିଡେ ମହିଳା ବିଶ୍ୱକପ୍‌ରେ ଫାଇନାଲ ମୁକାବିଲା କ୍ଲାସିକ ପର୍ଯ୍ୟାୟରେ ୨ ରାଉଣ୍ଡ ବିଶିଷ୍ଟ ହୋଇଥାଏ। ଏଥିରେ ଫଳାଫଳ ନ ମିଳିଲେ ରାପିଡ ପର୍ଯ୍ୟାୟରେ ଆଉ ୨ ରାଉଣ୍ଡ ଖେଳାଯାଇଥାଏ। କ୍ଲାସିକ ବିଭାଗ ଫାଇନାଲର ପ୍ରଥମ ରାଉଣ୍ଡ ଖେଳର ମୀମାଂସା ହୋଇ ପାରି ନ ଥିଲା। ଦ୍ୱିତୀୟ ରାଉଣ୍ଡରେ ମଧ୍ୟ ସମାନ ଫଳାଫଳ ମିଳିଥିଲା। କ୍ଲାସିକ୍ ପର୍ଯ୍ୟାୟର ୨ଟି ଯାକ ରାଉଣ୍ଡ ଖେଳର ପଏଣ୍ଟ ସଂଖ୍ୟା ସମାନ ରହିବା ପରେ ଆଜି ଟାଇବ୍ରେକ୍ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ରାଉଣ୍ଡରେ ଦିବ୍ୟା ଧଳାଗୋଟି ନେଇ ଖେଳିଥିଲାବେଳେ ହମ୍ପି ମ୍ୟାଚ୍‌କୁ ଡ୍ର କରିବାରେ ସମର୍ଥ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ଦିବ୍ୟା କଳାଗୋଟି ନେଇ ଖେଳିଥିଲେ ମଧ୍ୟ କ୍ଷୀପ୍ର ଗୋଟିଚାଳନା ଯୋଗୁ ହମ୍ପି ଚାପକୁ ଆସିଯାଇଥିଲେ। ଏହା ଫଳରେ ହମ୍ପିଙ୍କ ଗୋଟିକ ପରେ ଗୋଟିଏ ତ୍ରୁଟିରୁ ଦିବ୍ୟା ପୂରା ଫାଇଦା ଉଠାଇ ଟାଇବ୍ରେକ୍‌ର ଦ୍ୱିତୀୟ ରାଉଣ୍ଡ ସହ ଫାଇନାଲ ଜିତି ଚାମ୍ପିଅନ ହୋଇଥିଲେ। ଚାମ୍ପିଅନ ହେବା ଫଳରେ ସେ ଓପନ ବା ପୁରୁଷ ବିଭାଗରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ସମର୍ଥ ହୋଇଥିଲେ। ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ସେ ହମ୍ପି, ଆର୍ ବୈଶାଳୀ ଓ ହାରିକା ଦ୍ରୋଣାଭାଲୀଙ୍କ ପରେ ଚତୁର୍ଥ ଭାରତୀୟ ମହିଳା ହୋଇଛନ୍ତି। ଟାଇଟଲ ଜିତିବା ଫଳରେ ଦିବ୍ୟାଙ୍କୁ ୫୦,୦୦୦ ଡଲାର ବା ଭାରତୀୟ ମୁଦ୍ରାରେ ୪୧.୬ ଲକ୍ଷ ଏବଂ ରନର୍ସ ଅପ୍ ହମ୍ପି ୩୫,୦୦୦ ଡଲାର ବା ୨୯.୧ ଲକ୍ଷ ଟଙ୍କା ପୁରସ୍କାର ପାଇଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଦିବ୍ୟାଙ୍କ ଅଭିଯାନ ଥିଲା ବେଶ ଉତ୍ସାହଜନକ। ଏହି ଟୁର୍ଣ୍ଣାମେଣ୍ଟରେ ସେ ୧୫ତମ ସିଡ୍ ହୋଇଥିଲାବେଳେ ଟାଇଟଲ ଫେବରାଇଟ ନ ଥିଲେ। କିନ୍ତୁ ସେ ଭୟଶୂନ୍ୟ ହୋଇ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଜଣଙ୍କ ପରେ ଜଣେ ଶ୍ରେଷ୍ଠ ଖେଳାଳିଙ୍କୁ ପରାସ୍ତ କରିଥିଲେ। ସେ କ୍ରମାଗତ ଭାବେ ୪ଜଣ ଗ୍ରାଣ୍ଡମାଷ୍ଟରଙ୍କୁ ହରାଇଥିଲେ। ପ୍ରି-କ୍ୱାର୍ଟର ଫାଇନାଲରେ ସେ ଚୀନ୍‌ର ଝୁ ଜିନେର, କ୍ୱାର୍ଟର ଫାଇନାଲରେ ଭାରତର ଡି ହାରିକା ଓ ସେମିଫାଇନାଲରେ ଚୀନ୍‌ର ଆଉ ଜଣେ ପ୍ରତିଯୋଗୀ ତାନ ଝୋଙ୍ଗୟିଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ହମ୍ପିଙ୍କୁ ହରାଇ ଟାଇଟଲ ଜିତିବା ପରେ ଭାରତୀୟ ଚେସ୍‌କୁ ଗୌରବମଣ୍ଡିତ କରିଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ତାଙ୍କର ଏବଂ ଭାରତର ନାମକୁ ଇତିହାସ ପୃଷ୍ଠାରେ ଲିପିବଦ୍ଧ କରିବା ପରେ ବିଶ୍ୱରେ ଏକ ନୂଆ ତାରକାଙ୍କ ଆବିର୍ଭାବ ହୋଇଥିବା ସ୍ପଷ୍ଟ ସୂଚନା ଦେଇଛନ୍ତି। ଏଭଳି ଖେଳ ପ୍ରଦର୍ଶନ ବଜାୟ ରଖିଲେ ସେ ଯେ ଦୀର୍ଘଦିନ ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିବେ ଏଥିରେ ସନ୍ଦେହର ଅବକାଶ ନାହିଁ।

### ଏହା ମୋ ଭାଗ୍ୟରେ ଥିଲା: ଦିବ୍ୟା



ବାଟୁମି,୨୮ ।୭ (ଏଜେନ୍ସି): ଏଠାରେ ତାଙ୍କଠାରୁ ଦୁଇଗୁଣା ବୟସ କୋନେରୁ ହମ୍ପିଙ୍କୁ ହରାଇ ୧୯ ବର୍ଷୀୟା ଦିବ୍ୟା ଏକାଥରକେ ଚେସ୍ ବିଶ୍ୱକପ୍ ଚାମ୍ପିଅନ ହେବା ସହ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିଛନ୍ତି। ଓପନ ବା ପୁରୁଷ ବିଭାଗରେ ଗ୍ରାଣ୍ଡମାଷ୍ଟର ହେବାରେ ସେ ଭାରତର ମାତ୍ର ଚତୁର୍ଥ ମହିଳା। 'ଏ ସବୁ ସଫଳତା ଏକ ସଙ୍ଗେ ପାଇବା ମୋ ଭାଗ୍ୟରେ ଥିଲା' ବୋଲି କହିଛନ୍ତି ମହାରାଷ୍ଟ୍ର ନାଗପୁରର ଏହି ଖେଳାଳି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ମୋ ନାମରେ ଗୋଟିଏ ହେଲେ ଜିଏମ୍ ନର୍ମ ନ ଥିଲା। ଏବେ ମୁଁ ଗ୍ରାଣ୍ଡମାଷ୍ଟର। କିନ୍ତୁ ବିଶ୍ୱକପ୍ ଜିତିବା ପରେ ଏକାଥରକେ ଦୁଇଟି ସଫଳତା ପାଇବା ମୋର ବିଶ୍ୱାସ ହେଉନି ବୋଲି ପ୍ରଥମ ପ୍ରତିକ୍ରିୟା ଦେଇ ସେ କହିଛନ୍ତି। ଏହି ସଫଳତା ସହ ଏବେ ଖାପ ଖୁଆଇବାକୁ ହେବ। ମୁଁ ସଫଳତା ପାଇବା ପରେ ପରିବାରରେ ବିଶ୍ୱାସ ଜନ୍ମାଇବା ପର୍ଯ୍ୟାପ୍ତ ହେବ। ଏବେ ମୋତେ ସମସ୍ତ ପ୍ରକାର ସହଯୋଗ ମିଳିବ ବୋଲି ଦିବ୍ୟା ଆତ୍ମବିଶ୍ୱାସର ସହ କହିଛନ୍ତି। ଫାଇନାଲରେ ଜିତିବା ପରେ ଦିବ୍ୟା କାନ୍ଦି ପକାଇଥିଲେ। ଏହା ପରେ ସେ ତାଙ୍କ ମା'ଙ୍କୁ କୁଣ୍ଢାଇଧରି ଭୋ ଭୋ କାନ୍ଦିଥିଲେ ଓ ଏହା ପରେ ପ୍ରକୃତିସ୍ଥ ହୋଇ ପ୍ରତିକ୍ରିୟା ଦେଇଥିଲେ।

**ଅଲ୍‌ଓଡ଼ିଶା ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟ**

## ଅନମୋଲ୍‌ଙ୍କୁ ଡବଲ୍ ଟାଇଟଲ୍



ଭୁବନେଶ୍ୱର,୨୮ ।୭ (ସମିସ): ଅଲ୍‌ଓଡ଼ିଶା ପିକଲ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଅନମୋଲ୍ ଦାଶ ଡବଲ୍ ଟାଇଟଲ୍ ବିଜୟୀ ହୋଇଛନ୍ତି। ପାହାଳସ୍ଥିତ ଏସ୍‌ଏସ୍ ପିକଲ୍‌ବଲ୍ ଏକାଡେମୀରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅନମୋଲ୍ ପୁରୁଷ ଓପନ୍ ଡବଲ୍ସ ଓ ମିଶ୍ରିତ ଡବଲ୍ସରେ ଚାମ୍ପିଅନ୍ ହୋଇଛନ୍ତି। ପୁରୁଷ ଡବଲ୍ସରେ ସେ ଯଶରାଜ ନାୟକ ଓ ମିଶ୍ରିତରେ ପ୍ରସିଦ୍ଧି ପୋଦ୍ଦାରଙ୍କୁ ସାଥୀ କରି ଖେଳିଥିଲେ। ଓଡ଼ିଶା ପିକଲ୍‌ବଲ୍ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ବୟସବର୍ଗର ୪୦ରୁ ଊର୍ଦ୍ଧ୍ୱ ଯୁବ ଖେଳାଳି ଅଂଶଗ୍ରହଣ କରି ଅଭିଜ୍ଞତା ହାସଲ କରିଥିଲେ।

## ଦୁଲୀପ୍ ଟ୍ରଫି: ତିଲକଙ୍କୁ ଦକ୍ଷିଣାଞ୍ଚଳର ନେତୃତ୍ୱ

ନୂଆଦିଲ୍ଲୀ, ୨୮ ।୭ (ଏଜେନ୍ସି): ଆସନ୍ତା ମାସରେ ଦୁଲୀପ୍ ଟ୍ରଫିରୁ ବିସିସିଆଇର ୨୦୨୫-୨୬ ଘରୋଇ ସିଜନ ଆରମ୍ଭ ହେବ। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଲାଗି ଦକ୍ଷିଣାଞ୍ଚଳ ଦଳ ଘୋଷଣା କରାଯାଇଛି। ନିର୍ଭରଯୋଗ୍ୟ ବ୍ୟାଟର୍ ତିଲକ୍ ବର୍ମାଙ୍କୁ ଦଳର ନେତୃତ୍ୱ ଭାର ଦିଆଯାଇଛି। ଗତ ରଣଜୀ ଟ୍ରଫିରେ ରନର୍ସଅପ୍ ରହିଥିବା କେରଳର ୪ଜଣ ଖେଳାଳି ଦକ୍ଷିଣାଞ୍ଚଳ ଦଳରେ ସ୍ଥାନ ପାଇଛନ୍ତି। ୨୨ ବର୍ଷୀୟ ବାମହାତୀ ବ୍ୟାଟର୍ ତିଲକ ବର୍ତ୍ତମାନ ଇଂଲଣ୍ଡରେ ହାମ୍ପଶାୟର ପକ୍ଷରୁ କାଉଣ୍ଟି କ୍ରିକେଟ୍ ଖେଳୁଛନ୍ତି। ଏଥିରେ ସେ ୪ଟି ପାଳିରେ ଯଥାକ୍ରମେ ୧୦୦, ୫୬, ୪୭ ଓ ୧୧୨ ରନ କରିଛନ୍ତି। ଚଳିତ ବର୍ଷ ଦୁଲୀପ୍ ଟ୍ରଫି ଜୋନାଲ୍ ଫର୍ମାଟ୍‌କୁ ଫେରିଛି।

## ବ୍ୟାଡ୍‌ମିଣ୍ଟନ କୋର୍ଟରେ ଟଳି ପଡ଼ିଲେ ଖେଳାଳି

ହାଇଦରାବାଦ୍, ୨୮ ।୭ (ଏଜେନ୍ସି): ହାଇଦରାବାଦ୍‌ର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବ୍ୟାଡ୍‌ମିଣ୍ଟନ ଖେଳୁଥିବାବେଳେ ଜଣେ ୨୫ ବର୍ଷୀୟ ଯୁବକଙ୍କ ହୃଦ୍‌ଘାତରେ ବିୟୋଗ ଘଟିଛି। ସ୍ଥାନୀୟ ନାଗୋଲି ଷ୍ଟାଡିୟମରେ ସକାଳ ୮ଟାରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ମୃତ ଯୁବକଙ୍କ ନାମ ଗୁଣ୍ଡଲା ରାକେଶ। ସିସିଟିଭି ଫୁଟେଜରୁ ଜଣାପଡ଼ିଛି ଯେ, ରାକେଶ ଡବଲ୍ସ ଇଭେଣ୍ଟରେ ମ୍ୟାଚ୍ ଖେଳୁଥିଲେ। ତଳେ ପଡ଼ିଥିବା ସଟଲକକ୍ ଉଠାଇବାବେଳେ ସେ ଚେତାଶୂନ୍ୟ ହୋଇ ବ୍ୟାଡ୍‌ମିଣ୍ଟନ କୋର୍ଟରେ ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ସାଥୀ ଖେଳାଳି ରାକେଶଙ୍କୁ ସିପିଆର୍ ଦେବାକୁ ଚେଷ୍ଟା କରିଥିଲେ। ଏଥିରେ ସେମାନେ ସଫଳ ନହେବାରୁ ସ୍ଥାନୀୟ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଗତ ମାସରେ ପଞ୍ଜାବରେ କ୍ରିକେଟ୍ ଖେଳୁଥିବାବେଳେ ଜଣେ ଖେଳାଳି ଛକା ମାରିବା ପରେ ସମାନ ଭାବେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଭାଗନେବେ ଟିକି, ମୀନା



ଭୁବନେଶ୍ୱର, ୨୮ ।୭ (ସମିସ): ଗୁଜରାଟରରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପ୍ କିସ୍ ବିଶ୍ୱବିଦ୍ୟାଳୟର ଦୁଇ ଛାତ୍ରୀ ଟିକି ମୋହିନୀ ମଲ୍ଲିକ ଓ ମୀନା ସାନ୍ତା ଭାଗନେବେ। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଥିବା ଟିକି ୬୪ କିଗ୍ରା ବିଭାଗରେ ଓ ମୀନା ୫୫ କିଗ୍ରା ବିଭାଗରେ ଅଂଶଗ୍ରହଣ କରିବେ। ଉଭୟ ଟିକି ଓ ମୀନା ବର୍ତ୍ତମାନ କିସ୍ ବିଶ୍ୱବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି। ଭାରତୀୟ ଦଳ ପକ୍ଷରୁ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିବାରୁ ଉଭୟଙ୍କୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି। ଅଗଷ୍ଟ ୨୪ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ସମ୍ମାନଜନକ ପ୍ରତିଯୋଗିତା ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ହେବ।

**୧୫ ଓଭର ପୂର୍ବରୁ ମ୍ୟାଚ୍ ଡ୍ର ରଖିବାକୁ ପ୍ରସ୍ତାବ**

# ଷ୍ଟୋକ୍ସ ଓ ଇଂଲଣ୍ଡ ଦଳକୁ ସମାଲୋଚନା

ଲଣ୍ଡନ,୨୮ ।୭ (ଏଜେନ୍ସି)

ଓଲ୍ଡ ଟ୍ରାଫୋର୍ଡରେ ଗତକାଲି ଭାରତ ଓ ଇଂଲଣ୍ଡ ମଧ୍ୟରେ ଶେଷ ହୋଇଥିବା ଚତୁର୍ଥ ଟେଷ୍ଟରେ ଡ୍ର ରହିଥିଲା। କିନ୍ତୁ ଏହି ଟେଷ୍ଟରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବ୍ୟବହାରକୁ ନେଇ ସବୁଆଡୁ ସମାଲୋଚନା ହୋଇଛି। ୫ମ ଦିନ ଖେଳ ଶେଷହେବାକୁ ଆଉ ୧୫ ଓଭର ଥିଲା। ଭାରତ ୪ ୱିକେଟରେ ୩୮୬ ରନ୍ କରିଥିଲାବେଳେ ସହଜରେ ଇଂଲଣ୍ଡ ବୋଲରଙ୍କୁ ମୁକାବିଲା କରୁଥିବା ଜାଡେଜା ୮୯ ଓ ୱାଶିଂଟନ ସୁନ୍ଦର ୮୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଏହି ସମୟରେ ମ୍ୟାଚ୍ ଡ୍ର ରଖିବାକୁ ଷ୍ଟୋକ୍ସ ପ୍ରସ୍ତାବ ଦେଇ ଜାଡେଜାଙ୍କୁ ହ୍ୟାଣ୍ଡସେକ କରିବାକୁ କହିଥିଲେ। କିନ୍ତୁ ଜାଡେଜା ଓ ସୁନ୍ଦର ଏହାକୁ ଅଗ୍ରାହ୍ୟ କରିଥିଲେ ଓ ଉଭୟ ଖେଳାଳି ଶତକ ହାସଲ କରିବା ପରେ ମ୍ୟାଚ୍ ଶେଷ ହୋଇଥିଲା। ଷ୍ଟୋକ୍ସଙ୍କ ଏଭଳି ସମୟରେ ପ୍ରସ୍ତାବକୁ ଇଂଲଣ୍ଡ ଅଧିନାୟକ ନାସେର ହୁସେନଙ୍କ ସହ ଭାରତୀୟମାନେ ସମାଲୋଚନା କରିଛନ୍ତି। ହୁସେନଙ୍କ ମତରେ ଇଂଲଣ୍ଡ ଦଳ ଏତେ ସମୟ କ୍ରିଜ୍‌ରେ ରହି କ୍ଲାନ୍ତ ହୋଇ ପଡ଼ିଥିବା ସ୍ୱାଭାବିକ୍। କିନ୍ତୁ ପ୍ରତିପକ୍ଷ ଦଳର ଖେଳାଳିମାନେ ମାଇଲଷ୍ଟୋନ୍‌ରେ ପହଞ୍ଚିବା ସମୟରେ ଏଭଳି ପ୍ରସ୍ତାବ ଦେବା ଟିକେ ପିଲାଳିଆମୀ ମନେ ହେଉଛି। ପରେ ଷ୍ଟୋକ୍ସ 'ଡୁ ୟୁ ୱାଣ୍ଟ ଟୁ ଗେଟ ହଣ୍ଡ୍ରେଡ ଅଫ୍ ବ୍ରୁକ୍' କହୁଥିବାର ଷ୍ଟମ୍ପ ମାଇକ୍ରୋଫୋନ୍‌ରୁ ଜଣା ପଡ଼ିଥିଲା। ଏହା ପରେ ବ୍ରୁକ୍ ବୋଲିଂ କରିଥିଲେ ଓ ଜାଡେଜା ଶତକ ହାସଲ କରିଥିଲେ। କିନ୍ତୁ କ୍ରିକେଟ ଖେଳ କିଛି ନିୟମ ଅନୁସାରେ ଚାଲିଛି। ଇଂଲଣ୍ଡ ଖେଳାଳିଙ୍କ ମନଇଚ୍ଛାରେ ନୁହେଁ ବୋଲି ଭାରତୀୟ ଖେଳାଳି ଆକାଶ ଚୋପ୍ରା କହିଛନ୍ତି। ସେ ତାଙ୍କ ପୋଷ୍ଟରେ ଷ୍ଟୋକ୍ସଙ୍କ କ୍ରାଏବେବିଜ୍ ଫଟୋ ମଧ୍ୟ ପୋଷ୍ଟ କରିଛନ୍ତି। ଇଂଲଣ୍ଡ ଦଳ ନୈତିକତା ଦୃଷ୍ଟିରୁ ଏପରି କରିଥିଲେ ବୋଲି ସଫେଇ ଦିଆଯାଇଛି। ସେ ଯାହା ହେଉ ଯେଉଁଭଳି ସମୟରେ ଏହା କରିଥିଲେ ତାହା ଆଦୌ ଗ୍ରହଣୀୟ ନୁହେଁ ବୋଲି ଭାରତୀୟମାନେ କହିଛନ୍ତି।

ଭାରତର ପୂର୍ବତନ ଅଧିନାୟକ ସୁନୀଲ ଗାଭାସ୍କରଙ୍କ ମତରେ ଷ୍ଟୋକ୍ସ ଯଦି ଏପରି କିଛି ଚାହୁଁଥିଲେ ତେବେ ଇଂଲଣ୍ଡ ଦଳର ପ୍ରଥମ ଇନିଂସ ଆଗରୁ କାହିଁକି ଘୋଷଣା କରୁ ନ ଥିଲେ। ଏହାର ଅର୍ଥ ଭାରତୀୟଙ୍କୁ ଚାପରେ ରଖି ଏହି ମ୍ୟାଚ୍‌କୁ ସହଜରେ ଜିତିବା ତାଙ୍କର ରଣନୀତି ଥିଲା। ଏହା ଯେତେବେଳେ ସଫଳ ନ ହେଲା, ସେତେବେଳେ ଡ୍ର ପ୍ରସ୍ତାବ ଦେବା ଆଦୌ ଯୁକ୍ତିଯୁକ୍ତ ନୁହେଁ ବୋଲି ସେ କହିଛନ୍ତି। ଜୁଲାଇ ୩୧ରେ ପଞ୍ଚମ ଟେଷ୍ଟ ଅନୁଷ୍ଠିତ ହେବ। ଚତୁର୍ଥ ଓ ପଞ୍ଚମ ଟେଷ୍ଟ ମଧ୍ୟରେ ୩ ଦିନ ଫାଙ୍କା ଥିବାରୁ ଉଭୟ ଦଳର ଖେଳାଳିମାନେ ପର୍ଯ୍ୟାପ୍ତ ବିଶ୍ରାମ ପାଇପାରିବେ ନାହିଁ।



**୩୧ରୁ ପଞ୍ଚମ ଟେଷ୍ଟ**

## ଇଂଲଣ୍ଡ ଦଳରେ ଓଭର୍‌ଟନ୍, ପନ୍ତ୍‌ଙ୍କ ସ୍ଥାନରେ ଜଗଦୀଶନ

ଲଣ୍ଡନ,୨୮ ।୭ (ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଲାଗି ଉଭୟ ଦଳ ଜଣେ ଲେଖାଏଁ ଖେଳାଳି ପରିବର୍ତ୍ତନ କରିଛନ୍ତି। ଘରୋଇ ଦଳ ତାହାର ପେସ୍ ବୋଲିଂ ଅଲରାଉଣ୍ଡର ଜାମି ଓଭରଟନଙ୍କୁ ଦଳରେ ସାମିଲ କରିଛି। ସେହିପରି ଭାରତୀୟ ଦଳର ଆହତ ୱିକେଟରକ୍ଷକ ଋଷଭ ପନ୍ତଙ୍କ ସ୍ଥାନରେ ତାମିଲନାଡୁର ୱିକେଟରକ୍ଷକ ଏନ୍ ଜଗଦୀଶନଙ୍କୁ ସାମିଲ କରଯାଇଛି। ଜଗଦୀଶନ ରବିବାର ଟିମ୍ ସହ ଯୋଗଦେଇଛନ୍ତି। ସାହସିକ ଖେଳ ପ୍ରଦର୍ଶନ କରି ଚତୁର୍ଥ ଟେଷ୍ଟକୁ ଡ୍ର ରଖିଥିବା ଭାରତୀୟ ଦଳରେ ପଞ୍ଚମ ଟେଷ୍ଟ ଲାଗି ଏକାଧିକ ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି। ୱିକେଟ ରକ୍ଷକ ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲ ପଞ୍ଚମ ଟେଷ୍ଟ ଖେଳିବେ। ସେହିପରି ଦୁଇ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଶାର୍ଦ୍ଦୁଳ ଠାକୁର/ ଅଂଶୁଲ କାମ୍ବୋଜଙ୍କୁ ଏହି ଟେଷ୍ଟ ଖେଳିବାରୁ ବଞ୍ଚିତ ହେବାକୁ ପଡ଼ିପାରେ। ଏମାନଙ୍କ ସ୍ଥାନରେ ଭାରତ ଦୁଇ ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସୁଯୋଗ ଦେଇପାରେ। ଅନ୍ୟ ଟେଷ୍ଟ ପରି ପଞ୍ଚମ ଟେଷ୍ଟ ଖେଳାଯିବାକୁ ଥିବା ପିଚ୍ ଯଦି ଫ୍ଲାଟ ରୁହେ ତେବେ ଅର୍ଶଦୀପ ଓ କୁଲଦୀପ ସିଂହ ଶେଷ ଟେଷ୍ଟରେ ଖେଳିବାର ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ। ବୁମ୍‌ରା ଖେଳିଲେ ମଧ୍ୟ ଅର୍ଶଦୀପଙ୍କୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS